

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୯ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 29 May 2026
Vol.No. 36 ■ No.140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଦୁର୍ନୀତିଗ୍ରସ୍ତ ବିଚାରପତି ଆଗରୁ ମଧ ଥିଲେ ଓ ଏବେବି ଅଛନ୍ତି: ମାଡ୍ରାସ୍ ହାଇକୋର୍ଟ



ନୂଆଦିଲ୍ଲୀ,୨୮/୫ : ନ୍ୟାୟପାଳିକା ଓ ବିଚାରପତି ଦୁର୍ନୀତିଗ୍ରସ୍ତ ହେବା ସମ୍ପର୍କରେ ମାଡ୍ରାସ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି। ନ୍ୟାୟପାଳିକାରେ ଦୁର୍ନୀତି ଥିବା କଥାକୁ କେହି ଖଣ୍ଡନ କରିପାରିବେ ନାହିଁ, ଦୁର୍ନୀତିଗ୍ରସ୍ତ ବିଚାରପତି ଆଗରୁ ମଧ ଥିଲେ ଓ ଏବେବି ଅଛନ୍ତି ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି। ଏକ ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟ ଏପରି ଚକିତ କରିଦେବା ପରି କଥା କହିଛନ୍ତି। ଏହାସହିତ ଟ୍ରାଏଲ କୋର୍ଟରେ ଥିବା ଦୁର୍ନୀତି ଉପରେ ଆଧାରିତ ତାମିଲ ଚଳଚ୍ଚିତ୍ର 'କରୁପ୍ପୁ' ଉପରେ ପ୍ରତିବନ୍ଧ ଲଗାଇବାକୁ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି । ସୂଚନାଯୋଗ୍ୟ, ମାଡ୍ରାସ୍ ହାଇକୋର୍ଟରେ ଆର. ଏସ୍. ତାମିଲବେଦମ୍ ନାମକ ଜଣେ ଓକିଲ 'କରୁପ୍ପୁ' ଫିଲ୍ମ ଉପରେ ରୋକ୍ ଲଗାଇବାକୁ ଏକ ଆବେଦନ ଦାୟର କରିଥିଲେ। ଆବେଦନକାରୀ ଅଭିଯୋଗ କରିଥିଲେ ଯେ, ଆରଜେ ବାଲାଜୀଙ୍କ ନିର୍ଦ୍ଦେଶିତ ଓ ସୁପରଷ୍ଟାର ସୂର୍ଯ୍ୟା ଓ ତ୍ରିଷା ଅଭିନୀତ ଫିଲ୍ମ 'କରୁପ୍ପୁ' ରେ କୋର୍ଟ ଓ ଆଇନ ବ୍ୟବସ୍ଥା ଅତ୍ୟନ୍ତ ଆପତ୍ତିଜନକ ଭାବେ ଚିତ୍ରଣ କରାଯାଇଛି। ଫିଲ୍ମ ପୂରା ନ୍ୟାୟିକ ବ୍ୟବସ୍ଥାକୁ ବଦନାମ କରୁଛି। ତେବେ ଆବେଦନକୁ ପୂରାପୂରି ଖାରଜ କରି ବିଚାରପତି ଜଷ୍ଟିସ ଜି.ଆର. ସ୍ୱାମୀନାଥନ ଓ ଜଷ୍ଟିସ ବି ଲକ୍ଷ୍ମୀନାରାୟଣଙ୍କ ଖଣ୍ଡପୀଠ କହିଛନ୍ତି ଯେ, ନ୍ୟାୟପାଳିକାରେ ଦୁର୍ନୀତି ଥିବା କଥାକୁ ପୂରାପୂରି ଖଣ୍ଡନ କରାଯାଇପାରିବ ନାହିଁ । ମେ ୨୭ରେ ପ୍ରକାଶିତ ତାଙ୍କ ଆଦେଶରେ ହାଇକୋର୍ଟ କହିଛନ୍ତି, ଏହି କଥାକୁ କେହି ଖଣ୍ଡନ କରିପାରିବେ ନାହିଁ ଯେ, ନ୍ୟାୟପାଳିକାରେ ଦୁର୍ନୀତି ନାହିଁ। ଦୁର୍ନୀତିଗ୍ରସ୍ତ ବିଚାରପତି ପୂର୍ବରୁ ମଧ ଥିଲେ ଓ ଆଜି ମଧ ଅଛନ୍ତି। ବିଚାରପତିଙ୍କୁ 'ପବିତ୍ର ଗାଈ' ପରି ବ୍ୟବହାର କରାଯିବାର ଆବଶ୍ୟକତା ନାହିଁ।

◆◆ପୃଷ୍ଠା ୭

## ଓଡ଼ିଶା ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୨୭/୫ (ନି.ପ୍ର): ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଭୁବନେଶ୍ୱରରେ ଅନୁଷ୍ଠିତ ଏବିଭିପିର ଜାତୀୟ କାର୍ଯ୍ୟକାରିଣୀରେ ସ୍ପଷ୍ଟ କଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବେ ପ୍ରଧାନମନ୍ତ୍ରୀ । ଅଭିଭାଷଣରେ ଏ ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୁଁ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ଦେଇଥିଲି । ଗତ କାଲି ଏନେଇ ସବୁଜ ସଂକେତ ମିଳିଛି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ । ନିରାଡମ୍ବର ଭାବେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ । ୧୨ରୁ ୨୧ ଜୁନ୍ ପର୍ଯ୍ୟନ୍ତ ପାଳନ କରାଯିବ । ଉତ୍ସବ ପରିବର୍ତ୍ତେ ତଥ୍ୟ ପ୍ରସାର ଉପରେ ଅଧିକ ଫୋକସ । ସରକାରଙ୍କ ଉପଲବ୍ଧି ଲୋକଙ୍କ ପାଖରେ ପହଞ୍ଚାଇବା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

## ରାଜ୍ୟରେ ୨ ମାସ ହେଲା ମିଳୁନି ଭତ୍ତା: ଟିପ ଚିହ୍ନ ଆଉ ଆଖି ସ୍କାନ ଚକ୍କରରେ ନାକେଦମ ୫୭ ଲକ୍ଷ ଅସହାୟ

ଭୁବନେଶ୍ୱର, ୨୮/୫ (ନି.ପ୍ର): ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ କେନ୍ଦୁଝରର ଜିତୁ ମୁଣ୍ଡା ଭଉଣୀର କଙ୍କାଳ ବୋହିବା ଘଟଣା ଓଡ଼ିଶାକୁ ନିନ୍ଦିତ କରିଥିଲା । ପ୍ରଶାସନର ସ୍ଥାଣୁତାକୁ ନେଇ ପ୍ରଶ୍ନ ଉଠିଥିଲା। ଜନ ସେବା ଅଧିନିୟମ କାର୍ଯ୍ୟକାରିତାକୁ ନେଇ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା । ହେଲେ ଏଥିରୁ ଯେମିତି କେହି କିଛି ଶିଖିଲେନି । ଏବେ ୨ମାସ ହେବ ଭତ୍ତା ଟଙ୍କା ମିଳିନଥିବାରୁ ପଂଚାୟତ, ବ୍ଲକ ଓ ବ୍ୟାଙ୍କରେ ଲାଗୁଛି ଶହ ଶହ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମଙ୍କ ଗହଳି । କେବେ ଭତ୍ତା ଟଙ୍କା ମିଳିବ ସେ ନେଇ କାହା ପାଖରେ ନାହିଁ ସଠିକ୍ ଉତ୍ତର । ୨ମାସ ହେଲା ବ୍ୟାଙ୍କ ଆକାଉଣ୍ଟକୁ ଆଉ ଟଙ୍କା ଆସୁନି । ପଂଚାୟତ, ବ୍ଲକ ଓ ବ୍ୟାଙ୍କକୁ ନିଇତି ଦଉଡୁଛନ୍ତି । ଭତ୍ତା ଟଙ୍କାରେ ଔଷଧଠାରୁ ଆରମ୍ଭ କରି ବଂଚିବା ପାଇଁ ସାହାରା ସାଜିଥିବାରୁ ସେମାନଙ୍କ ନିଦ ହଜି ଯାଇଛି । ବାଧ ହୋଇ କିଏ ଚାଲି ଚାଲି ପଂଚାୟତ ଅଫିସକୁ ଧାଉଁଛି ତ ଆଉ କିଏ ଅଟୋ ଭଡା କରି ଭତ୍ତା ପାଇଁ ଦଉଡୁଛନ୍ତି । କିନ୍ତୁ ଯେଉଁଠିକୁ ଗଲେ ବି ତୁମର ଟିପ ଚିହ୍ନ, ଆଖି ସ୍କାନ ସବୁ ବଦଳିଯାଇଛି ବୋଲି କହି ଫେରାଇ ଦେଉଛନ୍ତି । ମାନସିକ ବିକାରଗ୍ରସ୍ତ, ଶଯ୍ୟାଶାୟୀଙ୍କ ଅବସ୍ଥା ଆହୁରି ସାଂଘାତିକ । ଭତ୍ତା ପାଇଁ ଏତେ ଲୋକ ଅସୁବିଧାର ସମ୍ମୁଖୀନ ହେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସମାଜସେବୀ ଜଗଦାନନ୍ଦ । କହିଛନ୍ତି, ଭତ୍ତା ପାଇବାକୁ ଯୋଗ୍ୟ ହିତାଧିକାରୀକୁ ଉପଯୁକ୍ତ ପ୍ରମାଣ ପତ୍ର ଦେବାକୁ ହୁଏ । ଏହା ସତ୍ତ୍ୱେ ଯଦି ଭତ୍ତାରେ ଅସୁବିଧା ହେଉଛି ତେବେ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବିଶେଷ ଭାବେ ଭତ୍ତା ଏବଂ ଭିନ୍ନକ୍ଷମ ଭତ୍ତା ଓଡ଼ିଶା ପବ୍ଲିକ ସର୍ଭିସ ଆକ୍ଟ ଅଧୀନରେ ଆଣିବାକୁ ଦାବି କରିଛନ୍ତି । ରାଜ୍ୟର ୫୭ଲକ୍ଷ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି । ସେମାନଙ୍କ ମଧ୍ୟରୁ ୧୫ଲକ୍ଷରୁ ଅଧିକ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଅନଲାଇନରେ ଟଙ୍କା ଆସିଥାଏ ।

## ସିକିମ ପୋଲିସକୁ ରାଷ୍ଟ୍ରପତିଙ୍କ ପୁଲିସ କଲର ପ୍ରଦାନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୮/୫ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିକିମ ପୋଲିସକୁ ରାଷ୍ଟ୍ରପତିଙ୍କ ପୁଲିସ କଲର ପ୍ରଦାନ କରିଛନ୍ତି। ଗୁରୁବାର ଦିନ ରାଜଧାନୀ ଗ୍ୟାଙ୍ଗଟକର ପାଲଜୋର ଷ୍ଟାଡିୟମରେ ଆୟୋଜିତ ଏକ ଭବ୍ୟ ସମାରୋହ ମଧ୍ୟରେ ରାଷ୍ଟ୍ରପତି ସିକିମ ପୋଲିସକୁ ଏହି ଅଳଙ୍କରଣ ପ୍ରଦାନ କରିଥିଲେ। ଆଇନ ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ସିକିମ ପୋଲିସର ଆଧୁନିକୀକରଣ ଏବଂ ନବୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିକିମ ପୋଲିସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇବାରେ ସିକିମ ଦେଶର ୧୫ତମ ରାଜ୍ୟ ହୋଇପାରିଛି।

## ପ୍ରଭାବହୀନ ହେଉଛି ଆଞ୍ଚଳିକ ଦଳ: ଜଣକ ପରେ ଜଣେ ନେତା ଛାଡୁଛନ୍ତି ଦଳ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୮/୫ : ପୂର୍ବ ଭାରତ ରାଜନୀତିରେ ପାଚେରୀ ଭଳି ଛିଡ଼ା ହୋଇଥିଲେ ଭାଇ-ଭଉଣୀ । ବର୍ଷ ବର୍ଷ ଧରି ଜାତୀୟ ଦଳକୁ ଧୂଳି ଚଟାଉଥିଲେ। ହେଲେ କ୍ଷମତା ଯିବା ପରେ ନିଜର ଅସ୍ତିତ୍ୱକୁ ବଂଚାଇବାକୁ ଅଗ୍ନିପରୀକ୍ଷା ଦେଉଛନ୍ତି। ହଁ ଆମେ ନବୀନ ପଟ୍ଟନାୟକ ଓ ମମତା ବାନାର୍ଜୀଙ୍କ କଥା ହିଁ କହୁଛୁ । ଏକଦା ଦେଶର ରାଜନୈତିକ ଦୃଶ୍ୟପଟ୍ଟରେ ଥିଲେ ଦୁଇ ଧୁରନ୍ଧର । ନବୀନ ଓ ମମତାଙ୍କ ଆଗରେ ମାତ୍? ଖାଉଥିଲେ ପ୍ରତିପକ୍ଷ । ଜଣେ ୨୪ବର୍ଷ ଧରି ଓଡ଼ିଶାର ଶାସନ ଗାଦିରେ ବସିଥିଲେ; ଆଉ ଜଣେ ୧୫ବର୍ଷ ଧରି ବଙ୍ଗରେ କରୁଥିଲେ ନିରଙ୍କୁଶ ଶାସନ । ହେଲେ ସତ୍ତା ପଲଟିଯିବା ପରେ ନିଜ ଦଳକୁ ସମ୍ଭାଳିବା ଏମାନଙ୍କ ପାଇଁ ବେଶ ଚ୍ୟାଲେଂଜ ହୋଇପଡିଛି । ଏବେ ଉଭୟ ଆଞ୍ଚଳିକ ଦଳର ସମଦଶା । ଦୁଇ ବର୍ଷ ପୂର୍ବରୁ ବିଜେଡିରେ ନେତା ହାଉଜାଉ ହେଉଥିଲେ। ଦଳର ଟିକେଟ ପାଇଁ ଲମ୍ବା ଲାଇନ ଲାଗୁଥିଲା। ଏବେ ସେ ସ୍ଥିତି ନାହିଁ । ବିଜେଡିରେ ନେତା ସଂକଟ ଜଳଜଳ। କ୍ଷମତାରୁ ଯିବା ପରେ ଦଳ ଛାଡୁଛନ୍ତି ସାଂସଦ, ବିଧାୟକ, ନେତା, କର୍ମୀ । ବିଜେଡିର ଅଭେଦ୍ୟ ଦୁର୍ଗ ଧୀରେ ଧୀରେ ଧରାଶାୟୀ ହେଉଛି । ନିଇତି ଧାଡ଼ି କରି ନେତା ବିଜେପିରେ ସାମିଲ ହେଉଛନ୍ତି । ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଦଳରୁ ବିଦା ହୋଇଥିଲେ ୮ ବିଧାୟକ । ଦଳର ସୁପ୍ରିମୋ କହିଲେ, କିଛି ବି ପ୍ରଭାବ ପଡ଼ିବ ନାହିଁ। ଦଳ ନୂଆ ନେତା ସାମନାକୁ ଆଣିବ ବୋଲି ବି ସୂଚନା ଦେଲା।

◆◆ପୃଷ୍ଠା ୭

## ଚଳିତ ବର୍ଷରୁ ଓଡ଼ିଆରେ ପଢ଼ା ହେବ +୨ ବିଜ୍ଞାନ

ଭୁବନେଶ୍ୱର, ୨୮/୫ (ନି.ପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତି କ୍ରମେ ଓଡ଼ିଶା ଅଧ୍ୟୟନ ଓ ଗବେଷଣା ସଂସ୍ଥାଦ୍ୱାରା ପ୍ରସ୍ତୁତ +୨ ବା ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀମାନଙ୍କଠାରେ ବିଜ୍ଞାନ ପଢ଼ିବା ପାଇଁ ଉତ୍ସାହ ସୃଷ୍ଟି କରିଛି । ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ସାତ ଶହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଠାଗାରକୁ ଓଡ଼ିଆରେ ରଚିତ ବିଜ୍ଞାନ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହିତ ଅଧକ୍ଷ ଓ ବିଜ୍ଞାନ ଶିକ୍ଷକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ଗବେଷକ ଓ ବରିଷ୍ଠ ଅଧିକାରୀମାନେ ପ୍ରତି ଜିଲ୍ଲାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଓଡ଼ିଆ ଭାଷାରେ ବିଜ୍ଞାନ ଶିକ୍ଷାର ଉପାଦେୟତା ଓ ଆବଶ୍ୟକତା ସଂପର୍କରେ ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନା କରିଥିଲେ ।

◆◆ପୃଷ୍ଠା ୭

## ସିବିଏସ୍ଇ ବିବାଦ ପାଇଁ ଧର୍ମେନ୍ଦ୍ର ପ୍ରଧାନ ଦାୟୀ: ରାହୁଲ ଗାନ୍ଧୀ

### ଓଏସ୍ଏମ୍ ଅସଙ୍ଗତି ପାଇଁ ମୁଁ ଦାୟୀ, ଏହାର ସମାଧାନ କରାଯିବ: କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ,୨୮/୫ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍ଏମ୍) ସିଷ୍ଟମକୁ ନେଇ ବିବାଦ ପାଇଁ ସିଧାସଳଖ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାୟୀ କରିଛନ୍ତି । ଗୁରୁବାର ଦିନ ଏକ ସୋସିଆଲ ମିଡିଆ ପୋଷ୍ଟରେ ରାହୁଲ କହିଛନ୍ତି ଯେ ଏହି ମାମଲାର ତଦନ୍ତ ହୋଇଛି କି ନାହିଁ, ଉଭୟ ମାମଲାରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଧାସଳଖ ଦାୟୀ । ଯଦି ପ୍ରଧାନମନ୍ତ୍ରୀ ଛାତ୍ରମାନଙ୍କ ବିଷୟରେ ଚିନ୍ତିତ ଥାଆନ୍ତେ, ତେବେ ସେ ମନ୍ତ୍ରୀଙ୍କୁ ବହୁ ପୂର୍ବରୁ ହଟାଇ ଦେଇଥାନ୍ତେ । କ୍ରମାଗତ ନିର୍ବାଚନ ପରାଜୟକୁ ନେଇ ଧର୍ମେନ୍ଦ୍ର ପ୍ରଧାନଙ୍କ ହତାଶା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ପ୍ରଧାନ ତାଙ୍କୁ ଯେତେ ଆକ୍ରମଣ କଲେ ମଧ ଏହା ତାଙ୍କୁ ୧୮୫ ନିୟୁତ ଛାତ୍ରଙ୍କ ଉତର ମାଗିବାରେ ଅଟକାଇବ ନାହିଁ । ରାହୁଲ ସିବିଏସ୍ଇର ଅନ୍-ସ୍କ୍ରିନ୍ ମୂଲ୍ୟାଙ୍କନ ପ୍ରଣାଳୀ ପାଇଁ କମ୍ପାନୀ ଦ'କମ୍ପେଟ୍ଦ' କୁ ଚୁକ୍ତିନାମା ପ୍ରଦାନ କରିବା ଉପରେ ପ୍ରଶ୍ନ ଉଠାଇଥିଲେ, ଯାହା ପୂର୍ବରୁ ଦ'ଗ୍ଲୋବରେନାଦ' ନାମରେ ବିବାଦରେ ରହିଥିଲା । କାହା ନିର୍ଦ୍ଦେଶରେ ଏହା କରାଯାଇଥିଲା, କାହିଁକି କୌଣସି ପୃଷ୍ଠଭୂମି ଯାଂଚ କରାଯାଇ ନଥିଲା ଏବଂ ସରକାରଙ୍କ ସହ କମ୍ପାନୀ ମ୍ୟାନେଜମେଂଟର ସମ୍ପର୍କ କ'ଣ ବୋଲି ସେ ପଚାରିଥିଲେ। ଏହାପୂର୍ବରୁ, ସିବିଏସ୍ଇ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ପ୍ରଧାନ କହିଥିଲେ ଯେ ରାହୁଲ ଗାନ୍ଧୀ

◆◆ପୃଷ୍ଠା ୭

## ଅଟୋ, ବସ୍ ଭଡ଼ାକୁ ନେଇ ଚିନ୍ତା : ଚାଳକ ଓ ଯାତ୍ରୀ ଚିନ୍ତାରେ



ଭୁବନେଶ୍ୱର, ୨୮/୫ (ନି.ପ୍ର): ଗାଁ ହେଉ କି ସହର । ସବୁ ଅଞ୍ଚଳର ଜୀବନରେଖା ବସ୍ ଓ ଅଟୋ । ସାଧାରଣ ଲୋକଙ୍କ ଯାତାୟତର ପ୍ରମୁଖ ମାଧ୍ୟମ । ହେଲେ ତୈଳଦର ବୃଦ୍ଧି ପରେ ଉଭୟ ବସ୍ ଓ ଅଟୋ ଚାଳକ ଏବଂ ଯାତ୍ରୀ, ସମସ୍ତେ ଚିନ୍ତାରେ । ଅଧିକ ଭଡ଼ା ଦେଇ ଯାତ୍ରୀ ନାଖୁସ୍, ଗ୍ରାହକ କମିବା ଡରରେ ଭଡ଼ା ବଢ଼ାଇ ପାରିନଥିବା ଅଟୋ ଚାଳକର ବି ମନ ଉଦାସ । ଏପଟେ ଅନଲାଇନ ଆପ୍ ଜରିଆରେ ଅଟୋ ଓ କାର୍ ସେବା ଯୋଗାଉଥିବା ଚାଳକ ବି ଚାପରେ । ତୈଳ ଦର ବୃଦ୍ଧିର ପ୍ରଭାବ ଏବେ ସିଧାସଳଖ ଭାବେ ଅଟୋ ଚାଳକ ଓ ସାଧାରଣ ଲୋକଙ୍କ ଜୀବନରେ ପଡ଼ିଛି । ଅନଲାଇନ୍ ଅଟୋ ସେବାରେ ଭଡ଼ା ବୃଦ୍ଧି ହୋଇନଥିବା କହୁଛନ୍ତି ଚାଳକମାନେ । ଅନଲାଇନ ଆପ୍‌ରେ ଯେତିକି ଭଡ଼ା ଦେଖାଉଛି, ଗ୍ରାହକମାନେ ସେତିକି ହିଁ ଦେଉଛନ୍ତି । କିନ୍ତୁ କ୍ଷତି ହେଉଥିବାରୁ ଗ୍ରାହକଙ୍କ ଠାରୁ କିଛି ଅଧିକ ଟଙ୍କା

## ବାଲିଅନ୍ତା ସୌମ୍ୟ ମର୍ଡର: ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୮/୫ (ନି.ପ୍ର): ବାଲିଅନ୍ତା ସୌମ୍ୟ ମର୍ଡର ଘଟଣାରେ ଆଉ ଜଣେ ଅଭିଯୁକ୍ତ ଗିରଫ । ପଟିଆର ଏକ ହୋଟେଲରୁ ଗିରଫ କଲା କ୍ରାଇମବ୍ରାଞ୍ଚ । ଗିରଫ ଅଭିଯୁକ୍ତ କଟକ ଗଙ୍ଗେଶ୍ୱରଗଡ଼ାର ଅଶୋକ ଜେନା । ପୂର୍ବରୁ ୧୧ ଜଣଙ୍କୁ ପୋଲିସ ଓ ୫ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ ।

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସିଦ୍ଧରମୈୟା



ନୂଆଦିଲ୍ଲୀ,୨୮/୫ : କଂଗ୍ରେସ ହାଇକମାଣ୍ଡ କହିବା ପରେ ପରେ ଗୁରୁବାର ସିଦ୍ଦରମୈୟା କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ସିଦ୍ଦରମେ?ୟା କହିଛନ୍ତି ଯେ ସେ ରାଜ୍ୟ ରାଜନୀତିରେ ସକ୍ରିୟ ଭାବରେ ଜଡିତ ହେବେ ଏବଂ କଂଗ୍ରେସ ହାଇକମାଣ୍ଡଙ୍କ ରାଜ୍ୟସଭା ଆସନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାପରେ ଶିବକୁମାରଙ୍କ ପାଇଁ ରାସ୍ତା ସଫଳ ହୋଇଛି, ଯାହାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ତାଙ୍କ ଅନୁଗତମାନେ ଉତ୍ସାହୀ ଅଛନ୍ତି। ଜାତି ସମୀକରଣକୁ ସନ୍ତୁଳିତ ରଖିବା ପାଇଁ ଦୁଇରୁ ତିନି ଜଣ ଡେପୁଟିଙ୍କ ସହ ଶିବକୁମାର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ଇସ୍ତଫା ଦେବାର କିଛି ସମୟ ପରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସିଦ୍ଦରମୈୟା କହିଛନ୍ତି ଯେ ଜାତୀୟ ଭୂମିକା ପାଇଁ ତାଙ୍କର କୌଣସି ଆଗ୍ରହ ନାହିଁ। ହାଇକମାଣ୍ଡ କହିବାରୁ ମୁଁ ଇସ୍ତଫା ଦେଇଛି ବୋଲି କଂଗ୍ରେସ ସେ କହିଛନ୍ତି। ତେବେ ବିଦାୟୀ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସେ ରାଜ୍ୟସଭା ଆସନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି, ମୁଁ କର୍ଣ୍ଣାଟକରେ ସକ୍ରିୟ ରାଜନୀତି ଜାରି ରଖିବି। ଜାତୀୟ ଭୂମିକା ପ୍ରତି ମୋର ଆଗ୍ରହ ନାହିଁ। ଚଳିତ ସପ୍ତାହ ଆରମ୍ଭରେ କଂଗ୍ରେସ ନେତାଙ୍କ ସହ ସାକ୍ଷାତ୍ ସମୟରେ ସିଦ୍ଦରମୈୟାଙ୍କୁ ରାଜ୍ୟସଭା ଆସନ ପ୍ରସ୍ତାବ ଦିଆଯାଇଥିଲା। ଏହା ପଛରେ ଦୁଇଟି ଉଦ୍ଦେଶ୍ୟ ଥିଲା। ଗୋଟିଏ ହେଉଛି ରାହୁଲ ଗାନ୍ଧୀଙ୍କ ସାମାଜିକ ନ୍ୟାୟ ଅଭିଯାନକୁ ବୃଦ୍ଧି କରିବା ପାଇଁ ସିଦ୍ଦରମୈୟାଙ୍କ ପରି ଓବିସି ନେତାଙ୍କୁ ଜାତୀୟ ମଞ୍ଚକୁ ଆଣିବା।

◆◆ପୃଷ୍ଠା ୭

# ଡେଙ୍ଗୁ, ମ୍ୟାଲେରିଆ ଓ ଜ୍ୱର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ

ଜୟପୁର, ୨୮/୦୫ (ନି.ପ୍ର): ଡେଙ୍ଗୁ, ମ୍ୟାଲେରିଆ ଓ ଜ୍ୱର ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଧାଡି ଗ୍ରାମର ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ଅଧୀନରେ ଥିବା ଚନ୍ଦୁଆ ଗ୍ରାମରେ ଡେଙ୍ଗୁ, ମ୍ୟାଲେରିଆ ଓ ଋତୁକାଳୀନ ଜ୍ୱର ପ୍ରତିରୋଧ ପାଇଁ ଏମ୍.ଏସ୍. ସ୍ୱାମିନାଥନ୍ ଗବେଷଣା ପ୍ରତିଷ୍ଠାନ, ଜୟପୁରର ପ୍ରୟାସରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଅଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ଋତୁକାଳୀନ ରୋଗର ଭୟାବହତା ଓ ତାହାର ପ୍ରତିରୋଧ ଉପାୟ ବିଷୟରେ ଜଣାଯାଇଥିଲା। "ଆମ ଗ୍ରାମ, ଆମ ଦାୟିତ୍ୱ" ବାର୍ତ୍ତା ସହ ଲୋକମାନଙ୍କୁ ଘର ଚାରିପାଖ ସଫା ରଖିବା, ଜମା ପାଣି ହଟାଇବା, ମଶାଦାନୀ ବ୍ୟବହାର କରିବା ଏବଂ ଜ୍ୱର ହେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରିବାକୁ ପ୍ରେରିତ କରାଯାଇଥିଲା। ଗୋଡିହଞ୍ଜେର ଓ ବାଲେଲ ଗ୍ରାମ ପଞ୍ଚାୟତର ଗାଗଡ଼ ସାଥୀ ଏହି ପଥପ୍ରାନ୍ତ ନାଟକକୁ ଜୀବନ୍ତ କରିଥିଲେ। ପାୟଲ ଖୋରା, ବୁନି ବଦନାୟକ, ସବିତା କିର୍ସାନି, ଲକ୍ଷ୍ମୀ ସିସା ଓ ରଶ୍ମିତା ଖିଲ ଙ୍କ ସଶକ୍ତ ଅଭିନୟ ଓ ସଚେତନତାମୂଳକ ସନ୍ଦେଶ ଗ୍ରାମବାସୀଙ୍କୁ ଆକର୍ଷିତ କରିଥିଲା। ଗୀତ ଓ ସଂଳାପ ମାଧ୍ୟମରେ ସେମାନେ ଏକ ସରଳ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ଦେଇଥିଲେ "ସଚେତନତା ହିଁ ସୁରକ୍ଷା"। ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ଶିଶୁ ଏବଂ ବୃଦ୍ଧମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସେମାନଙ୍କୁ ପୋଷଣ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଋତୁକାଳୀନ ରୋଗ ସମୟରେ କେମିତି ସତର୍କ ରହିବା ଉଚିତ ସେଥିପାଇଁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଙ୍ଗନୱାଡ଼ି କର୍ମୀ ଶ୍ରୀମତୀ କମଳା ଖେମୁଣ୍ଡୁ, ଆଶା କର୍ମୀ ଶ୍ରୀମତୀ ଦୋମୁଣି ଡାରଲି, ଗ୍ରାମର ଯୁବକମାନେ ଓ ୱାର୍ଡ ସଦସ୍ୟ ଶ୍ରୀ ରାମ ଖିଲଙ୍କ ସକ୍ରିୟ ସହଯୋଗ ଏହି ପ୍ରୟାସକୁ ଅଧିକ ସଶକ୍ତ କରିଥିଲା। ଅନୁଷ୍ଠାନର ଲମତାପୁଟ ବ୍ଲକ ଟିମର ନିରଜ ବେହେରା ଙ୍କ ସହ ଦୂତିୟା ଗୌଡ଼, ପୁଷ୍ପା ଖରା, ରାଜଲକ୍ଷ୍ମୀ ବେହେରା ଓ ସସ୍ମିତା ପ୍ରଧାନଙ୍କ ନିରନ୍ତର ପ୍ରୟାସ ଓ ସମନ୍ୱୟ ଏହି କାର୍ଯ୍ୟକ୍ରମକୁ ସଫଳତା କରିଥିଲା। ଗ୍ରାମବାସୀମାନେ ମଧ୍ୟ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ ଏବଂ ଆଗାମୀ ଦିନରେ ଗ୍ରାମକୁ ସଫା, ସୁସ୍ଥ ଓ ରୋଗମୁକ୍ତ ରଖିବା ପାଇଁ ସାମୁହିକ ଭାବେ କାମ କରିବାର ସଂକଳ୍ପ ନେଇଥିଲେ। ଏପରି ସଚେତନତା କାର୍ଯ୍ୟକ୍ରମ ଗ୍ରାମୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଲୋକଙ୍କ ଆଗ୍ରହ ବଢ଼ାଇବା ସହ ସାମୁଦାୟିକ ଦାୟିତ୍ୱବୋଧକୁ ଆହୁରି ମଜବୁତ କରୁଛି।

# ଓଡିଶା ଅମଲା ସଂଘର ସପ୍ତଦଶ ରାଜ୍ୟ ସମ୍ମିଳନୀ ଉଦ୍ୟାପିତ

ପୁରୀ, ୨୮/୦୫ (ନି.ପ୍ର): ଓଡିଶା ଅମଲା ସଂଘର ସପ୍ତଦଶ ରାଜ୍ୟ ସମ୍ମିଳନୀ, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ସମ୍ମିଳନୀ କକ୍ଷରେ ଦୁଇଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଅଛି। ଉଦଯାପନୀ ଦିବସରେ ମାନ୍ୟବର ଲୋକ ସଭା ସାଂସଦ ଡଃ ସମ୍ବିତ ପାତ୍ର, ସମ୍ମିଳନୀ କୁ ସମ୍ବୋଧନ କରି ଓଡିଶା ଅମଲା ସଂଘର ଦାବିଗୁଡିକ ଯଥାର୍ଥ ବୋଲି ପ୍ରତିପାଦିତ କରିଥିଲେ ଏବଂ ସରକାରଙ୍କ ସହିତ ଆଲୋଚନା କରି ସଂଘର ଦାବିକୁ ଯଥାଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଦ୍ୱିତୀୟାର୍ଦ୍ଧ ରେ ନିର୍ବାଚନ କମିଟି ଦ୍ୱାରା ଆସନ୍ତା ତିନି ବର୍ଷ ପାଇଁ ନିର୍ବାଚନ ପ୍ରକ୍ରିୟା କରାଯାଇଥିଲା। ଏଥିରେ ଅଶୋକ କୁମାର ପଣ୍ଡା, ଅଧକ୍ଷ, ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସ, କାର୍ଯ୍ୟକାରୀ ସଭାପତି କିରଣ କୁମାର ପାଢ଼ୀ, ସାଧାରଣ ସମ୍ପାଦକ ଚିତରଞ୍ଜନ ତରାସିଆ, ସଂଗଠନ ସମ୍ପାଦକ ଅରୁଣ କୁମାର ବଳିଆର ସିଂହ, କୋଷାଧକ୍ଷ ମହେନ୍ଦ୍ର କୁମାର ମହାପାତ୍ର, ମେଡିଆ ସମ୍ପାଦକ ଗୁରୁ ଗୋବିନ୍ଦ ଦଳାଇଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତା ମାନେ ନିର୍ବାଚିତ ହୋଇଥିଲେ। ଉପସ୍ଥିତ ସମସ୍ତ ସଭ୍ୟ ସଭ୍ୟା ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରାକ୍ତନ ସମ୍ପାଦକ, ଅନ୍ତର୍ଯ୍ୟାମି ପ୍ରଧାନ, ରାଜ୍ୟ ଅଣ ଗେଜେଟେଡ ସଭାପତି ଜ୍ୟୋତି ରଞ୍ଜନ ପଟ୍ଟନାୟକ, ପୁରୀ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ମିଶ୍ର, ଅଧକ୍ଷ ମହେନ୍ଦ୍ର କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ହୋତା, ବରିଷ୍ଠ ପରାମର୍ଶ ଦାତା ବନମାଳୀ ଗିରି ସହିତ ସମସ୍ତ ଜିଲ୍ଲାର ସମସ୍ତ ବିଭାଗରେ କାର୍ଯ୍ୟ କରୁଥିବା ଜିଲ୍ଲା ସ୍ତରୀୟ ଅମଲା ମାନେ ବୈଠକରେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ଜିଲ୍ଲା ଅମଲା ମାନଙ୍କର ଦାବୀ ବିଷୟରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାରଙ୍କ ଅଧୀନରେ ସମସ୍ତ ବିଭାଗରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କର୍ମଚାରୀ ମାନଙ୍କର ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତିରେ ଦରମା ଲେବଲ-୯, ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗର ଅମଲା ମାନଙ୍କର ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଭିତିରେ ପଦବୀ ପରିବର୍ତନ କରାଯାଇ ଦରମା ଲେବଲ-୯, ୨୦୧୭ ମସିହାରୁ ନୋସନାଲ୍ ବେନିଫିଟ୍ ପ୍ରଦାନ କରାଯାଉ। ପ୍ରତ୍ୟେକ ଚାରି ରେ ପ୍ରୋମୋସନ ପ୍ରଦାନ କରାଯାଉ। ସଚିବାଳୟ ଏବଂ ସମସ୍ତ ବର୍ଗର କର୍ମଚାରୀ ମାନଙ୍କର ଗୋଟିଏ କ୍ୟାଡର ଥିବାବେଳେ, ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କର ଗୋଟିଏ କ୍ୟାଡର କରାଯାଉ, ସଚିବାଳୟ ଓ ମୁଖ୍ୟ ଦପ୍ତର ଭଳି କରାଯାଉ ଯଦ୍ୱାରା ଅଧିକାଂଶ ଜିଲ୍ଲା ସ୍ତରୀୟ ଅମଲା ମାନେ ଅବସର ଗ୍ରହଣ କରିଚାଲିଛନ୍ତି, ପ୍ରୋମୋସନ ପାଉନାହାନ୍ତି। କ୍ଲାସ୍-୧, କ୍ଲାସ୍ -୨ ପୋଷ୍ଟ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପାଇଁ ୫୦% ସଂରକ୍ଷିତ ରଖାଯାଉ। ପୁରୁଣା ଥଇଥାନ ନୀତି ଅନୁସାରେ ମୃତ୍ୟୁ ବରଣ କରୁଥିବା କର୍ମଚାରୀ ମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ।

# ଓଡ଼ିଶା ବିଭବ ପାଠକାର୍ପିତ ଓ ବିକଶିତ ଓଡ଼ିଶା ଭାଷା ଭାବନା ଆଲୋଚନାଚକ୍ର

## ବିନା ଉଦ୍ୟମରେ ଭାଷା ଉତ୍ଥାନ ସମ୍ଭବ ନୁହେଁ: ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ




ଭୁବନେଶ୍ୱର, ୨୮/୦୫ (ନି.ପ୍ର): ଭାଷା ଭିତ୍ତିକ ସ୍ୱତନ୍ତ୍ର ପତ୍ରିକା 'ଓଡ଼ିଶା ବିଭବ'ର ପ୍ରଥମ ସଂସ୍କରଣ ପାଠକାର୍ପିତ ହୋଇଯାଇଛି। ପାଠକାର୍ପଣ ଉତ୍ସବ ଅବସରରେ ଉପସ୍ଥିତ ଅତିଥି ଓଡ଼ିଆ ଭାଷାର ବର୍ତ୍ତମାନ ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଓଡ଼ିଆ ଭାଷାର ବ୍ୟବହାର କମ୍ ଓ ଅନ୍ୟ ଭାଷାର ବ୍ୟବହାର ଅଧିକ ହେଉଛି। ମାତୃଭାଷା ପ୍ରତି ଓଡ଼ିଆଙ୍କ ଆଦର ବଢ଼ିଲେ, ଓଡ଼ିଆ ଭାଷା ଆହୁରି ସମୃଦ୍ଧ ଓ ସଶକ୍ତ ହେବ ବୋଲି ଉପସ୍ଥିତ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପଟ୍ଟନାୟକ ଓଡ଼ିଶାରେ ଓଡ଼ିଆ ଭାଷାର ବାସ୍ତବିକ ସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଥଲେ। ପ୍ରତ୍ୟେକ ଓଡ଼ିଆଙ୍କ ପାଟିରେ ମାତୃଭାଷାର ବ୍ୟବହାର ବଢ଼ିବା ଜରୁରୀ। ଅନ୍ୟ ଭାଷାର ବ୍ୟବହାର କିଛି ଖରାପ କଥା ନୁହେଁ କିନ୍ତୁ ମାତୃଭାଷାର ନିୟମିତ ବ୍ୟବହାର ମଧ୍ୟ ହେବମା ଜରୁରୀଆମ ମାତୃଭାଷା ଆମ ଲାଗି ଅସ୍ମିତା ଓ ଏହି ଅସ୍ମିତା ସଶକ୍ତ ହେଲେ ଆମ ଐତିହ୍ୟ ଆହୁରି ଗୌରବାନ୍ୱିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ତଥା କବି, ଗାଳ୍ପିକ ଓ ଲେଖକ ରକ୍ଷକ ନାୟକଙ୍କ ସଭାପତିତ୍ୱରେ ଗୁରୁବାର ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଏହି ଉତ୍ସବରେ ପଦ୍ମଶ୍ରୀ ପଟ୍ଟନାୟକ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଭାଷାବିତ୍ ଡକ୍ଟର ବସନ୍ତ ପଣ୍ଡା, ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ବରିଷ୍ଠ ସାମ୍ବାଦିକ ତଥା ସମ୍ଭକାର ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦାୟ ଧୀରେନ୍ଦ୍ର ନାଥ ଦାସ ଓ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟଦ ପ୍ରଭୁ କଲ୍ୟାଣ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବରେଣ୍ୟ ଅତିଥିଙ୍କ ସହ ପୂର୍ବତନ ବିଧାୟିକା ତଥା ଲେଖିକା ସିପ୍ରା ମଲ୍ଲିକ୍, ବିଶ୍ୱ ଓଡ଼ିଆ ପରିବାର ଅଧକ୍ଷ ସଜ୍ଜନ ଶର୍ମା, ଓଡ଼ିଆ ଭାଷା ଲାଗି ଯୁଦ୍ଧ କରିଥିବା ପବିତ୍ର ମହାରଥା, ସାମ୍ବାଦିକ ପ୍ରଦୀପ ପଟ୍ଟନାୟକ, ଅଧ୍ୟାପକ ଦେବୀଲାଲ ମିଶ୍ର, ଡକ୍ଟର ସତ୍ୟନାରାୟଣ ମିଶ୍ର ପ୍ରମୁଖଙ୍କୁ ଭାଷା ଲାଗି ନିରନ୍ତର ଜାରି ରଖିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଷା ବଞ୍ଚିଲେ ଆମ ଅସ୍ତିତ୍ୱ ବଞ୍ଚିବ। ତେଣୁ ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଜରୁରୀ ଓ ନିଜ ଆଗରେ ନିଜ ମାତୃଭାଷାର ଉଚିତ୍ ସଂଶୋଧନ କରିବା ଆମ ଦାୟିତ୍ୱ ବୋଲି ଅତିଥିମାନେ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ନିବେଦନ କରିଥିଲେ। ସାମ୍ବାଦିକ ସ୍ୱପ୍ନକୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଝାରସୁଗୁଡ଼ା ଜିଲ୍ଲାର ଐତିହାସିକ ସଫଳତା : ଜାତୀୟ ଶିକ୍ଷା ସୂଚକାଙ୍କରେ ଓଡ଼ିଶାରେ ପ୍ରଥମ

ଝାରସୁଗୁଡ଼ା, ୨୮/୦୫ (ନି.ପ୍ର): ଝାରସୁଗୁଡା ଜିଲ୍ଲା ପୁଣିଥରେ ଓଡ଼ିଶାକୁ ଗର୍ବିତ କରିଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ "ପରଫର୍ମାନ୍ସ ଗ୍ରେଡିଙ୍ଗ ଇଣ୍ଡେକ୍ସ ଫର୍ ଡିଷ୍ଟ୍ରିକ୍ଟସ୍ ୨୦୨୪-୨୫" ରେ ଝାରସୁଗୁଡା ଜିଲ୍ଲା ଓଡ଼ିଶାର ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ଉଭା ହୋଇଛି। ଜିଲ୍ଲା ସମୁଦାୟ ୬୦୦ ମଧ୍ୟରୁ ୩୯୫ ଅଙ୍କ ହାସଲ କରି "ଉତମ-୩" ଗ୍ରେଡ୍ରେ ସ୍ଥାନ ପାଇଛି। ଏହା ଝାରସୁଗୁଡାର ଶିକ୍ଷା କ୍ଷେତ୍ରରେ ନିରନ୍ତର ପ୍ରଗତି ଓ ସାମୁହିକ ପ୍ରୟାସର ଫଳ ବୋଲି ମନେ କରାଯାଉଛି। ପି ଜି ଆଇ ଡି ହେଉଛି ଦେଶର ସମସ୍ତ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ମୂଲ୍ୟାୟନ ପାଇଁ ତିଆରି ହୋଇଥିବା ଏକ ଜାତୀୟ ସୂଚକାଙ୍କ। ଏଥିରେ ଶିକ୍ଷାର ଫଳାଫଳ, କ୍ଲାସ୍ରୁମ୍ ପରିଚାଳନା, ପାରସ୍ପରିକ ସୁବିଧା, ଛାତ୍ର ସୁରକ୍ଷା, ଡିଜିଟାଲ ଶିକ୍ଷା ଓ ପ୍ରଶାସନିକ ପ୍ରକ୍ରିୟା ଭଳି ମୁଖ୍ୟ କ୍ଷେତ୍ରକୁ ଆଧାର କରି ଜିଲ୍ଲାମାନଙ୍କର ପ୍ରଦର୍ଶନ ମାପାଯାଏ। ରିପୋର୍ଟ ଅନୁସାରେ, ଝାରସୁଗୁଡା "ଆଉଟକମ୍" ବିଭାଗରେ ୧୫୯ ଅଙ୍କ, "ଇଫେକ୍ଟିଭ୍ କ୍ଲାସ୍ରୁମ୍ ଟ୍ରାଞ୍ଜାକ୍ସନ୍"ରେ ୭୦ ଅଙ୍କ, "ଇନ୍ଫ୍ରାଷ୍ଟ୍ରକ୍ଚର ଏବଂ ଷ୍ଟୁଡେଂଟ ଏଂଟାଇଟଲମେଂଟ"ରେ ୩୮ ଅଙ୍କ, "ସ୍କୁଲ ସେଫ୍ଟି ଏବଂ ଚାଇଲ୍ଡ ପ୍ରୋଟେକ୍ସନ୍"ରେ ୩୦ ଅଙ୍କ, "ଡିଜିଟାଲ ଲର୍ଣ୍ଣିଂ"ରେ ୩୩ ଅଙ୍କ ଏବଂ "ଗଭର୍ନାନ୍ସ ପ୍ରୋସେସ୍"ରେ ୬୬ ଅଙ୍କ ଅର୍ଜନ କରିଛି। ଝାରସୁଗୁଡା ଜିଲ୍ଲା ସମ୍ବଲପୁର, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଗଞ୍ଜାମ ଓ ପୁରୀ ପରି ବଡ଼ ଜିଲ୍ଲାମାନଙ୍କୁ ପଛକୁ ପକାଇ ରାଜ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛି। ସମ୍ବଲପୁର ୩୬୪ ଅଙ୍କ ଓ ସୁନ୍ଦରଗଡ଼ ୩୬୦ ଅଙ୍କ ପାଇଥିବା ବେଳେ ଝାରସୁଗୁଡା ସବୁଠାରୁ ଆଗରେ ରହିଛି।

# ୬୫୦ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ମାଲକାନଗିରି, ୨୮/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଳିମେଲା ଥାନା ଅନ୍ତର୍ଗତ ଏମଭି -୬୬ ଅଞ୍ଚଳରେ କାଳିମେଳା ପୋଲିସ୍ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ୬୫୦ କିଲୋ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସାରିଗାଟା ଗ୍ରାମର ଅବସ୍କଣ୍ଡର ନାଗେଶ ସିରୁଗୁରୁ (୩୦) ବୋଲି ପୁଲିସ ସୂଚନା ଦେଇଛନ୍ତି। ସୂଚନା ମୁତାବକ ଏମଭି -୬୬ ଅଞ୍ଚଳରେ ବେଆଇନ ଭାବରେ ଚୋରା ଗଞ୍ଜେଇ ରଖିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଦେହ ଜଣକ ଭାବେ ଯାଞ୍ଚ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହାସହ ଅଭିଯୁକ୍ତଙ୍କ ଠାରୁ ଏକ କଳା ରଙ୍ଗର ବଜାଜ ପଲସର ବାଇକ ଜବତ କରିଛି ପୁଲିସ। ଏନେଇ କାଳିମେଳା ଥାନା କେସ୍ ନମ୍ବର ୧୨୩/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳ।

# ଜୁନ୍ ମାସର ମିଳିତ ଜନ ଅଭିଯୋଗ ଶୁଣାଣି ସୂଚନା

ସମ୍ବଲପୁର, ୨୮/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ମିଳିତ ଭାବେ ଆସନ୍ତା ଜୁନ୍ ମାସରେ ବିଭିନ୍ନ ବ୍ଲକରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହି ଶୁଣାଣି ତା ୧/୦୬/୨୬ ଓ ୦୮/୦୬/୨୬ ପାଇଁ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ୧୬/୦୬/୨୬, ୨୨/୦୬/୨୬, ୨୯/୦୬/୨୬ ପାଇଁ ପୂର୍ବାହ୍ନ ୧୦ଟା ରୁ ଅପରାହ୍ନ ୧ ଟା ଯାଏ ଚାଲିବ। ସୂଚନା ଅନୁଯାୟୀ ଜୁନ୍ ୧ ତାରିଖରେ କୁଚିଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନ୍ ୦୮ ତାରିଖରେ ମାନେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନ୍ ୧୬ ତାରିଖରେ ବାମରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନ୍ ୨୨ ତାରିଖରେ ରେଙ୍ଗାଲି ଓ ଜୁନ୍ ୨୯ ତାରିଖରେ ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ନିଜର ଅଭିଯୋଗ ସହିତ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲା ଆଇନ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ସ୍ୱତନ୍ତ୍ର ସଘନ ସଂଶୋଧନର ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି

ପୁରୀ, ୨୮/୦୫ (ନି.ପ୍ର): ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ମଇ ୨୦ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନଙ୍କୁ ପ୍ରଶିକ୍ଷଣ ସହ ଆବଶ୍ୟକୀୟ ଫର୍ମ ପ୍ରସ୍ତୁତ କରାଯାଇଛି। ଇତି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଆଲୋଚନା ବୈଠକ ମାଧ୍ୟମରେ ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ସୂଚନା ପ୍ରଦାନ ସହ ପ୍ରତ୍ୟେକ ବୁଥ ମାନଙ୍କ ରେ ବୁଥ ସ୍ତରୀୟ ଏଜେଂଟ ନିୟୋଜନ କରିବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଛି। ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବେ।୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକ ର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ। ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ। ଦାବି ଓ ଆପତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଜୁଲାଇ ୫ ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟାନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତିର ନିଷ୍ପତି ଗ୍ରହଣ କରାଯିବ। ସେପ୍ଟେମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି।ଏହି ଜାତୀୟ କାର୍ଯ୍ୟକ୍ରମରେ ସମସ୍ତଙ୍କ ସହଯୋଗ ଜିଲ୍ଲା ପ୍ରଶାସନ କାମନା କରିଛନ୍ତି। ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରିବେ ଓ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବେ। ସେମାନେ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଇବେ। ପରିଶେଷରେ ବିଏଲଓ ଭୋଟର ଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ ଓ ଭୋଟର ମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେଂଟ ରସିଦ ପ୍ରଦାନ କରିବେ।ଏ ସମସ୍ତ କାର୍ଯ୍ୟରେ ଭୋଟର ମାନେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି।

# ୩ ବର୍ଷ ହେଲା ଖଟରେ ପଡ଼ିଛନ୍ତି ଦିବ୍ୟାଙ୍ଗ ସୁଶାନ୍ତ : ସରକାରୀ ସହାୟତା ଦାବି

ଚମ୍ପୁଆ, ୨୮/୦୫ (ନି.ପ୍ର): ଚମ୍ପୁଆ ଏନଏସିର ସରକାରୀ ଅଧିକାରୀ ମାନଙ୍କର ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳିଛି। ଅଧିକାରୀ ମାନେ କେବଳ ଟ୍ୟାକ୍ସ ଆଦାୟ କରିବାରେ ସୀମିତ ରହୁଥିବାରୁ ଗରିବ ଓ ଅସହାୟ ଲୋକଙ୍କୁ ନ୍ୟାୟ ତଥା ମୌଳିକ ସୁବିଧା ଯୋଗାଇ ଦେବାରେ ଅସମର୍ଥ ହେଉଥିବା କୁହାଯାଉଛି। ଏହିପରି ଏକ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ଏନଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ଭାଲିଆଡ଼ିପା (ଗୋଧୂଳି) ଅଞ୍ଚଳରେ। ଆଜକୁ ପ୍ରାୟ ୩ ବର୍ଷ ତଳେ, ଭାଲିଆଡ଼ିପାର ସୁଶାନ୍ତ ନାଏକ ଚମ୍ପୁଆ ନିକଟ ପଡୋଶୀ ମୟୁରଭଞ୍ଜ ଜିଲ୍ଲାର ରରୁଆଁକୁ 'ପଣାସଂକ୍ରାନ୍ତି ଉଡ଼ାଯାତ୍ରା' ଦେଖିବାକୁ ଯାଇଥିଲେ। ସେଠାରେ ପ୍ରବଳ ଭିଡ଼ରେ ଠେଲା ପେଲା ଯୋଗୁଁ ହଠାତ ସୁଶାନ୍ତଙ୍କ ଗୋଡ଼ ଖସିଯାଇଥିଲା ଏବଂ ସେ ତଳେ ପଡ଼ି ଯାଇଥିଲେ। ଜନସମୁଦ୍ରର ଭିଡ଼ ଭିତରେ ଲୋକମାନେ ଜଣେ ପରେ ଜଣେ ତାଙ୍କ ଉପରେ ମାଡ଼ି ଚାଲି ଯାଇଥିଲେ। ସେହି ଦୁର୍ଘଟଣାରେ ସୁଶାନ୍ତଙ୍କ ଦୁଇଟିଯାକ ଗୋଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ସେଠାରୁ କୌଣସି ମତେ ଘରକୁ ଫେରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲ ଯାଇଥିଲେ, କିନ୍ତୁ ବହୁ ଚିକିତ୍ସା ପରେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଆର୍ଥିକ ସମସ୍ୟା ଯୋଗୁଁ ଶେଷରେ ସେ ନିରାଶ ହୋଇ ଘରକୁ ଫେରି ଆସିଲେ। ସେହି ଦିନଠାରୁ ସେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ। ସୁଶାନ୍ତଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ଏବଂ ଦୁଇଟି ଛୋଟ ଛୁଆ। ସୁଶାନ୍ତଙ୍କ ଦୁଇଟି ଯାକ ଗୋଡ଼ ଅଚଳ ହୋଇ ପଡିବାରୁ ସେ ଆଉ ଖଟରୁ ଉଠି ପାରୁନାହାନ୍ତି। ତେଣୁ ତାଙ୍କର ସେବା ଶୁଶ୍ରୂଷା ଓ ଦୁଇଟି ଛୋଟ ଛୁଆଙ୍କୁ ସମ୍ଭାଳିବା ପାଇଁ ସ୍ତ୍ରୀ ମୂଲ-ମଜୁରୀ କରିବାକୁ ମଧ୍ୟ ବାହାରକୁ ଯାଇ ପାରୁନାହାନ୍ତି। ପୁରା ପରିବାର ରୋଜଗାର ଶୂନ୍ୟ ହୋଇ ଯାଇଥିବା ବେଳେ ପରିବାରଟି ଏବେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଗତି କରୁଛି। ବଡ଼ ପରିତାପର ବିଷୟ ଯେ, ବିଗତ ୩ ବର୍ଷରୁ ଉର୍ଦ୍ଧ ହେବ ସୁଶାନ୍ତ ଏଭଳି ଗୁରୁତର ଅବସ୍ଥାରେ ଥିବା ବେଳେ ଏସମ୍ପର୍କରେ ଚମ୍ପୁଆ ଏନଏସି ଅଧିକାରୀଙ୍କୁ ସୂଚନା ଦିଆ ଯିବା ସହିତ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧିଙ୍କୁ ମଧ୍ୟ ଖବର ପଠାଇଥିବା କହିଛନ୍ତି। କିନ୍ତୁ, ଦାୟିତ୍ୱ ହୀନତା ଯୋଗୁଁ ଚମ୍ପୁଆ ଏନଏସି ପ୍ରଶାସନର କୌଣସି ଅଧିକାରୀ ତାଙ୍କ ଦୁଃଖ ବୁଝିବାକୁ ସେଠାରେ ପହଞ୍ଚି ନାହାନ୍ତି କି ସାରା ରାଜ୍ୟରେ ଜଣେ ବାହୁବଳୀ ବିଧାୟକ ଭାବେ ପରିଚିତ ଚମ୍ପୁଆ ବିଧାୟକଙ୍କ କୌଣସି ପ୍ରତିନିଧି ମଧ୍ୟ ପହଞ୍ଚି ନାହାନ୍ତି। ଏପରିକି ତାଙ୍କ ପାଇଁ ଏପର୍ଯ୍ୟନ୍ତ ଦିବ୍ୟାଙ୍ଗ ଭତ୍ତା କିମ୍ବା କୌଣସି ସରକାରୀ ସାହାଯ୍ୟ ମଧ୍ୟ ମିଳିପାରି ନାହିଁ। ଯାହା ଦ୍ୱାରା ଏହି ପରିବାର ଅତି ଅସହାୟ ଅବସ୍ଥାରେ ଓଳିଏ ଖାଇଲେ ଓଳିଏ ଓପାସ ରହି ଜୀବନ ଅତିବାହିତ କରୁଛନ୍ତି। ଯଦି ପ୍ରଶାସନ ପକ୍ଷରୁ ତାଙ୍କର ସରକାରୀ ଭତ୍ତା ବ୍ୟବସ୍ଥା କରାଯାନ୍ତା ତେବେ ଏହି ଗରିବ ପରିବାରଟି ଦୁଇ ଓଳି ଦୁଇ ମୁଠା ଖାଇ ଚଳିଯାନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତେଣୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଦାୟିତ୍ୱହୀନ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଶଯ୍ୟାଶାୟୀ ସୁଶାନ୍ତ ନାଏକଙ୍କୁ ତୁରନ୍ତ ସରକାରୀ ଭତ୍ତା, ଚିକିତ୍ସା ସହାୟତା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

# ଉପ ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗୀର ଜିଲ୍ଲାର କୃଷି ଓ ଗ୍ରାମ୍ୟ ବିକାଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା

ବଲାଙ୍ଗୀର, ୨୮/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲା ଗସ୍ତ କରି କୃଷି ଓ ଗ୍ରାମ୍ୟ ବିକାଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଦେଓଗାଁ ସ୍ଥିତ ଚିନିକଳ ପରିଦର୍ଶନ କରି ଏହାର ପୁନରୁଦ୍ଧାର ନିମନ୍ତେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଅଧିକାରୀମାନଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଉପମୁଖ୍ୟମନ୍ତ୍ରୀ କହିଥିଲେ ଏହି ଚିନି କଳ ପୁନରୁଦ୍ଧାର ହେଲେ ବଲାଙ୍ଗୀର ଚାଷୀ ଅଧିକ ସଶକ୍ତ ହେବେ ଏବଂ ଜିଲ୍ଲାର ଅର୍ଥନୀତିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଚିନି କଳ ପୁନଃ ଚାଲିଲେ ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ। ଏହାର ଶୀଘ୍ର ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ପରେ ସେ କୃଷକମାନଙ୍କ ପାଇଁ ସୁସଂଗଠିତ ଓ ସୁଦୃଢ ବଜାର ବ୍ୟବସ୍ଥା ନିମନ୍ତେ ପାଟଣାଗଡ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ କୁସୁମକାନି ଠାରେ ନିର୍ମାଣାଧୀନ ମଡେଲ ମଣ୍ଡିର କାର୍ଯ୍ୟ ନିରୀକ୍ଷଣ କରିଥିଲେ। ଶେଷରେ ଜିଲ୍ଲାରେ ପ୍ରସ୍ତାବିତ ନୂତନ କୃଷି ବିଶ୍ୱବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ସ୍ଥାନକୁ ସେ ପରିଦର୍ଶନ କରି କାର୍ଯ୍ୟର ଦ୍ରୁତ ଅଗ୍ରଗତି ଓ ଭବିଷ୍ୟତ ଉନ୍ନୟନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ, କୃଷି କ୍ଷେତ୍ର ବିକାଶ ଏବଂ ଚାଷୀମାନଙ୍କୁ ଆଧୁନିକ ଜ୍ଞାନକୌଶଳରେ ସଶକ୍ତ କରିବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେବ। ବଲାଙ୍ଗୀର ଭଳି ଦାଦନ ପ୍ରବଣ ଅଂଚଳରେ ଏଭଳି ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ସ୍ଥାପିତ ହେଲେ ଅଂଚଳର ଆର୍ଥିକ ଓ ଶିକ୍ଷାଗତ ବିକାଶ ତ୍ୱରାନ୍ୱିତ ହେବ। ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପ୍ରସ୍ତାବିତ କୃଷି ବିଶ୍ୱବିଦ୍ୟାଳୟ ଦ୍ୱାରା ଅତ୍ୟାଧୁନିକ ଜ୍ଞାନ କୌଶଳ ସହ କୃଷି, ଗବେଷଣା ଓ ଆନୁଷଙ୍ଗିକ କ୍ଷେତ୍ରରେ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ। ଏହି ଗସ୍ତ ସମୟରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ସମବାୟ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିୱାଜୀ ଇସଲୱାର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ତରଣୀ ସୁନା, ଆଇପିଏଲର ପ୍ରମୋସନ ମ୍ୟାନେଜର ଶ୍ରୀ ଦୁର୍ଗାପ୍ରସାଦ ଦ୍ୱିବେଦୀ, ଉପନିବନ୍ଧକ ସମବାୟ ସମିତି ସମୂହ ଶ୍ରୀ ପ୍ରମୋଦ କୁମାର ବରିହା, ଜେନେରାଲ ମ୍ୟାନେଜର, ବିଜୟାନନ୍ଦ ସମବାୟ ଚିନି କଳ ଶ୍ରୀ ସତଦଳ ମିଶ୍ରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବିବାଦ ଘେରରେ ଥିବା ଝାରସୁଗୁଡ଼ା ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଚାନକ ବଦଳି

ଝାରସୁଗୁଡ଼ା, ୨୮/୦୫ (ନି.ପ୍ର): ବିଭିନ୍ନ ବିବାଦ ଏବଂ ଅଭିଯୋଗକୁ କେନ୍ଦ୍ର କରି ଚର୍ଚ୍ଚାରେ ଥିବା ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କୁ ସରକାର ସୋମବାର ଅଚାନକ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଜିଲ୍ଲାପାଳ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ସୌମେସ ଆଚାର୍ଯ୍ୟଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଣାଯାଇଛି। ସୂଚନାନୁସାରେ, ଶ୍ରୀ ମଲ୍ଲିକଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରାଯାଇଛି। ପୌର ପରିଷଦରେ ଯୋଗଦାନ ପରଠାରୁ ତାଙ୍କ ବିରୋଧରେ କ୍ଷମତାର ଅପବ୍ୟବହାର, ବେଆଇନ କାର୍ଯ୍ୟକଳାପ ଓ କେତେକ କମ୍ପାନୀ ଓ ସଂସ୍ଥାଙ୍କୁ ଅନୁକୂଳତା ଦେଖାଇବା ଭଳି ଅଭିଯୋଗ ଉଠିଥିଲା। ବିଜେଡି ପକ୍ଷରୁ ମଧ୍ୟ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣାଯାଇ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା। ହୋଲ୍ଡିଂ ଟାକ୍ସ ଛାଡ଼, ବିଭିନ୍ନ ସଂସ୍ଥାକୁ ଆନୁଗତ୍ୟ ଦେଖାଇବା, ଦୀର୍ଘଦିନ ଧରି କାମ ପକାଇ ରଖିବା ଏବଂ ଲୋକଙ୍କ ଅଭିଯୋଗର ସମାଧାନ ନକରିବା ଭଳି ଅଭିଯୋଗ ମଧ୍ୟ ଉଠିଥିଲା। ଏହି ସମସ୍ତ ଘଟଣାକୁ ଗୁରୁତ୍ୱର ସହ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ତୁରନ୍ତ ବଦଳି ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସରକାରଙ୍କ ଏହି ଅଚାନକ ପଦକ୍ଷେପକୁ ପ୍ରଶାସନିକ ମହଲରେ ଦଣ୍ଡମୂଳକ କାର୍ଯ୍ୟବାହୀ ଭାବେ ଦେଖାଯାଉଛି।

# ଜାଣନ୍ତୁ 'ଜୁଆଣି' ଖାଇବାର ସଠିକ୍ ଉପାୟ: ଭୁଲ୍ ଭାବରେ ଖାଇଲେ ହୋଇପାରେ କ୍ଷତି



ଜୁଆଣି ପ୍ରତିଟି ଭାରତୀୟ ରୋଷେଇ ଘରେ ମିଳୁଥିବା ଏକ ଅତି ସାଧାରଣ ଔଷଧୀୟ ମସଲା, ଯାହା ଖାଦ୍ୟର ସ୍ୱାଦ ବଢ଼ାଇବା ସହ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ କରିଥାଏ । କିନ୍ତୁ ଏହାର ପ୍ରକୃତ ଉପକାର ପାଇବା ପାଇଁ ସଠିକ୍ ପଦ୍ଧତିରେ ସେବନ କରିବା ଅତ୍ୟନ୍ତ ଜରୁରୀ, ନଚେତ୍ ଏହା ଶରୀର ପାଇଁ ଉପକାର ଅପେକ୍ଷା ଅଧିକ କ୍ଷତି କରିପାରେ । ସାଧାରଣତଃ ହଜମ ପ୍ରକ୍ରିୟାରେ ଉନ୍ନତି ପାଇଁ ଖାଦ୍ୟ ଖାଇବା ପରେ ଅଳ୍ପ ଭଜା ଜୁଆଣି ଚୋବାଇ ଖାଇବା ବହୁତ ଭଲ ଅଭ୍ୟାସ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି କିମ୍ବା ମେଟାବୋଲିଜିମ୍ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ରାତିରେ ଏକ ଚାମଚ ଜୁଆଣିକୁ ଗୋଟିଏ ଗ୍ଲାସ୍ ପାଣିରେ ଭିଜାଇ ରଖନ୍ତୁ ଏବଂ ସକାଳେ ଏହି ପାଣିକୁ ଭଲଭାବେ ଫୁଟାଇ ଛାଣି ପିଅନ୍ତୁ । ପେଟରେ ଗ୍ୟାସ୍, ଅଦୃଶ୍ୟ କଷ୍ଟ କିମ୍ବା ବଦହଜମି ସମସ୍ୟା ଥିଲେ ଉଷୁମ ପାଣିରେ ଅଳ୍ପ ଜୁଆଣି ସହ କଳା ଲୁଣ ମିଶାଇ ଖାଇବା ଦ୍ୱାରା ତୁରନ୍ତ ଆରାମ ମିଳିଥାଏ । ଏହା କେବଳ ପେଟକୁ ଶାନ୍ତ କରେ ନାହିଁ, ବରଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ ।

ତେବେ ଜୁଆଣି ସେବନ କରିବା ସମୟରେ ଅତ୍ୟଧିକ ସାବଧାନ ରହିବା ଆବଶ୍ୟକ କାରଣ ତା'ର ପ୍ରକୃତି ଅତ୍ୟନ୍ତ ଗରମ । ଏହାକୁ ଅଧିକ ପରିମାଣରେ ସେବନ କଲେ ଶରୀରରେ ଉତ୍ତାପ ବଢ଼ିଥାଏ, ଯାହା ଫଳରେ ପେଟରେ ଜଳାପୋଡ଼ା, ଛାତିରେ ଜ୍ୱଳନ, ଏସିଡିଟି ଏବଂ ମୁହଁରେ ଘା' ଭଳି ସମସ୍ୟା ସୃଷ୍ଟି ହୋଇପାରେ । ବିଶେଷ କରି ଗର୍ଭବତୀ ମହିଳାମାନେ ଏହାକୁ ଅଧିକ ଖାଇବା ଆଦୌ ଉଚିତ ନୁହେଁ, କାରଣ ଏହାର ଗରମ ଗୁଣ ଗର୍ଭପାତର ଭୟ ସୃଷ୍ଟି କରିପାରେ ।

ସେହିପରି ଯେଉଁମାନଙ୍କର ଲିଭର କିମ୍ବା ପାଚନତନ୍ତ୍ର ସମ୍ବନ୍ଧୀୟ କୌଣସି ଜଟିଳ ରୋଗ ରହିଛି, ସେମାନେ ଜଆଣି ସେବନ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୨ ରୁ ୩ ଗ୍ରାମରୁ ଅଧିକ ଜୁଆଣି ଖାଇବା ଅନୁଚିତ, କାରଣ ଏହାର ଅଧିକ ବ୍ୟବହାର ଦ୍ୱାରା ମୁଣ୍ଡ ବୁଲାଇବା କିମ୍ବା ହୃଦସ୍ପନ୍ଦନ ବଢ଼ିବା ଭଳି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ । ତେଣୁ ସୁସ୍ଥ ରହିବା ପାଇଁ ସଠିକ୍ ପରିମାଣ ଏବଂ ନିର୍ଦ୍ଧାରିତ ପଦ୍ଧତିରେ ଜୁଆଣି ବ୍ୟବହାର କରିବା ହିଁ ଶ୍ରେୟସ୍କର । ଯଦି ଆପଣ କୌଣସି ବିଶେଷ ଔଷଧ ସେବନ କରୁଛନ୍ତି, ତେବେ ଏହାକୁ ଖାଦ୍ୟରେ ସାମିଲ କରିବା ପୂର୍ବରୁ ସତର୍କ ରୁହନ୍ତୁ ।

# ଦୀର୍ଘାୟୁ ହେବାର ସହଜ ମନ୍ତ୍ର : ସପ୍ତାହକୁ ମାତ୍ର ୧୫୦ ମିନିଟ୍ ବ୍ୟାୟାମ ବଦଳାଇ ଦେବ ଆପଣଙ୍କ ଜୀବନ !



ଗବେଷଣାରୁ ଏକ ଆଶାଜନକ ତଥ୍ୟ ମିଳିଛି ଯେ ସୁସ୍ଥ ଜୀବନ ପାଇଁ ସପ୍ତାହକୁ ମାତ୍ର ୧୫୦ ମିନିଟର ବ୍ୟାୟାମ ଯଥେଷ୍ଟ, ଲମ୍ବା ଜୀବନ ପାଇଁ କଠିନ ପରିଶ୍ରମ ନୁହେଁ ବରଂ ନିୟମିତ ଅଳ୍ପ ସମୟର ବ୍ୟାୟାମ ଦରକାର । ଆମେରିକାନ୍ ମେଡିକାଲ ଆସେସିଏସନ୍ ଦ୍ୱରା ପ୍ରକାଶିତ ଏକ ବୃହତ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି କେହି ବ୍ୟକ୍ତି ୧୫୦ ମିନିଟ ବ୍ୟାୟାମ କିମ୍ବା ସେହି ଧରଣର କିଛି ଶାରୀରିକ ପରିଶ୍ରମ କରନ୍ତି ତେବେ ଅକାଳ ମୃତ୍ୟୁର ଆଶଙ୍କା କମିଯାଏ । ବିଷେଷକରି ଯେଉଁମାନେ ଆଦୌ ବ୍ୟାୟାମ କରୁନାହାନ୍ତି, ସେମାନଙ୍କ ତୁଳନାରେ ବ୍ୟାୟାମ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ ରହୁଥିବାର ଜଣାପଡିଛି । ଆସନ୍ତୁ ଜାଣିବା କେତେ ସମୟର ବ୍ୟାୟାମ ଆବଶ୍ୟକ ଏବଂ କଣ ? ଏବଂ କଣ କଣ କରିପାରିବା ? ଏକ ଅଧ୍ୟୟନ ଅନୁଯାୟୀ, ଦୈନିକ ପ୍ରାୟ ୩୦ ମିନିଟ୍ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିପାଇଁ ଆପଣ ଏହି ଚାରୋଟି ସହଜ ଉପାୟ ଆପଣାଇ ପାରିବେ । ଦ୍ରୁତ ଗତିରେ ଚାଲିବା ଏମିତି ଚାଲନ୍ତୁ ଯେପରି ଆପଣଙ୍କ ହୃଦସ୍ପନ୍ଦନ ବଢ଼ିବ ଏବଂ ଝାଳ ବାହାରିବ, କିନ୍ତୁ ଆପଣ କଥା ହୋଇପାରୁଥିବେ । ଘଣ୍ଟାକୁ ପ୍ରାୟ ୫-୬ କିଲୋମିଟର ବେଗରେ ଚାଲିବା ଉଚିତ୍ । ଆଉମଧ୍ୟ ଆପଣ ସାଇକେଲ ଚଲାଇ ପାରିବେ ବାହାରେ କିମ୍ବା ଘରେ ଷ୍ଟେସନାରୀ ସାଇକେଲ୍ ସାହାଯ୍ୟରେ ସ୍ଥିର ଗତିରେ ସାଇକେଲ ଚଲାନ୍ତୁ ଏହା ମଧ୍ୟ ଆପଣଙ୍କୁ ସୁସ୍ଥ ରଖିବ। ପହଁରିବା ପାଣିରେ କମସେ କମ୍ ୨୦-୩୦ ମିନିଟ୍ ପହଁରିବା ଦ୍ୱାରା ଶରୀରର ସମସ୍ତ ମାଂସପେଶୀ ସକ୍ରିୟ ରହେ । ଏବଂ ଅନ୍ୟତମ ଉପାୟ ହେଉଛି ନୃତ୍ୟ ଜୁମ୍ବା, ସାଲସା କିମ୍ବା ମନପସନ୍ଦର ସଙ୍ଗୀତରେ ୩୦ ମିନିଟ୍ ନୃତ୍ୟ କରି ମଧ ନିଜକୁ ଫିଟ୍ ରଖିହେବ ।ଅଧିକ ପରିଶ୍ରମ, ଅଧିକ ଫାଇଦା ଦେଇଥାଏ ।ଗବେଷଣାରୁ ଏହା ମଧ ଜଣାପଡିଛି ଯେ, ଯେଉଁମାନେ ସପ୍ତାହକୁ ୩୦୦ ରୁ ୬୦୦ ମିନିଟ୍ ବ୍ୟାୟାମ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଆଶଙ୍କା ୨୬-୩୧% ପର୍ଯ୍ୟନ୍ତ କମ୍ ରହୁଛି । ପୂର୍ବରୁ ବ୍ୟାୟାମ କରୁନଥିବା ବ୍ୟକ୍ତି ଯଦି ଏବେ ମଧ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି, ତେବେ ସେମାନେ ମଧ ଏହାର ସୁଫଳ ପାଇପାରିବେ ।




କାରଖାନା, ଶିଳ୍ପ, କମ୍ପାନି, ଘର ତୋଳିବାରେ ସହର ଏତେ ବ୍ୟସ୍ତ ଯେ ଟାଉନରେ ପୋଖରୀଟିଏ ଦେଖିବା କାଠିକର ପାଠ । କିନ୍ତୁ ପୋଖରି , ଗାଡ଼ିଆ, ନଈର ଅଭାବ ପୂରଣ କରେ ଗାଁ । ଗାଁମାନଙ୍କରେ ବଡ଼ ବଡ଼ ପୋଖରୀରେ ଫୁଟୁଥିବା ପଦ୍ମ, କଇଁ ଫୁଲ ଦେଖିବାକୁ କେତେ ସୁନ୍ଦର ଲାଗେ ନା । ପାଣିଭିତରେ ପଦ୍ମଫୁଲର ସେ ସୁନ୍ଦରତାକୁ କ'ଣ କେହି ଖୁଣିପାରିବେ ! କିନ୍ତୁ ପଦ୍ମଫୁଲ ଖାଲି ଆଖିକୁ ସୁନ୍ଦର ଲାଗେ ନାହିଁ ଏହି ଫୁଲର ନାଡରେ ଅନେକ ଔଷଧୀୟ ଗୁଣ ମଧ ରହିଛି । ପଦ୍ମଫୁଲର ନାଡ଼ରେ ଫାଇବର୍ , ଆଇରନ୍, ପୋଟାସିୟମ୍ , ଭିଟାମିନ୍ – ସି, ପ୍ରୋଟିନ୍ ଏବଂ ଫସଫରସ୍ ଭଳି ନ୍ୟୁଟ୍ରିସନ୍ ମଧ ସାମିଲ୍ ରହିଛି । ପଦ୍ମନାଡ଼କୁ ଭଜା , ତରକାରୀ , ଆଚାର ଆଦି ରେସିପି କରି ମଧ ଖାଦ୍ୟରେ ସାମିଲ୍ କରାଯାଇପାରିବ । ଯଦି ଆପଣ ପଦ୍ମନାଡର ଔଷଧୀୟ ଗୁଣ ବିଷୟରେ ଜାଣିନାହାନ୍ତି ତାହେଲେ ଆସନ୍ତୁ ସେ ବିଷୟରେ ଜାଣିବା । ଯଦି ଆପଣ ନିଜ ବଢୁଥିବା ଓଜନକୁ ନେଇ ଚିନ୍ତିତ ତେବେ ଖାଦ୍ୟରେ ସାମିଲ୍ କରନ୍ତୁ ପଦ୍ମନାଡ଼ । ଏଥିରେ କ୍ୟାଲୋରୀର ମାତ୍ରା କମ୍ ଏବଂ ଫାଇବରର ମାତ୍ରା ଅଧିକ ଥିବାରୁ ପଦ୍ମନାଡର ରେସିପିକୁ ଖାଇବା ପରେ ଏହା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ କରାଏ ନାହିଁ ଏବଂ ପେଟ ମଧ ଫୁଲ୍ ରହିଥାଏ । ଯାହାଦ୍ୱାରା ବାରମ୍ବାର ଭୋକ ଲାଗିବାର ଟେନସନ୍ ମଧ ରୁହେନି ଏବଂ ଓଜନ ମଧ କଣ୍ଟ୍ରୋଲରେ ରୁହେ । ପଦ୍ମନାଡ଼ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଭଲ ରହିଥାଏ । ଏଥିରେ ଥିବା ଫାଇବର୍ କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାକୁ ମଧ ସମାଧାନ କରିଥାଏ । ଏହା ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ମଧ ଦୂର ହୁଏ । ଶରୀରରେ ଲାଲ୍ ରକ୍ତ ସେଲ୍ସର ମାତ୍ରା ବଢ଼େ ଯାହାଦ୍ୱାରା ହିମୋଗ୍ଲୋଭିନ୍ ର ଅଭାବ ମଧ ଦେଖାଯାଏନାହିଁ । ବ୍ଲଡସୁଗାର୍ ସହ କୋଲେଷ୍ଟ୍ରୋଲକୁ କଣ୍ଟ୍ରୋଲ୍ କରେ ପଦ୍ମନାଡ଼ । ଏଥିରେ ଡାଇଟରି ଫାଇବର୍ ଥିବାରୁ ଏହା କୋଲେଷ୍ଟ୍ରୋଲକୁ କଣ୍ଟ୍ରୋଲ୍ କରେ । ଏଥିରେ ଥିବା ଇଥେନାଲ୍ ଅର୍କ ବ୍ଲଡସୁଗାରକୁ କଣ୍ଟ୍ରୋଲରେ ରଖିବାରେ ସହାୟକ ହୁଏ । ପଦ୍ମନାଡ଼ ଖାଦ୍ୟରେ ସାମିଲ୍ କରିବା ଦ୍ୱାରା ଚାପ ମଧ କମ୍ ହୁଏ । ଏଥିରେ ଥିବା ପାୟରୋଡାକ୍ସିନ୍ ଷ୍ଟ୍ରେସ୍ କମାଇବାରେ ସାହାଯ୍ୟ କରେ । ପଦ୍ମନାଡ଼ ଶରୀରରେ ଡିଟକ୍ସ କରିବାର କାମ ମଧ କରେ । ଏଥିରେ ଥିବା ଅକ୍ସିଆଣ୍ଟିଡେଣ୍ଟ୍ ଗୁଣ ଲିଭର୍ ଏବଂ କିଡନି ଉପରେ ଥିବା ଅକ୍ସିଡେଟିଭ୍ ଷ୍ଟ୍ରେସର ପ୍ରଭାବକୁ କମ୍ କରିବାରେ ସହାୟକ ହୁଏ ଯାହା ଶରୀରର ମଇଳାକୁ ସଫା କରିବାର କାମ କରେ । ତେବେ ଆପଣ ବି ଯଦି ପଦ୍ମନାଡ଼ ଉପକାରିତା ନଜାଣି କେବଳ ଫୁଲ ଭାବୁଥିଲେ , ତା'ହେଲେ କହିରଖୁଛୁ ପଦ୍ମନାଡ଼ କେବଳ ଫୁଲ ନୁହଁ ନଇରେ ଫୁଟୁଥିବା ଏକ ବଇଦ ।






ଆଜିକାଲି ପ୍ରାୟତଃ ଗୋଟିଏ ପ୍ରଶ୍ନ ସବୁଠି ଶୁଣିବାକୁ ମିଳେ । ଅଧିକାଂଶ ପୁରୁଷ କୁହନ୍ତି ଯେ ସେମାନେ ଖାଦ୍ୟ ତ ହିତକର ଖାଆନ୍ତି କିନ୍ତୁ ୩୦ ବର୍ଷ ପରେ ପେଟ ବାହାରିବାକୁ ଲାଗିଥାଏ । ଯେଉଁ ଶରୀର ପୂର୍ବରୁ ଫିଟ୍ ଏବଂ ଆକ୍ଟିଭ୍ ଦେଖାଯାଉଥିଲା ତାହା ଧୀରେ ଧୀରେ ଦୁର୍ବଳ ହେଲା ଭଳି ଲାଗେ ଏବଂ ଶରୀରରେ ଚର୍ବି ଜମା ହୁଏ । ଅନେକ ଲୋକ ଏହାକୁ ଅଧିକ ଖାଇବା କିମ୍ବା ଜଙ୍କ୍ ଫୁଡର ପ୍ରଭାବ ବୋଲି କୁହନ୍ତି । କିନ୍ତୁ ବାସ୍ତବତା ଏହାଠାରୁ ଭିନ୍ନ ଏବଂ ଗମ୍ଭୀର। ଏପରି ପରିସ୍ଥିତିରେ ୩୦ ବର୍ଷ ପରେ ପୁରୁଷମାନେ ନିଜ ବୟସ ଅପେକ୍ଷା ବୟସ୍କ ଦେଖାଯିବା ଆରମ୍ଭ କରନ୍ତି। ସାଧାରଣତଃ ଲୋକମାନେ ଭାବନ୍ତି ଯେ ପେଟ ବାହାରିବାର କାରଣ ହେଉଛି ବାହାର ଖାଦ୍ୟ ଖାଇବା, ଜଙ୍କ ଫୁଡ୍ ଖାଇବା କିମ୍ବା ଅଫିସରେ ଦୀର୍ଘ ସମୟ ବସି ରହିବା। କିନ୍ତୁ ଏହି କାରଣ ବ୍ୟତୀତ ଆହୁରି ଅନେକ କାରଣ ଅଛି ଯାହା ପେଟ ବାହାରିବାର ଏକ ମୁଖ୍ୟ କାରଣ । ତେବେ ଆସନ୍ତୁ ବିଶେଷଜ୍ଞଙ୍କ ଠାରୁ ଜାଣିବା ଯେ ସୁସ୍ଥ ଖାଦ୍ୟ ସହିତ ମଧ ୩୦ ବର୍ଷ ପରେ ପୁରୁଷଙ୍କ ପେଟ କାହିଁକି ବାହାରକୁ ବାହାରେ ଏବଂ ଏହାକୁ କିପରି ନିୟନ୍ତ୍ରଣ କରିବେ । ଡାକ୍ତର ଗୀତିକା ଚୋପ୍ରା କୁହନ୍ତି ଅନେକ ଲୋକ ଅଭିଯୋଗ କରନ୍ତି ଯେ ସେମାନଙ୍କର ଖାଦ୍ୟ ଖାଇବାର ସମୟ ଏବଂ ପରିମାଣ ପ୍ରାୟତଃ ସବୁବେଳେ ସମାନ ଥାଏ ତଥାପି ସେମାନଙ୍କର ପେଟ ବାହାରକୁ ବାହାରି ଆସୁଛି। ଏହା କେବଳ ଏକ ଖାଦ୍ୟ ସମସ୍ୟା ନୁହେଁ ବରଂ ଶରୀର ମଧ୍ୟରେ ମେଟାବୋଲିକ୍ ଏବଂ ହରମୋନ୍ ପରିବର୍ତ୍ତନର ଫଳାଫଳ । ୩୦ ବର୍ଷ ବୟସ ପରେ ପୁରୁଷମାନଙ୍କର ଧୀରେ ଧୀରେ ମାଂସପେଶୀ ହ୍ରାସ ପାଏ ଏବଂ ସେମାନଙ୍କର ମେଟାବୋଲିଜିମ୍ କମ୍ ହୋଇଯାଏ । ଫଳସ୍ୱରୂପ ପେଟ ଚାରିପାଖରେ ଭିସେରାଲ୍ ଚର୍ବି ଭାବରେ ଅତିରିକ୍ତ କ୍ୟାଲୋରି ଜମା ହୋଇଯାଏ। ଏହାକୁ କେନ୍ଦ୍ରୀୟ ସ୍ଥୂଳତା କୁହାଯାଏ। ଏହା କେବଳ ଏକ ସୌନ୍ଦର୍ଯ୍ୟ ସମସ୍ୟା ନୁହେଁ ବରଂ ମଧୁମେହ ଏବଂ ହୃଦରୋଗ ପାଇଁ ଏକ ପ୍ରମୁଖ ବିପଦ କାରକ। ପେଟ ଫୁଲିବାର ଆଉ ଏକ ପ୍ରମୁଖ କାରଣ ହେଉଛି ଇନସୁଲିନ୍ ପ୍ରତିରୋଧ। ୩୦ ବର୍ଷ ବୟସ ପରେ ଯଦି ଶାରୀରିକ କାର୍ଯ୍ୟକଳାପ କମ୍ ଥାଏ, ରୁଟି ଏବଂ ଭାତ ପରି ରିଫାଇନ୍ କାର୍ବୋହାଇଡ୍ରେଟ୍ କମ୍ ଥାଏ ,ପ୍ରୋଟିନ୍ କମ୍ ଥାଏ ଏବଂ ଭୁଲ ସମୟରେ ଖାଇବା ଇନସୁଲିନ୍ ପ୍ରତିକ୍ରିୟାକୁ ଦୁର୍ବଳ କରିଦିଏ । ଏହା ଦ୍ୱାରା ଚିନି ସିଧାସଳଖ ପେଟ ପାଖରେ ଚର୍ବି ଭାବରେ ଜମା ହୋଇଯାଏ । ୩୦ ବର୍ଷ ବୟସ ପରେ ପେଟରେ ଚର୍ବି ବୃଦ୍ଧି ପାଇବା ଚାପ ଏବଂ କର୍ଟିସୋଲର ମଧ କାରଣ। ଚାକିରିର ଚାପ, ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଶୋଇବା ଏବଂ ସ୍କ୍ରିନ୍ ସମୟ କର୍ଟିସୋଲ ସ୍ତରକୁ ବୃଦ୍ଧି କରେ । ଖାଦ୍ୟ ସମାନ ରହିଲେ ମଧ ଉଚ୍ଚ କର୍ଟିସୋଲ ଶରୀରକୁ ପେଟ ଅଞ୍ଚଳରେ ଚର୍ବି ସଂରକ୍ଷଣ କରିବାକୁ ସଙ୍କେତ ଦିଏ। ମଦ୍ୟପାନ ମଧ ଏକ ନୀରବ କାରଣ। ୩୦ ବର୍ଷ ପରେ ଶରୀର ମଦ୍ୟପାନକୁ ଦକ୍ଷତାର ସହିତ ବିଶୋଧନ କରିବାକୁ ଅକ୍ଷମ ହୁଏ ଏବଂ ଏହା ସିଧାସଳଖ ଯକୃତ ଏବଂ ପେଟରେ ଚର୍ବି ବୃଦ୍ଧି କରେ। ବିଶେଷଜ୍ଞମାନେ କୁହନ୍ତି ଯେ ଯଦି ଆପଣ ୩୦ ବର୍ଷ ପରେ ପେଟ ଫୁଲିବାରୁ ରକ୍ଷା ପାଇବାକୁ ଚାହାନ୍ତି ତେବେ କେବଳ କମ୍ ଖାଇବା ଯଥେଷ୍ଟ ନୁହେଁ। ପ୍ରୋଟିନ୍ ଅଧିକ ଖାଆନ୍ତୁ , ବ୍ୟାୟାମ କରନ୍ତୁ , ଚାପରୁ ମୁକ୍ତ ରୁହନ୍ତୁ ଏବଂ ସମ୍ପୂର୍ଣ୍ଣ ୭ ରୁ ୮ ଘଣ୍ଟା ଶୋଇବା ମଧ ଅତ୍ୟନ୍ତ ଜରୁରୀ।




ଚେହେରା ଚମକାଇବା ପାଇଁ ଆମେ କେତେ କ'ଣ କରୁ । ଫେସିଆଲରୁ ଆରମ୍ଭ କରି ଘରୋଇ ଉପଚାର ପର୍ଯ୍ୟନ୍ତ ସବୁ ବ୍ୟବହାର କରି ଚେହେରାକୁ ଚମକଦାର ବନାଉ । କିନ୍ତୁ ମୁହଁର ଯତ୍ନ ନେଉ ନେଉ ହାତ,ପାଦ ଏବଂ ବେକର ଯତ୍ନ ନେବାରେ ଅବହେଳା କରିଦେଉ । ନଚେତ ଅଧିକାଂଶ ଲୋକଙ୍କ ବେକ,କହୁଣୀ , ଗୋଇଠି, ଆଣ୍ଠୁ କଳା ପଡ଼ନ୍ତା ନାହିଁ । ତେବେ ଆପଣଙ୍କର ବି ଯଦି ଏଭଳି ସମସ୍ୟା ଅଛି ତା'ହେଲେ ଘରୋଇ ଉପଚାରରେ କେମିତି ଏହି କଳା ଦାଗ ସବୁକୁ ସଫା କରିବେ ଆସନ୍ତୁ ଜାଣିବା । ଶରୀରର କଳା ଦାଗ ଦୂର କରିବା ପାଇଁ ଆପଣ ଇନୋର ବ୍ୟବହାର କରିପାରିବେ । ଯେହେତୁ ଏଥିରେ ବ୍ଲିଚିଂ ଗୁଣ ଅଛି ତେଣୁ ଏହା ଦାଗ ଦୂର କରିବାରେ ସହାୟକ ହେବ । ଗୋଟିଏ ପାତ୍ର ପାଣିରେ ଗୋଟିଏ ପ୍ୟାକେଟ ଇନୋ,୨ ଚାମଚ ନଡ଼ିଆ ତେଲ , ଗୋଟିଏ ଚାମଚ ବେସନ , ଗୋଟିଏ ପ୍ୟାକେଟ୍ ସାମ୍ପୁ ଏବଂ ୧ ଚାମଚ ଲେମ୍ବୁ ରସ ମିଶାନ୍ତୁ । ସବୁ ମିଶାଇ ଗୋଟିଏ ପେଷ୍ଟ୍ ତିଆରି କରନ୍ତୁ ଏବଂ କଳା ହୋଇଥିବା ଜାଗାରେ ଲଗାନ୍ତୁ । ବେକ ସଫା କରିବା ପାଇଁ ସ୍ପଞ୍ଜ ଏବଂ ପାଦ , ଗୋଇଠି ପାଇଁ ଆପଣ ପୁରୁଣା ବ୍ରଶ୍ ବ୍ୟବହାର କରି ଘଷିପାରିବେ । ୫ ମିନିଟ୍ ଭଲରେ ଘସିବା ପରେ ପାଣିରେ ସଫା କରିଦିଅନ୍ତୁ । ଏଥିପାଇଁ ଆପଣ ଚାଉଳ ଗୁଣ୍ଡକୁ ମଧ ବ୍ୟବହାର କରିପାରିବେ । ୧ ଚାମଚ ଚାଉଳ ଗୁଣ୍ଡରେ କଫି ପାଉଡର ଏବଂ ଅଧା ଚାମଚ ବେକିଂ ସୋଡ଼ା ଓ ଅଧା ଚାମଚ ଲେମ୍ବୁରସ ଏବଂ ଗୋଲାପ ଜଳ ମିଶାଇ ଏକ ପେଷ୍ଟ୍ ତିଆରି କରନ୍ତୁ । ଏବେ ଏହି ପେଷ୍ଟକୁ ଶରୀରରେ କଳାଦାଗ ହୋଇଥିବା ସ୍ଥାନରେ ଲଗାଇ ୧୦ ମିନିଟ୍ ପାଇଁ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ ଏବଂ ଶୁଖିଗଲା ପରେ ଧୋଇଦିଅନ୍ତୁ । ସଫା କରିବା ପରେ ଦାଗ ପଡ଼ିଥିବା ସ୍ଥାନ କିପରି ଉଜ୍ଜ୍ୱଳ ଦେଖାଯାଉଛି ଫରକ ଜାଣିପାରିବେ । ଏହି ଉପଚାରକୁ ସପ୍ତାହରେ ୨ ଥର ବ୍ୟବହାର କରିପାରିବେ । ଲେମ୍ବୁରେ ଭିଟାମିନ୍ ସି ଭରପୂର ମାତ୍ରାରେ ଥାଏ ଯାହା ଚର୍ମକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ବ୍ଲିଚିଂ ଗୁଣ ମୃତ ଚର୍ମକୁ ସଫା କରିବା ଏବଂ କଳା ଦାଗକୁ ଫିକା କରିବାରେ ସାହାଯ୍ୟ କରେ । ଲେମ୍ବୁ ଚିପୁଡ଼ିବା ପରେ ଏହାକୁ ନ ଫୋପାଡ଼ି କହୁଣୀ ଏବଂ ଆଣ୍ଠୁରେ ପ୍ରତିଦିନ ଘଷନ୍ତୁ । ଏହାଦ୍ୱାରା ମୃତ ଚର୍ମ ଦୂର ହେବ ଏବଂ ହାତ , ପାଦ ସଫା ହୋଇଯିବ । ଆପଣ ବେକିଂ ସୋଡ଼ାରେ ଲେମ୍ବୁ ରସ ମିଶାଇ ମଧ କଳା ହୋଇଥିବା ଜାଗାରେ ଘଷି ଘଷି ସଫା କରିପାରିବେ ।

# ଶୋଇବାର ୩ଘଣ୍ଟା ପୂର୍ବରୁ ଖାଆନ୍ତୁ ଖାଦ୍ୟ: ନିୟନ୍ତ୍ରଣରେ ରହିବ ବ୍ଲଡ୍ ପ୍ରେସର ଓ ବ୍ଲଡ୍ ସୁଗାର

ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ଶୋଇବାର ୩ଘଣ୍ଟା ପୂର୍ବରୁ ଖାଦ୍ୟ ଖାଇଲେ ଏହା ଆପଣଙ୍କୁ ବ୍ଲଡ ସୁଗାର, ବ୍ଲଡ ପ୍ରେସର ନିୟନ୍ତ୍ରଣ କରେ । ଉଚ୍ଚ ରକ୍ତଚାପ ଓ ବ୍ଲଡ ସୁଗାର ସମସ୍ୟା ଆଜିକାଲି ବହୁତ ସାଧାରଣ ହୋଇପଡ଼ିଛି। **WHO** ଅନୁସାରେ ପୃଥିବୀରେ ୩୦ରୁ ୭୯ବର୍ଷ ବୟସର ପ୍ରାୟ ୧.୪ ବିଲିୟନ ଲୋକ ହାଇପର ଟେନସନରେ ୨୦୨୪ ସୁଦ୍ଧା ପୀଡ଼ିତ । ଏବଂ ୨୦୨୨ରେ ପ୍ରାୟ ୮୩୦ ମିଲିୟନ ଲୋକ ଡାଏବେଟିସ୍ ସହିତ ବଞ୍ଚିଥିବା କଥା ମଧ ଉଲ୍ଲେଖ କରାଯାଇଛି । ସେଥିପାଇଁ ଏହି ଦୁଇଟି ରୋଗକୁ ନିୟନ୍ତ୍ରଣରେ ରଖିବା ଓ ସମୟରେ ସତର୍କତା ନେବା ବହୁତ ଜରୁରୀ । ନୂତନ ଗବେଷଣା ଅନୁଯାୟୀ, ଶୋଇବା ପୂର୍ବରୁ କମ୍ ସେ କମ୍ ୩ ଘଣ୍ଟା ଆଗରୁ ଖାଦ୍ୟ ବନ୍ଦ କରିଦେଲେ ବ୍ଲଡ୍ ପ୍ରେସର ଓ ବ୍ଲଡ୍ ସୁଗର ନିୟନ୍ତ୍ରଣରେ ଉନ୍ନତି ଆସିପାରେ । ଏହି ଅଧ୍ୟୟନଟି ନର୍ଥୱେଷ୍ଟର୍ନ ୟୁନିଭର୍ସିଟି ର ଗବେଷକମାନେ କରିଥିଲେ ଏବଂ ଏହା ଆର୍ଟେରିଓସ୍କ୍ଲେରୋସିସ୍, ଥ୍ରମ୍ବୋସିସ୍ ଏବଂ ଭାସ୍କୁଲାର ବାୟୋଲୋଜି ଜର୍ନାଲରେ ପ୍ରକାଶିତ ହୋଇଛି । ମଣିଷ ଶରୀରରେ ସର୍କାଡିଆନ୍ ରିଦମ୍ ନାମରେ ଏକ ପ୍ରାକୃତିକ ସମୟ ରହିଛି, ଯାହା ଆମର ମେଟାବଲିଜମ୍, ହୃଦୟର କାର୍ଯ୍ୟ ଓ ହର୍ମୋନ୍ କୁ ନିୟନ୍ତ୍ରଣ କରେ । ଡେରିରେ ଖାଇଲେ ଏହି ପ୍ରାକୃତିକ ସମୟର ଲୟ ଭଙ୍ଗ ହୁଏ, କାରଣ ଶରୀର ବିଶ୍ରାମ ନେବା ସମୟରେ ମଧ ହଜମ ପ୍ରକ୍ରିୟା ଚାଲିଥାଏ । ଏହାର ପରିଣାମରେ ବ୍ଲଡ୍ ପ୍ରେସର ବଢ଼ିବା ଓ ବ୍ଲଡ୍ ସୁଗର ନିୟନ୍ତ୍ରଣ ଖରାପ ହେବାର ସମ୍ଭାବନା ବଢ଼ିଯାଏ । ଏହି ଅଧ୍ୟୟନରେ ଗବେଷକମାନେ ଅଂଶଗ୍ରାହୀମାନଙ୍କୁ ଶୋଇବା ପୂର୍ବରୁ ୩ ଘଣ୍ଟା ଆଗରୁ ଖାଦ୍ୟ ବନ୍ଦ କରିବା, ରାତିରେ ଫୋନ ବ୍ୟବହାର କମ କରିବା ଓ ରାତିରେ ୧୩ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ଉପାସ ରହିବା ଏବଂ କମ ଲାଇଟରେ ଶୋଇବା ପାଇଁ କହୁଥିଲେ । ଗବେଷଣାର ଫଳାଫଳ ଦେଖାଇଲା ଯେ, କ୍ୟାଲୋରି କମ କରିବା ଛଡ଼ା କେବଳ ଖାଇବାର ସମୟ ପରିବର୍ତ୍ତନ କଲେ ମଧ ହୃଦୟ ଓ ମେଟାବଲିକ୍ ସ୍ୱାସ୍ଥ୍ୟରେ ସୁଧାର ଆସିପାରେ, ବିଶେଷକରି ମଧ୍ୟବୟସ୍କ ଓ ବୟସ୍କ ଲୋକଙ୍କ ପାଇଁ ।

# ଉତ୍ତପ୍ତ ରାତି: ଏକ ନୀରବ ଘାତକ

ଭାରତରେ ଗ୍ରୀଷ୍ମ ଋତୁର ପ୍ରକୋପ ଏବେ କେବଳ ଦିନର ପ୍ରଖର ରୌଦ୍ରତାପ ମଧ୍ୟରେ ସୀମିତ ହୋଇ ରହିନାହିଁ । ପାରମ୍ପରିକ ଭାବରେ ଆମେ ଭାବୁଥିଲୁ ଯେ ଦିନରେ ପ୍ରବଳ ଖରା ହେଲେ ମଧ୍ୟ ରାତିରେ ତାପମାତ୍ରା କମିଯିବ ଏବଂ ଶରୀରକୁ ଆରାମ ମିଳିବ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଏବଂ ଦ୍ରୁତ ସହରୀକରଣ କାରଣରୁ ଏହି 'ଉତ୍ତପ୍ତ ଦିନ ଏବଂ ଥଣ୍ଡା ରାତି' ର ଧାରଣା ଏବେ ସମ୍ପୂର୍ଣ୍ଣ ଭାବରେ ବଦଳିଯାଇଛି । ବର୍ତ୍ତମାନର ଗ୍ରୀଷ୍ମପ୍ରବାହ କେବଳ ଦିନର ତାପମାତ୍ରା ଉପରେ ନିର୍ଭର କରୁନାହିଁ, ବରଂ ରାତିର ତାପମାତ୍ରା ମଧ୍ୟ ଅସ୍ୱାଭାବିକ ଭାବରେ ବୃଦ୍ଧି ପାଉଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ର ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ମେ ମାସରେ ଦିଲ୍ଲୀରେ ଗତ ୧୪ ବର୍ଷର ସବୁଠାରୁ ଉତ୍ତପ୍ତ ରାତି ରେକର୍ଡ କରାଯାଇଛି । ଏହି ସମୟରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ପ୍ରାୟ ୫.୭ ଡିଗ୍ରୀ ସେଲସିୟସ୍ ଅଧିକ ରହି ୩୨.୪ ଡିଗ୍ରୀରେ ପହଞ୍ଚିଥିଲା । ଏହି ପରିସଂଖ୍ୟାନ କେବଳ ଏକ ସାଧାରଣ ପାଣିପାଗ ପରିବର୍ତ୍ତନ ନୁହେଁ, ବରଂ ଏହା ଏକ ଗଭୀର ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସଙ୍କଟର ପୂର୍ବାଭାସ ଦେଉଛି । ଦିନର ଉତ୍ତାପ ସହ ରାତିର ଉତ୍ତାପ ମିଶି ଯାହାକୁ ବିଶେଷଜ୍ଞମାନେ 'କମ୍ପାଉଣ୍ଡ ହିଟୱେଭ୍' ବା ଯୌଗିକ ଗ୍ରୀଷ୍ମପ୍ରବାହ ବୋଲି କହୁଛନ୍ତି, ତାହା ଏବେ ଭାରତ ପାଇଁ ଏକ ନୂତନ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରିଛି ।

ଏହି ପରିବର୍ତ୍ତନର ବୈଜ୍ଞାନିକ ଏବଂ ପରିସଂଖ୍ୟାନଗତ ଦିଗକୁ ବିଶ୍ଳେଷଣ କଲେ ପରିସ୍ଥିତିର ଭୟାବହତା ଅଧିକ ସ୍ପଷ୍ଟ ହୁଏ । କାଉନ୍ସିଲ୍ ଅନ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲ୍ୟୁ) ର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୧୦ ରୁ ୨୦୨୪ ମସିହା ମଧ୍ୟରେ ଭାରତର ହାରାହାରି ରାତ୍ରିକାଳୀନ ତାପମାତ୍ରା ପ୍ରତି ଦଶନ୍ଧିରେ ୦.୨୧ ଡିଗ୍ରୀ ସେଲସିୟସ୍ ହାରରେ ବୃଦ୍ଧି ପାଇଛି । ଦେଶର ୩୬ ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୩୫ ଟିରେ ରାତିର ତାପମାତ୍ରା ବୃଦ୍ଧି ପାଇଥିବାର ପ୍ରମାଣ ମିଳିଛି । ଏକ ସାମ୍ପ୍ରତିକ ଗବେଷଣା ଅନୁଯାୟୀ, ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଉପଦ୍ୱୀପୀୟ ଭାରତରେ ପ୍ରତି ଦଶନ୍ଧିରେ ଉତ୍ତପ୍ତ ରାତିର ସଂଖ୍ୟା ୨ ରୁ ୮ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଆହୁରି ଚିନ୍ତାଜନକ ବିଷୟ ହେଉଛି, ୨୦୧୫ ରୁ ୨୧୦୦ ମସିହା ସୁଦ୍ଧା ଏହି ସଂଖ୍ୟା ପ୍ରତି ଦଶନ୍ଧିରେ ୧୦ ରୁ ୧୩ ଦିନ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି ଏବଂ ଦୂର ଭବିଷ୍ୟତ ଅର୍ଥାତ୍ ୨୦୮୦ ରୁ ୨୧୦୦ ମସିହା ବେଳକୁ ଉତ୍ତପ୍ତ ଦିନ ଏବଂ ରାତିର ସଂଖ୍ୟା ସାତ ଗୁଣ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ଏହା ସହିତ ଆର୍ଦ୍ରତା ବା ହ୍ୟୁମିଡିଟିର ମାତ୍ରା ମଧ୍ୟ ବୃଦ୍ଧି ପାଉଛି । ଭାରତର ହାରାହାରି ଆପେକ୍ଷିକ ଆର୍ଦ୍ରତା ୨୦୧୫-୨୦୧୯ ମଧ୍ୟରେ ୬୭.୧ ପ୍ରତିଶତ ଥିବାବେଳେ ୨୦୨୦-୨୦୨୪ ମଧ୍ୟରେ ଏହା ୭୧.୨ ପ୍ରତିଶତକୁ ବୃଦ୍ଧି ପାଇଛି । ଫଳସ୍ୱରୂପ, ଉଭୟ ଉତ୍ତାପ ଏବଂ ଆର୍ଦ୍ରତା ଅଧିକ ରହୁଥିବା ଦିନଗୁଡ଼ିକର ସଂଖ୍ୟା ୧୪,୦୮୬ ରୁ ୧୬,୯୭୦ କୁ ବୃଦ୍ଧି ପାଇଛି, ଯାହା ପରିସ୍ଥିତିକୁ ଆହୁରି ଅସହ୍ୟ କରିଦେଉଛି ।

ସହରାଞ୍ଚଳ ଗୁଡ଼ିକରେ ବୃକ୍ଷଲତା କମିଯିବା ଏବଂ କଂକ୍ରିଟ୍ ଜଙ୍ଗଲ ବୃଦ୍ଧି ପାଇବା ଫଳରେ 'ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ' ବା ସହରୀ ଉତ୍ତାପ ଦ୍ୱୀପ ପ୍ରଭାବ ସୃଷ୍ଟି ହେଉଛି । ଦିନବେଳା କଂକ୍ରିଟ୍ ରାସ୍ତା, କୋଠାବାଡ଼ି, ଇସ୍ପାତ, କାଚ ଏବଂ ଆସ୍ଫାଲ୍ଟ ସୂର୍ଯ୍ୟଙ୍କ ଠାରୁ ପ୍ରଚୁର ଉତ୍ତାପ ଶୋଷଣ କରିଥାନ୍ତି ଏବଂ ରାତିରେ ଯେତେବେଳେ ପରିବେଶ ଥଣ୍ଡା ହେବା କଥା, ସେତେବେଳେ ଏହି ଶୋଷିତ ଉତ୍ତାପ ଧୀରେ ଧୀରେ ବାହାରକୁ ନିର୍ଗତ ହୁଏ । ଫଳସ୍ୱରୂପ, ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳର ରାତିର ତାପମାତ୍ରା ୪ ରୁ ୬ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଅଧିକ ରହୁଛି । ଏହା ସହିତ ଏୟାର କଣ୍ଡିସନରର ବହୁଳ ବ୍ୟବହାର ମଧ୍ୟ ବାହାର ପରିବେଶକୁ ଅଧିକ ଗରମ କରୁଛି, ଯାହା ଏକ ବିଷମ ଚକ୍ର ସୃଷ୍ଟି କରୁଛି । ରାତିର ତାପମାତ୍ରା ବୃଦ୍ଧିର ସବୁଠାରୁ ବଡ଼ ପ୍ରଭାବ ଲୋକଙ୍କ ଘର ଭିତରେ ଅନୁଭୂତ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ର ମାର୍ଗଦର୍ଶିକା ଅନୁଯାୟୀ, ସୁସ୍ଥ ନିଦ୍ରା ଏବଂ ଶାରୀରିକ ବିଶ୍ରାମ ପାଇଁ ଘର ଭିତରର ତାପମାତ୍ରା ୨୪ ଡିଗ୍ରୀ ସେଲସିୟସ୍ ରୁ ଅଧିକ ହେବା ଉଚିତ୍ ନୁହେଁ । କିନ୍ତୁ ଭାରତର ଅଧିକାଂଶ ସହରରେ ରାତିର ତାପମାତ୍ରା ୨୮ ରୁ ୩୦ ଡିଗ୍ରୀ ଉପରେ ରହୁଛି । ମଧ୍ୟପ୍ରଦେଶର ଇନ୍ଦୋର ଭଳି ସହର, ଯାହାକି ତାର ଥଣ୍ଡା ରାତି ପାଇଁ ପ୍ରସିଦ୍ଧ ଥିଲା, ସେଠାରେ ମଧ୍ୟ ରାତିର ସର୍ବନିମ୍ନ ତାପମାତ୍ରା ୩୦.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ଭାରତୀୟ ସହରଗୁଡ଼ିକରେ ଆଧୁନିକ ଆପାର୍ଟମେଣ୍ଟ ଗୁଡ଼ିକରେ ଉପଯୁକ୍ତ ବାୟୁ ଚଳାଚଳର ଅଭାବ ରହିଛି ଏବଂ ଟିନ୍ ବା ଆଜବେଷ୍ଟସ୍ ଛାତ ଥିବା ଘରଗୁଡ଼ିକ ରାତିରେ ଏକ ଚୁଲା ଭଳି କାମ କରୁଛି ।

ଉତ୍ତପ୍ତ ରାତିର ସିଧାସଳଖ ପ୍ରଭାବ ମଣିଷର ନିଦ୍ରା ଏବଂ ସ୍ୱାସ୍ଥ୍ୟ ଉପରେ ପଡ଼ୁଛି । ସାଧାରଣତଃ ଦିନସାରା ଉତ୍ତାପ ସହିବା ପରେ ଶରୀରକୁ ଥଣ୍ଡା କରିବା ପାଇଁ ଏବଂ କ୍ଷୟକ୍ଷତିର ଭରଣା ପାଇଁ ରାତିରେ ଭଲ ନିଦ ହେବା ନିତାନ୍ତ ଆବଶ୍ୟକ । ଶୋଇବା ସମୟରେ ମଣିଷ ଶରୀରର ମୂଳ ତାପମାତ୍ରା କମିଯାଏ ଏବଂ ହୃଦସ୍ପନ୍ଦନ ହାର ହ୍ରାସ ପାଏ । କିନ୍ତୁ ରାତିରେ ଅତ୍ୟଧିକ ଗରମ ଏବଂ ଗୁଳୁଗୁଳି ଯୋଗୁଁ ଶରୀରର ମୂଳ ତାପମାତ୍ରା କମିପାରେ ନାହିଁ, ଯାହା ଫଳରେ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୁଏ । ୬୮ ଟି ଦେଶର ୪୭,୦୦୦ ବୟସ୍କ ଲୋକଙ୍କ ଉପରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ରାତିର ତାପମାତ୍ରା ଅଧିକ ରହିଲେ ଲୋକମାନେ ବାର୍ଷିକ ହାରାହାରି ୪୪ ଘଣ୍ଟାର ନିଦ୍ରା ହରାଉଛନ୍ତି । ବିଶ୍ୱସ୍ତରୀୟ ବିଭିନ୍ନ ଅଧ୍ୟୟନରୁ ଏହା ପ୍ରମାଣିତ ହୋଇଛି ଯେ ରାତିର ଅତ୍ୟଧିକ ଉତ୍ତାପ କାରଣରୁ ମୃତ୍ୟୁହାର ବୃଦ୍ଧି ପାଉଛି । ଲାନସେଟ୍ କାଉଣ୍ଟଡାଉନ୍ ରିପୋର୍ଟ ଅନୁଯାୟୀ, ରାତିର ଅତ୍ୟଧିକ ଉତ୍ତାପ ଯୋଗୁଁ ଷ୍ଟ୍ରୋକ୍, ହୃଦରୋଗ ଏବଂ ଡିମେନ୍ସିଆ ଭଳି ରୋଗରେ ଆକ୍ରାନ୍ତ ହୋଇ ଲୋକେ ଅଧିକ ସଂଖ୍ୟାରେ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି । ଜାପାନରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରୀଷ୍ମ ଋତୁର ପ୍ରାରମ୍ଭରେ ଉତ୍ତପ୍ତ ରାତି ଯୋଗୁଁ ମୃତ୍ୟୁ ଆଶଙ୍କା ଦିନର ଉତ୍ତାପ ଠାରୁ ମଧ୍ୟ ଅଧିକ ଥାଏ । ଗୋଟିଏ ରାତିର ଅନିଦ୍ରା ମଧ୍ୟ ମଣିଷର ରୋଗ ପ୍ରତିରୋଧକ ଶକ୍ତି, ମାନସିକ ସ୍ଥିତି, ଜ୍ଞାନଗତ କ୍ଷମତା ଏବଂ ନିଷ୍ପତ୍ତି ନେବାର କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । କ୍ରମାଗତ ଭାବରେ ରାତିରେ ଶରୀର ଗରମ ରହିଲେ କିଡନୀ ଏବଂ ହୃତ୍ ?ପିଣ୍ଡ ଉପରେ ଅତ୍ୟଧିକ ଚାପ ପଡ଼ିଥାଏ, ଯାହାକି ଏକ ନୀରବ ଘାତକ ସାଜିଥାଏ ।

ଏହି ଉତ୍ତାପ ସଙ୍କଟ ସମାଜରେ ଥିବା ଅର୍ଥନୈତିକ ଅସମାନତାକୁ ମଧ୍ୟ ପଦାରେ ପକାଉଛି । ସହରାଞ୍ଚଳର ଉତ୍ତାପ ବୃଦ୍ଧି ସମସ୍ତଙ୍କୁ ସମାନ ଭାବରେ ପ୍ରଭାବିତ କରୁନାହିଁ । ଯେଉଁମାନଙ୍କର ଆର୍ଥିକ ସ୍ୱଚ୍ଛଳତା ଅଛି, ସେମାନେ ଏସି ଏବଂ ଅନ୍ୟାନ୍ୟ କୁଲିଂ ବ୍ୟବସ୍ଥା ମାଧ୍ୟମରେ ନିଜକୁ ରକ୍ଷା କରିପାରୁଛନ୍ତି । କିନ୍ତୁ ବସ୍ତି ବାସିନ୍ଦା, ଦିନ ମଜୁରିଆ, ଉଠାଦୋକାନୀ, ଡେଲିଭରୀ ବୟ ଏବଂ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଏହି ଉତ୍ତାପ ଏକ ଜୀବନମରଣ ସମସ୍ୟା ପାଲଟିଛି । ପିପୁଲ୍ସ କରିଜ୍ ଇଣ୍ଟରନ୍ୟାସନାଲ୍ ନାମକ ଏକ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଦିଲ୍ଲୀ, ଢାକା ଏବଂ ଜାକର୍ତ୍ତା ଭଳି ସହରଗୁଡ଼ିକରେ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ରାତିରେ ଉପଯୁକ୍ତ ବିଶ୍ରାମ ନପାଇ ପରଦିନ ସକାଳୁ ଅତ୍ୟନ୍ତ କ୍ଳାନ୍ତ ଅବସ୍ଥାରେ କାମ କରିବାକୁ ବାଧ୍ୟ ହେଉଛନ୍ତି । ରାତିର ଏହି ଗରମ ସେମାନଙ୍କର ଶାରୀରିକ କ୍ଷମତାକୁ ନଷ୍ଟ କରିଦେଉଛି । ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ) ର ଆକଳନ ଅନୁଯାୟୀ, ଏହି ଦଶନ୍ଧି ଶେଷ ସୁଦ୍ଧା କେବଳ ଉତ୍ତାପ ଜନିତ ଚାପ କାରଣରୁ ପ୍ରାୟ ୩.୪ କୋଟି ପୂର୍ଣ୍ଣକାଳୀନ ନିଯୁକ୍ତି ନଷ୍ଟ ହେବାର ଆଶଙ୍କା ରହିଛି । ଏହା କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ଦେଶର ଅର୍ଥନୀତି ଏବଂ ଜିଡିପି ଅଭିବୃଦ୍ଧି ଉପରେ ଏହାର ବ୍ୟାପକ ନକାରାତ୍ମକ ପ୍ରଭାବ ପଡ଼ିବାକୁ ଯାଉଛି । ଗରିବ ଲୋକମାନଙ୍କ ପାଇଁ ଡାକ୍ତରଖାନା ଖର୍ଚ୍ଚ ବୃଦ୍ଧି ପାଇବା ସହ ସେମାନଙ୍କର ଦୈନିକ ରୋଜଗାର ମଧ୍ୟ ବାଧାପ୍ରାପ୍ତ ହେଉଛି ।

ବର୍ତ୍ତମାନ ପରିସ୍ଥିତିରେ ଆମକୁ କେବଳ ଦିନର ସର୍ବୋଚ୍ଚ ତାପମାତ୍ରା ଉପରେ ଧ୍ୟାନ ନଦେଇ ରାତିର ଉତ୍ତାପ ଏବଂ ଘର ଭିତରର ଗରମକୁ ମୁକାବିଲା କରିବା ପାଇଁ ବାସ୍ତବବାଦୀ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ । ବ୍ୟକ୍ତିଗତ ସ୍ତରରେ ଶୋଇବା ପୂର୍ବରୁ ଗାଧୋଇବା, ଥଣ୍ଡା ପାଣି ପିଇବା ଏବଂ ଢିଲା ପୋଷାକ ପିନ୍ଧିବା ଭଳି କିଛି ସାଧାରଣ ପଦକ୍ଷେପ ଗ୍ରହଣ କରାଯାଇପାରେ । କିନ୍ତୁ କେବଳ ବ୍ୟକ୍ତିଗତ ସ୍ତରରେ ସତର୍କତା ଅବଲମ୍ବନ କଲେ ଏହି ବିରାଟ ସମସ୍ୟାର ସମାଧାନ ହୋଇପାରିବ ନାହିଁ । ସରକାରୀ ସ୍ତରରେ ଏକ ବ୍ୟାପକ ଏବଂ ସୁଚିନ୍ତିତ ନୀତିର ଆବଶ୍ୟକତା ରହିଛି । ଭାରତୀୟ ପାଣିପାଗ ବିଭାଗକୁ ନିଜର ଗ୍ରୀଷ୍ମପ୍ରବାହ ସତର୍କ ସୂଚନା ପ୍ରଣାଳୀରେ ପରିବର୍ତ୍ତନ ଆଣି 'ଉତ୍ତପ୍ତ ରାତିର ଅବଧି' ଏବଂ 'ଆର୍ଦ୍ରତା ମିଶ୍ରିତ ଉତ୍ତାପ' କୁ ସାମିଲ କରିବାକୁ ପଡ଼ିବ । ପ୍ରତ୍ୟେକ ଜିଲ୍ଲା ଏବଂ ସହର ପାଇଁ ସ୍ୱତନ୍ତ୍ର 'ହିଟ୍ ଆକ୍ସନ୍ ପ୍ଲାନ୍' ବା ଉତ୍ତାପ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବା ଉଚିତ୍ । ସହର ଯୋଜନାରେ ସବୁଜିମା ବୃଦ୍ଧି, ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ଉତ୍ତାପ ପ୍ରତିରୋଧକ ଗୃହ ନିର୍ମାଣ ଶୈଳୀକୁ ବାଧ୍ୟତାମୂଳକ କରାଯିବା ଆବଶ୍ୟକ । ଗରିବ ଏବଂ ଶ୍ରମିକ ଶ୍ରେଣୀର ଲୋକଙ୍କ ପାଇଁ ସାର୍ବଜନୀନ ଶୀତଳ ଆଶ୍ରୟସ୍ଥଳୀ ବା କୁଲିଂ ସେଣ୍ଟରମାନ ସ୍ଥାପନ କରାଯିବା ନିତାନ୍ତ ଜରୁରୀ । ଯଦି ଆମେ ଏବେଠାରୁ ରାତିର ଉତ୍ତାପକୁ ଏକ ଗମ୍ଭୀର ବିପଦ ଭାବରେ ଗ୍ରହଣ ନକରିବା ଏବଂ ଉପଯୁକ୍ତ ପଦକ୍ଷେପ ନନେବା, ତେବେ ଆଗାମୀ ଦିନରେ ଏହା ଭାରତ ପାଇଁ ଏକ ବିରାଟ ଜନସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସଙ୍କଟରେ ପରିଣତ ହେବା ସୁନିଶ୍ଚିତ ।

# ଜୀବନ ବିୟୋଗର ବ୍ୟବଧାନ ଗଣିତ

## ଡକ୍ଟର ଲକ୍ଷ୍ମଣ ସାହୁ



ଜୟା ବାରଣ୍ଡାରେଠିଆ ହୋଇ ସନ୍ଧ୍ୟା ସମୟରେ ସିନ୍ଦୁର ଆକାଶର ସୁନ୍ଦର ରଙ୍ଗ ଦେଖୁଛି । ସେ ନିରନ୍ତର ଦେଖୁଥିଲେ। ସୂର୍ଯ୍ୟ, ତାର ସୁନା କିରଣର ଲାଳତା ସଂଗ୍ରହ କରି, ତାର ରେଶମୀ କିରଣର ସୂତ୍ର ଧରି, ତା'ଙ୍କ ରଥରେ ଚଢ଼ି ଧୀରେ ଧୀରେ ନିଜ ଘର ଆଡକୁ ଯିବା ଆରମ୍ଭ କଲା । ତାକୁ ଦେଖିଲେ ଲାଗୁଥିଲା ଯେପରି ରାଜ୍ୟ ସୂର୍ଯ୍ୟଙ୍କର, ଏହି କିରଣଗୁଡ଼ିକ ତା'ଙ୍କ ଦାସୀମାନଙ୍କ ପରି ଯେଉଁମାନେ ସକାଳେ ତାକୁ ସ୍ୱାଗତ କରିବାକୁ ପ୍ରସ୍ତୁତ ଥିଲେ । ସନ୍ଧ୍ୟା ସମୟରେ ତା' ସହିତ ଯିବାକୁ ଆଗ୍ରହୀ ଥିଲେ । ସୂର୍ଯ୍ୟ ଦେବ ନିଜ ଚରିତ୍ର ଉପରେ ଗର୍ବ କରିବା ସ୍ୱାଭାବିକ ଥିଲା। କାର୍ଯ୍ୟର ପଥ କେବଳ ତା' ସହିତ ଆରମ୍ଭ ହୋଇଥିଲା । ଅନ୍ଧାରରେ ମଧ ତା'ର ଗୁରୁତ୍ୱ କମ୍ ନଥିଲା । ତାଙ୍କ' ର ବିଦାୟ ସହିତ, ପକ୍ଷୀମାନେ ମଧ ନିଜ ବସା ଆଡକୁ ଉଡ଼ିବାକୁ ଲାଗିଲେ।

ପ୍ରଭାତ ସମୟରେ ତାଙ୍କର କୋମଳ କିରଣର ସ୍ୱର୍ଶ ପ୍ରତ୍ୟେକ ହୃଦୟକୁ ଆନନ୍ଦିତ କରିଥିଲା। ଫୁଲ ଫୁଟିଥିବା ଗଛ ଓ ଉଦ୍ଭିଦ ଉପରେ ଚିତ୍କାର କରୁଥିବା ପକ୍ଷୀମାନେ ସମଗ୍ର ପରିବେଶକୁ ଆନନ୍ଦରେ ଭରି ଦେଇଥିଲେ, ଯେପରି ସୂର୍ଯ୍ୟ ପ୍ରତିଦିନ ନୂତନ ଜୀବନ ସୃଷ୍ଟି କରି ଅଗଣିତ ଆଶାର କିରଣକୁ ଜନ୍ମ ଦେଉଥିଲେ। ଏହା ଅନେକଙ୍କ ଜୀବନକୁ ଆନନ୍ଦର ଇନ୍ଦ୍ରଧନୁରେ ଭରି ଦେଇଥିଲା। ଅନ୍ୟମାନଙ୍କ ଭିତରେ ଆଶାର ଦୀପ ଜଳାଇ ରଖିଥିଲା । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ମଧ୍ୟରେ, ଏହା ଏତେ ତୀବ୍ରତାର ସହିତ ଏହାର ସମସ୍ତ ଭୂମିକା ଗ୍ରହଣ କରେ, ତେଣୁ ଏହା ବିନା ଉଦ୍ଭିଦ ଓ ଗଛର ଜୀବନ ବିରଳ । ଆକାଶକୁ ଚାହିଁ ଭୂମି ଏହା ଚିନ୍ତା କଲା । ଏହା ଜୀବନର ବାସ୍ତବତା ।

ଯଦି ଜନ୍ମ ଓ ମୃତ୍ୟୁ ମଧ୍ୟରେ ବ୍ୟବଧାନ ଉଦ୍ଦେଶ୍ୟହୀନ, ତେବେ ଜୀବନର କ'ଣ ଲାଭ ? ପଶୁ ଓ ପକ୍ଷୀମାନେ ମଧ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରନ୍ତି । ସେ ମଧ କେବଳ ସମାନ କାମ କରୁଛନ୍ତି । ସେ ଅନୁଭବ କଲେ ଯେ ସେ ନିଜେ ତାଙ୍କର ବର୍ତ୍ତମାନର ଅବସ୍ଥା ପାଇଁ କୌଣସି ନା କୌଣସି ଭାବରେ ଦାୟୀ । ସେ ଅନ୍ୟାୟକୁ ବିରୋଧ କରିବାର ସାହସ ସଂଗ୍ରହ କରିପାରିଲେ ନାହିଁ । କେତେକ ସମୟରେ ଅତ୍ୟଧିକ ଭଲ ହେବା ଏକ କଠୋର ଦଣ୍ଡ, ଯାହାର ସୁଯୋଗ ଆପଣଙ୍କ ଚାରିପାଖରେ ଥିବା ସମସ୍ତେ ନିଅନ୍ତି, ଯାହା ଆପଣଙ୍କୁ ବିରକ୍ତ କରିଦିଏ । ତାଙ୍କର ଅଶାନ୍ତ ମନ ବିଭିନ୍ନ ସନ୍ଦେହ ଦ୍ୱାରା ଆକ୍ରାନ୍ତ ହୋଇଥିଲା । ଏହି ବୟସରେ ଜୀବନକୁ ଅର୍ଥପୂର୍ଣ୍ଣ କରିବା ସମ୍ଭବ କି ? ଏହି ପ୍ରଶ୍ନ ତାଙ୍କ ବିବେକକୁ ଆଘାତ କରୁଥିଲା ।

ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମନ ମଧ୍ୟରେ କେତେ ପାର୍ଥକ୍ୟ, କେତେ ବ୍ୟବଧାନ । ମହିଳାମାନେ ସମର୍ପଣ ଓ ସହନଶୀଳତାର ଅବତାରଣା କରୁଥିବା ବେଳେ, ପୁରୁଷମାନେ ସେମାନଙ୍କର ଇଚ୍ଛା ଓ ଆକାଂକ୍ଷା ସହିତ ଅଭ୍ୟସ୍ତ। ସେମାନେ ସେମାନଙ୍କର ପ୍ରଭୁତ୍ୱର ଲଗାମକୁ ଦୃଢ଼ ଭାବରେ ଧରି ରଖିବାକୁ ପସନ୍ଦ କରନ୍ତି । ଏହି ଲଗାମର ସାମାନ୍ୟ ଢିଲା ହେବା ସେମାନଙ୍କୁ ସେମାନଙ୍କର କର୍ତ୍ତୃତ୍ୱ ହରାଇବାର ଭୟରେ ରଖେ ।

ମହିଳାମାନଙ୍କ ସମ୍ମାନର କାହାଣୀ କେବଳ ବନ୍ଦ ପୁସ୍ତକରେ ମିଳେ । ବର୍ତ୍ତମାନର ପରିସ୍ଥିତି ନିଶ୍ଚିତ ଭାବରେ ବଦଳି ଯାଇଛି, କିନ୍ତୁ ବର୍ଷ ବର୍ଷ ପୂର୍ବରୁ ଏହା ସମାନ ଥିଲା । ଆଜି ମଧ ସମାନ ରହିଛି । ବର୍ତ୍ତମାନ, ଯୁବତୀମାନେ ଜୀବନର ଅର୍ଥ ବୁଝିପାରିଛନ୍ତି । ସେମାନେ ଅଯଥାରେ କାହା ଆଗରେ ମୁଣ୍ଡ ନୁଆଁଇବାକୁ ଇଚ୍ଛୁକ ନୁହଁନ୍ତି । ଶିକ୍ଷିତ ମହିଳାମାନେ ଭାବନା ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ; ସେମାନେ ଚିନ୍ତା କରି ନିଜ ଜୀବନ ନିଷ୍ପତ୍ତି ନେଉଛନ୍ତି । ସେମାନେ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ କହିବାର ସାହସ ପାଇଛନ୍ତି । ଜୟା ଅନୁଭବ କଲେ ଯେ ତାଙ୍କ ଜୀବନ ବୟସର ଏକ ଦ୍ୱାରଦେଶରେ ଅଟକି ଯାଇଛି, ଯେଉଁଠାରେ ସେ କେବଳ ଅନ୍ଧାର ଦେଖିପାରୁଥିଲେ ।

ପ୍ରତିକୂଳ ପରିସ୍ଥିତିରେ ବର୍ଷ ବର୍ଷ ଜୀବନ ବିତାଇବା ପରେ, ସକାରାତ୍ମକ ଚିନ୍ତାଧାରାର ଦୀପ ଜଳାଇବା ଏକ ସ୍ୱପ୍ନ ପରି। ସେତେବେଳକୁ ସମସ୍ତ ଇଚ୍ଛା ମରିଯାଇଥିଲା । ଜୀବନ ଏକ ଛାଞ୍ଚ ପରି ହୋଇଗଲାଣି, ଯେଉଁଥିରେ ଆପଣ ଯାହା ବି ରଖିବେ ତାହା ଠିକ୍ ସେହିପରି ବାହାରି ଆସିବ ।

ଏବେ ଜୟା ବିକାଶଙ୍କୁ ତାଙ୍କ ଜୀବନକୁ ଫେରି ପାଇବା ସମ୍ଭବ ନୁହେଁ । ତାଙ୍କ ସାଥୀ ପାଇଁ ଆଗ୍ରହ ବହୁ ଦିନ ପୂର୍ବରୁ ଉଭାନ ହୋଇଯାଇଥିଲା । ଏହି ଶୂନ୍ୟସ୍ଥାନ ସହିତ ବଞ୍ଚିବା ସହଜ ନଥିଲା। ସମୟ ଆସିଗଲା, ଚନ୍ଦ୍ର ଓ ତାରାମାନଙ୍କୁ ଆକାଶକୁ ଆଣିଲା, କିନ୍ତୁ ସେ ଉଜ୍ଜ୍ୱଳ ତାରାମାନଙ୍କ ମଧ୍ୟରେ ବିହାନକୁ କୌଣସି ସ୍ଥାନରେ ଦେଖିପାରିଲେ ନାହିଁ। ପିଲାବେଳେ, ତାଙ୍କ ମାଆ କହୁଥିଲେ, 'ନାନୀ ଏବେ ଆକାଶରେ ଏକ ତାରା ହୋଇଗଲେଣି।' ସେ ପ୍ରକୃତରେ ଏକ ଉଜ୍ଜ୍ୱଳ ତାରାକୁ ଦେଖୁଥିଲେ । ସେଥିରେ ତାଙ୍କ ଜେଜେମାଙ୍କ ପ୍ରତିଫଳନ ଦେଖୁଥିଲେ ।

ଆଜ, ସେ ଏହି ତାରାମାନଙ୍କ ମଧ୍ୟରେ ବିକାଶଙ୍କୁ କୌଣସି ସ୍ଥାନରେ ଦେଖିପାରୁ ନଥିଲେ । ହୁଏତ ତାଙ୍କ ସହିତ ଜୀବନ କେବଳ କୋମାରେ ଥିବା ରୋଗୀ ପରି ବିତିଯାଉଥିଲା। ତାଙ୍କ ଉପସ୍ଥିତି କୌଣସି ମୂଲ୍ୟ ନଥିଲା। ଏକମାତ୍ର ସାନ୍ତ୍ୱନା ଥିଲା ଯେ ସେ ବଞ୍ଚିଥିଲେ। ବିକାଶ କେବେବି ତାଙ୍କ ପସନ୍ଦକୁ ପ୍ରାଥମିକତା ଦେଇନଥିଲେ। ଖାଦ୍ୟ, ପାନୀୟ ଓ ପୋଷାକ ସବୁକିଛି ତାଙ୍କର ପସନ୍ଦ ଥିଲା । ସେ ତାଙ୍କ ସଫଳତାକୁ ଏକ ଶୋକେସରେ ସ୍ନେହରେ ପ୍ରଦର୍ଶନ କରିଥିଲେ । ଏହା ଦେଖି ବିକାଶ ତାଙ୍କୁ ପ୍ରଶଂସା କରିବା ତ ଦୂରର କଥା, କ୍ରୋଧରେ କହିଲେ, 'ତୁମେ ଏହି ଜଞ୍ଜାଳକୁ ଏଠାରେ କାହିଁକି ବିସ୍ତାର କରିଛ ?' ସେ ଚୁପ୍ ରହିଲେ, ତାଙ୍କ ରକ୍ତ ଗିଳି ଦେଲେ। ସେ ବାରଣ୍ଡାରେ ଥିବା ରିକ୍ଲାଇନର୍ ଚେୟାରରେ ବସି ବହୁତ ସମୟ ପାଇଁ ଚିନ୍ତା କରୁଥିଲେ । ଏକ ସଂକ୍ଷିପ୍ତ ସାକ୍ଷାତ୍ ତାଙ୍କ ଜୀବନର ଦିଗ ଓ ଅବସ୍ଥା ଉଭୟକୁ ବଦଳାଇ ଦେଇଥିଲା ।

ପୂର୍ବ ଦିଗର ଶୀତଳ ପବନ ଦ୍ୱାରା ବହନ କରାଯାଇଥିବା ରାତି ରାଣୀର ସୁଗନ୍ଧ ତାଙ୍କୁ ସର୍ବଦା ମୋହିତ କରିଥିଲା । କିନ୍ତୁ ଆଜି ସେ ଦ୍ୱାର ବନ୍ଦ କରିଦେଇଥିଲେ । ଏହାକୁ ଭିତରକୁ ପ୍ରବେଶ କରିବାକୁ ବାଧା ଦେଇଥିଲା ।

ଜୀବନରେ ବହୁତ ବୁଲି ବୁଲି ରୁମକୁ ଆସିଗଲେ । ଆଜି ସେ ଅନୁଭବ କଲା ଯେ ତାଙ୍କ ମନର ଅନ୍ଧକାରକୁ ଜୟ କରିବା ଅତ୍ୟନ୍ତ ଜରୁରୀ । ନଚେତ୍, ମାନସିକ ଅବସାଦ ତାଙ୍କୁ ଚାରିପାଖରୁ ଘେରି ରହିବ। ସେ ଥରେ ପାଇଁ ନିଜକୁ ବିଜୟଙ୍କ ନିକଟରେ ସମର୍ପି ଦେଇଥିଲେ। ସେ କ'ଣ ତାଙ୍କ ଜୀବନର ବାକି ସମୟ ଅବସାଦରେ ସମର୍ପି ଦେବେ ? ଭିତରୁ ଏକ ସ୍ୱର ଆସିଲା, 'ନା, ନା, ସକାଳ କେବଳ ସେତେବେଳେ ଆସିବ ଯେତେବେଳେ ତୁମେ ଉଠିବ ।'

ପରବର୍ତ୍ତୀ ମୁହୂର୍ତ୍ତରେ, ସେ ତାଙ୍କ ଶଯ୍ୟା ତଳେ ଥିବା ବାକ୍ସରୁ ତାଙ୍କର ପିଲାଦିନର ପ୍ରମାଣପତ୍ର, ପଦକ ଓ ଟ୍ରଫି ଭର୍ତ୍ତି ଏକ ବାକ୍ସ ବାହାର କଲେ, ଯେଉଁଠାରେ ସେ ସେଗୁଡ଼ିକୁ ସଜାଡ଼ି ରଖିଥିଲେ । ତାଙ୍କ ମୁହଁରେ ଏକ ଚମକ ଆସିଗଲା । ସେ ପ୍ରତ୍ୟେକ ପ୍ରମାଣ ପତ୍ରକୁ ଗୋଟିଏ ଗୋଟିଏ କରି ଦେଖିବାକୁ ଲାଗିଲେ । ସେ ନୃତ୍ୟ, ଗୀତ, ବକ୍ତୃତା ଓ ବାସ୍କେଟବଲ୍ ପାଇଁ ଟ୍ରଫିଗୁଡ଼ିକୁ ଦେଖିଲେ । ତାଙ୍କ ଭିତରେ ଆତ୍ମବିଶ୍ୱାସର ଏକ ଲହରୀ ଖେଳିଗଲା । ସେ ପୂର୍ବରୁ ଗୀତ, ନୃତ୍ୟ ଓ ବାସ୍କେଟବଲ୍ ଅଭ୍ୟାସ କରିବା ବନ୍ଦ କରି ଦେଇଥିଲେ ।

ଏହା ଥିଲା । ଏହି ବୟସରେ ସେ ସେହି ସୁର ଓ ମଧୁରତାକୁ ବଜାୟ ରଖିପାରିବେ କି ନାହିଁ ତାହା କହିବା ବାହାରେ । ତା'ପରେ ତାଙ୍କ ଉଚ୍ଚଶିକ୍ଷା ଡିଗ୍ରୀ ହାତରେ ଧରି ସେ ନିଜକୁ ନିଜେ କହିଲେ, 'ମୁଁ ଏହାକୁ ନଷ୍ଟ ହେବାକୁ ଦେବି ନାହିଁ ।'

ରାତି ଗଭୀର ହେଉଥିଲା । ସେ ଟ୍ରଙ୍କଟି ଖୋଲା ରଖିଲେ, ଭାବିଲେ ସେ ସକାଳେ ସବୁକିଛି ଶୋକେସରେ ରଖିବ। ଏହା ସକାରାତ୍ମକ ଶକ୍ତି ଯୋଗାଇବ ।

ଜୟା ତାଙ୍କ ବାପାମାଆଙ୍କର ଏକମାତ୍ର ସନ୍ତାନ ଥିଲେ । ସେ ଯାହା ଉପରେ ନଜର ପକାଇଲେ ତାହା ପାଇଁ ସେ ପ୍ରସ୍ତୁତ ଥିଲେ। କଲେଜ ପରେ ଏକ ବାସ୍କେଟବଲ୍ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯାଉଥିବା ଜୟା, ବିକାଶଙ୍କୁ ଟ୍ରେନରେ ଭେଟିଥିଲେ। ଯାତ୍ରା ଲମ୍ବା ଥିଲା । ଜୟା ଖେଳିବା ପାଇଁ କଟକରୁ ବ୍ରହ୍ମପୁର ଯାଉଥିଲେ, ବିକାଶ ମଧ ଭୁବନେଶ୍ୱରରୁ ବ୍ରହ୍ମପୁର ଏକ ସାକ୍ଷାତକାର ପାଇଁ ଯାଉଥିଲେ । ଦୁହେଁ ବିପରୀତ ସିଟ୍‌ରେ ବସିଥିଲେ । ସେମାନଙ୍କର ଆଖି ଅନେକ ଥର ଭେଟ ହୋଇଥିଲା । ଶେଷରେ, ଜୟା ହିଁ ନୀରବତା ଭାଙ୍ଗିଥିଲା । ସେ ସ୍ୱାଭାବିକ ଭାବରେ ଖୋଲାମନା ଥିଲେ । କଥାବାର୍ତ୍ତା ଜାରି ରହିଲା । ବ୍ରହ୍ମପୁର ପହଞ୍ଚିବା ପରେ, ସେମାନେ ବିଦାୟ ଦେଲେ । ସଂଯୋଗବଶତଃ ଦୁଇ ଦିନ ପରେ ପୁଣି ସେମାନେ ପଲାସା ସମାନ ଟ୍ରେନରେ ଫେରୁଥିଲେ । ସେମାନେ ଷ୍ଟେସନରେ ପୁଣି ଥରେ ଭେଟ ହେଲେ । ଯଦିଓ ସେମାନଙ୍କର ସିଟ୍ ନମ୍ବର ଭିନ୍ନ ଥିଲା । (କ୍ରମଶଃ)

+ତାରା ନିଳୟ, ପ୍ଲଟ: ୮୫୪/ଏ, ଲକ୍ଷ୍ମୀନାରାୟଣ ବିହାର ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା -୫୫,
ମୋ :୯୦୪୦ ୧୫୧୪୭୫

# ରକ୍ତମୁଖା ଅପରାଧୀଙ୍କ ଉଡିଗଲାଣି ନିଦ : ଓଡିଶା ପୋଲିସର ମହାଭୈରବ ରୂପ

## ସୌଭାଗ୍ୟ ରଂଜନ ମହାନ୍ତି



ଓଡିଶାର ସାମ୍ପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତିରେ ଏକ ବଡ ଧରଣର ପରିବର୍ତନ ଦେଖିବାକୁ ମିଳିଛି ଏବଂ ରାଜ୍ୟରେ ଅପରାଧ ତଥା ଅପରାଧୀଙ୍କ ସାମ୍ରାଜ୍ୟକୁ ରୂପେ ଭୁଶୁଡାଇ ଦେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହାଫଳରେ ଗ୍ୟାଙ୍ଗଷ୍ଟର, ଦାଦାବଟି ଆଦାୟକାରୀ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମନରେ ପ୍ରବଳ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରମୁଖ ସହର ଯେପରିକି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲା ଭଳି ଅଂଚଳରେ ସଙ୍ଗଠିତ ଅପରାଧ, ମାରାତ୍ମକ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ଜମି ମାଫିଆ, ନିଶା କାରବାର ଏବଂ ସୁପାରୀ କିଲିଂ ଭଳି ମାମଲା ବୃଦ୍ଧି ପାଇବା ଯୋଗୁଁ ସାଧାରଣ ନାଗରିକଙ୍କ ସୁରକ୍ଷା ବିପନ୍ନ ହୋଇପଡିଥିଲା, ଯାହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ସରକାର ଓ ପୋଲିସ ବାହିନୀ 'ଶୂନ୍ୟ ସହନଶୀଳତା' ବା ଜିରୋ ଟଲରେନ୍ସ ନୀତି ଆପଣେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏବଂ କ୍ରାଇମବ୍ରାଂଚର ଉଚ୍ଚ ପଦାଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲାରେ ସ୍ପେଶାଲ ସ୍କ୍ୱାର୍ଡ୍ ଓ ଏସଟିଏଫ (STF)ର ମିଳିତ ଅଭିଯାନ ଆରମ୍ଭ କରାଯାଇଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ଅପରାଧ ମୁକ୍ତ ଓଡିଶା ଗଠନ କରିବା ଏବଂ ସମାଜବିରୋଧୀ ତତ୍ତ୍ୱଙ୍କ ମୂଳୋତ୍ପାଟନ କରିବା। ଏହି କ୍ରମରେ ପୋଲିସ ବାହିନୀ ଦ୍ୱାରା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଲୁଚିବା ସ୍ଥାନ ଉପରେ ଚଢାଉ କରାଯାଉଛି ଏବଂ ଯେତେବେଳେ ଏହି ଅପରାଧୀମାନେ ନିଜକୁ ଆଇନ ହାତରୁ ବଂଚାଇବା ପାଇଁ ପୋଲିସ ଉପରକୁ ଗୁଳିଚାଳନା କରୁଛନ୍ତି କିମ୍ବା ବୋମାମାଡ କରି ଖସିଯିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ପୋଲିସ ନିଜର ଆତ୍ମରକ୍ଷା ଓ ଜନସାଧାରଣଙ୍କ ଜୀବନର ସୁରକ୍ଷା ପାଇଁ ଜବାବୀ ଗୁଳିଚାଳନା ବା ଏନକାଉଂଟର (Encounter) କରିବାକୁ ବାଧ୍ୟ ହେଉଛି। ଓଡିଶାରେ ଏହି ପୋଲିସ ଏନକାଉଂଟର ପ୍ରକ୍ରିୟାକୁ ସାଧାରଣ ଭାଷାରେ 'ଲଙ୍ଗଡା ଅପରେସନ' (Longra Operation) ବୋଲି କୁହାଯାଉଛି, କାରଣ ଏହି ଗୁଳିବିନିୟମ ସମୟରେ ଅପରାଧୀମାନଙ୍କ ଗୋଡରେ ଗୁଳି ବାଜୁଛି, ଯାହାଫଳରେ ସେମାନେ ଶାରୀରିକ ଭାବେ ଅକ୍ଷମ ହୋଇ ମେଡିକାଲକୁ ଯାଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ଜେଲର ଅନ୍ଧକାର ପ୍ରକୋଷ୍ଠକୁ ନିକ୍ଷେପ ହଉଛନ୍ତି। ଏହି କଠୋର ପଦକ୍ଷେପ ଯୋଗୁଁ ଅପରାଧୀ ଜଗତର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ସ୍ତବ୍ଧ ହୋଇଯାଇଛି, ଯେଉଁମାନେ ପୂର୍ବରୁ ରାଜରାସ୍ତାରେ ଖୁଲମଖୁଲା ବୁଲୁଥିଲେ ଏବଂ ବନ୍ଧୁକ ମୁନରେ ବ୍ୟବସାୟୀଙ୍କୁ ଧମକ ଦେଇ କୋଟି କୋଟି ଟଙ୍କାର ଦାଦାବଟି ବା କାଳିଆ ସୁପାରୀ ଆଦାୟ କରୁଥିଲେ, ସେମାନଙ୍କ ଛାତିରେ ଏବେ ମୃତ୍ୟୁର ଆତଙ୍କ ଖେଳିଯାଇଛି। ପୋଲିସର ଏହି ରୁଦ୍ର ରୂପ ଦେଖିବା ପରେ ରାଜ୍ୟର ଶତାଧିକ ଛୋଟବଡ କ୍ରିମିନାଲ ଏବେ ନିଜର ଜୀବନ ବଂଚାଇବା ପାଇଁ ହାତଟେକି ଥାନାରେ ଆତ୍ମସମର୍ପଣ କରୁଛନ୍ତି କିମ୍ବା ଓଡିଶାର ସୀମା ପାର ହୋଇ ପଡୋଶୀ ରାଜ୍ୟ ଯେପରିକି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡକୁ ପଳାୟନ କରୁଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର ଏବଂ ଶିଳ୍ପପତିମାନେ, ଯେଉଁମାନେ ଦୀର୍ଘ ଦିନ ଧରି ଏହି ଅପରାଧୀମାନଙ୍କର ମେସେଜ୍ ଏବଂ ଫୋନ୍ କଲକୁ ନେଇ ଭୟଭୀତ ଅବସ୍ଥାରେ ରହୁଥିଲେ ସେମାନେ ଏବେ ମୁକ୍ତ ଭାବେ ନିଜର ବ୍ୟାପାର ବାଣିଜ୍ୟ ପରିଚାଳନା କରିପାରୁଛନ୍ତି ଏବଂ ପୋଲିସର ଏହି ଦୃଢ ନିଷ୍ପତିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବିଶେଷ କରି ସହରାଂଚଳରେ ନୂଆ ନୂଆ ଗ୍ୟାଙ୍ଗ ଗଠନ କରୁଥିବା ଏବଂ ବାଇକରେ ବୁଲି ଚେନ୍ ଛଡାଇବା, ରାହାଜାନୀ କରିବା ଏବଂ ମାରପିଟ୍ କରି ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିବା ଉଦ୍ଧତ ଯୁବ କ୍ରିମିନାଲମାନଙ୍କ ଅଂଟା ଭାଙ୍ଗିବାରେ ଏହି ଏନକାଉଟଂର ସବୁଠାରୁ ବଡ ହତିଆର ସାବ୍ୟସ୍ତ ହୋଇଛି, କାରଣ ସେମାନେ ବୁଝିଗଲେଣି ଯେ ଅପରାଧ ଦୁନିଆର ଶେଷ ପରିଣତି କେବଳ କାରାଗାର କିମ୍ବା ପୋଲିସର ଗୁଳି। ଏହା ସହିତ ପୋଲିସ ଏବେ ଅପରାଧୀମାନଙ୍କର କେବଳ ଶାରୀରିକ ଦମନ କରୁନାହିଁ, ବରଂ ସେମାନଙ୍କର ସାମ୍ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଛାନ୍ନଭିନ୍ନ କରିବା ପାଇଁ ବେଆଇନ ଭାବେ ଅର୍ଜନ କରାଯାଇଥିବା ସମ୍ପତିକୁ ବାଜ୍ୟାପ୍ତ କରିବା ସହ ସେମାନଙ୍କ ବେଆଇନ ନିର୍ମାଣ ଉପରେ ବୁଲଡୋଜର ଚଳାଉଛି, ଯାହାଫଳରେ ଅପରାଧୀଙ୍କ ଆର୍ଥିକ ଉତ୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି। ରାଜ୍ୟରେ ଏଭଳି ଦ୍ରୁତ ପଦକ୍ଷେପ ଯୋଗୁଁ ମହିଳା, ସ୍କୁଲ କଲେଜ ଛାତ୍ରୀ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ସୁରକ୍ଷାର ଭାବନା ସୃଷ୍ଟି ହୋଇଛି, କାରଣ ସନ୍ଧ୍ୟା ହେଲେ ରାସ୍ତାଘାଟରେ ଯେଉଁ ଆଂଟି-ସୋସିଆଲମାନେ ଆଡ୍ଡା ଜମାଉଥିଲେ ଏବଂ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିଲେ, ସେମାନେ ଏବେ ପୋଲିସ ଗାଡିର ସାଇରେନ୍ ଶବ୍ଦ ଶୁଣିବା ମାତ୍ରେ ଛତ୍ରଭଙ୍ଗ ଦେଉଛନ୍ତି। ଯଦିଓ ଏହି ଏନକାଉଟଂର ପ୍ରକ୍ରିୟାକୁ ନେଇ କେତେକ ମାନବାଧିକ ସଂଗଠନ ଏବଂ ଆଇନଜ୍ଞ ଆପତି ଉଠାଇ କହିଛନ୍ତି ଯେ ଆଇନ ଏବଂ ସମ୍ବିଧାନର ପରିସର ମଧ୍ୟରେ ହିଁ ପ୍ରତ୍ୟେକ ଅପରାଙ୍କୁ ବିଚାରଳୟ ମାଧ୍ୟମରେ ଦଣ୍ଡ ଦିଆଯିବା ଉଚିତ ଏବଂ କୌଣସି ପରିସ୍ଥିତିରେ ବିଚାର ବିଭାଗୀୟ ପ୍ରକ୍ରିୟାକୁ ବାଇପାସ୍ କରାଯିବା କଥା ନୁହେଁ, ମାତ୍ର ସାଧାରଣ ଜନତାଙ୍କ ମତରେ ଯେତେବେଳେ କ୍ରିମିନାଲମାନେ କୌଣସି ନିୟମ କିମ୍ବା ମାନବିକତାକୁ ଖାତିର ନକରି ନିରୀହ ଲୋକଙ୍କ ଉପରକୁ ଗୁଳି ଚଳାନ୍ତି ଏବଂ ସାକ୍ଷୀମାନଙ୍କୁ ଧମକ ଦେଇ କୋର୍ଟରୁ ଖଲାସ ହୋଇଯାନ୍ତି, ସେତେବେଳେ ସମାଜରେ ଶାନ୍ତି ଓ ସନ୍ତୁଳନ ରକ୍ଷା କରିବା ପାଇଁ ପୋଲିସର ଏହି ତ୍ୱରିତ ପ୍ରହାର ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡେ। ଓଡିଶାକୁ ଏକ ବିକଶିତ ଏବଂ ନିରାପଦ ନିବେଶ ସ୍ଥଳୀ ଭାବେ ଗଢିତୋଳିବା ପାଇଁ ରାଜ୍ୟରେ ସୁସ୍ଥ ପରିବେଶ ଏବଂ ସୁଦୃଢ ଆଇନ ଶୃଙ୍ଖଳା ସବୁଠାରୁ ବଡ ସର୍ତ୍ତ, ଆଉ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପୋଲିସ ବାହିନୀ ଆଗାମୀ ଦିନରେ ନିଜର ଏହି କଡା ଆଭିମୁଖ୍ୟକୁ ଆହୁରି ଜୋରଦାର କରିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆଯାଇଛି, ଯାହା ଓଡିଶାର ଇତିହାସରେ ଅପରାଧ ଦମନ କ୍ଷେତ୍ରରେ ଏକ ଅତ୍ୟନ୍ତ ସ୍ମରଣୀୟ ଏବଂ ଶକ୍ତିଶାଳୀ ଅଧ୍ୟାୟ ଭାବେ ବିବେଚିତ ହେବ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

## କବିତା କୋଣାର୍କ

### ମୁଣ୍ଡ ଟେକିଲାଣି ଖରା

### ପବିତ୍ର କୁମାର ସାହୁ



ମୁଣ୍ଡ ଟେକିଲାଣି ଖରା
ଝାଇଁ ମାରେ ଦେହ ସାରା
ନଈ ନାଳ ସବୁ ଶୁଖି ଫାଟିଲାଣି
ଜଳ ଟିକେ ଖୋଜେ ଧରା ।
ଦହି ପାଣି ଟିକେ ଖୋଜା
ଗଛ ତଳେ ଗଡ଼େ ଅଜା
ଭାରି ମଜା ଲାଗେ
ପେଟରେ ପଡ଼ିଲେ
ବାସି ପଖାଳକୁ ଭଜା ।
ଗାଆଁ ଗଣ୍ଡା ଶୂନୁଶାନ
ଚାଇଁ ଚାଇଁ ଖରା ଟାଣ
ଆକାଶରୁ ନିଆଁ ବରଷୁଛି ଏବେ
ଯାଅ ନାହିଁ ବିଲ ବଣ ।
ଧରିଲେଣି ବାପା ଛତା
ପିନ୍ଧିଲେଣି ପାଦେ ଜୋତା
ବଜାରକୁ ଯାଇ ଆଣିବେ ପଇଡ଼
ପିଇବ ଖୁସିରେ ରିତା ।
ଘରେ ସୁରକ୍ଷିତ ରୁହ
ମାଠିଆରୁ ପାଣି ପିଅ
କାକୁଡ଼ି ଗାଜର ତରଭୁଜ ଫଳ
ମନ ଭରି ପେଟେ ଖାଅ ।
ବଣରେ ଲାଗଇ ନିଆଁ
ଚାରିଆଡ଼େ ଖାଲି ଧୂଆଁ
ପଶୁପକ୍ଷୀ ସବୁ ଜୀବନ ବଞ୍ଚାଇ
ମାଡ଼ି ଆସିଲେଣି ଗାଆଁ ।
ମଲ୍ଲୀ ଫୁଲ ବାସେ ଆହା
ସୁଲୁ ସୁଲୁ ବହେ ବାଆ
ଶୁଖିଲା ନଈରେ ନାଉରୀ ଭାଇଟି
କେମିତି ବାହିବ ନାଆ ।
ମେଘ ଯେବେ ବରଷିବ
ଖରା ଧୀରେ ମଉଳିବ
ଗଛରେ ପତର ଫୁଲ ଫଳ ଧରି
ସବୁଜିମା ଭରିଯିବ।
ନ କରିବା ଆଉ ଡେରି
ଆସରେ ଗୋବିନ୍ଦ ହରି
ଘର ଅଗଣାରେ ଲଗାଇବା ଗଛ
ବହିବ ପବନ ଥିରି ।

+ସଂସ୍କୃତ ଶିକ୍ଷକ
ଅତାସାହି, ଆନନ୍ଦପୁର, କେନ୍ଦୁଝର
ମୋ :୯୭୭୭୫୬୦୯୨୧

### ଦୁନିଆ

### ସମୀର କୁମାର ମହାମଲ୍ଲୀକ



କବିତା ମୋ ପ୍ରେମିକା,
ନିରବ ରାତିର ସୁର,
ମନର ଗୁପ୍ତ ଅଭିଳାଷେ
ସେ ଆଣେ ମଧୁର ନୂର।
ଶବ୍ଦର ଫୁଲ ଗୁଞ୍ଜି ଗୁଞ୍ଜି
ସେ ହସେ ମୋ ମନେ,
ଦୁଃଖର ମେଘ ଭାସିଯାଏ
ତା'ର ମିଠା ସ୍ପର୍ଶଣେ।
କାଗଜ ଉପରେ ତା'ର ଛବି
ଆଙ୍କେ ମୋର କଲମ,
ତା' ପାଇଁ ମୋ ହୃଦୟ ଭରେ
ସ୍ୱପ୍ନର ନୀଳ ଆଲମ।
ଚାନ୍ଦ ଆଲୋକ ରାତିରେ ସେ
ହୁଏ ମୋର ସାଥୀ,
ଅକଥିତ କଥା କହିଦିଏ
ନୀରବତାର ରାତି।
କେବେ ସେ ଝରଣା ଧାରା,
କେବେ ଶାନ୍ତ ସାଗର,
କେବେ ବସନ୍ତର ମଧୁ ଗନ୍ଧ,
କେବେ ବିରହ ଅଗ୍ନିଘର।
କବିତା ମୋ ପ୍ରେମିକା,
ମୋ ଜୀବନର ଗୀତ,
ତା' ବିନା ଏଇ ମନ ଅଧୁରା,
ତା' ସହିତ ସବୁ ପ୍ରୀତ।

+କୁଶୁର୍ଡା,
ସୋହେଲା, ବରଗଡ଼

# ରଣବୀରଙ୍କ ପୂର୍ବରୁ ବାସନ୍ଦ ହୋଇଥିବା ସେଲିବ୍ରିଟି



ନିକଟରେ ରଣବୀର ସିଂହଙ୍କୁ 'ଫେଡେରେସନ୍ ଅଫ୍ ୱେଷ୍ଟର୍ଣ୍ଣ ଇଣ୍ଡିଆ ସିନେ ଏମ୍ପ୍ଲଇଜ୍' (ଫ୍ୱାଇସ୍) ସଂଘ ବାସନ୍ଦ କରିଛି। ପ୍ରଯୋଜକ ଫରହାନ୍ ଅଖତରଙ୍କ ଅଭିଯୋଗକ୍ରମେ ଏହି ବାସନ୍ଦ ଜାରି ହୋଇଛି। ତେବେ 'ଫ୍ୱାଇସ୍' ବାସନ୍ଦର ଶିକାର ହେବାରେ ରଣବୀର ସିଂହ ପ୍ରଥମ ଅଭିନେତା ନୁହନ୍ତି। ଅତୀତରେ ବିଭିନ୍ନ ସମୟରେ ନାନା କାରଣରୁ ସେଲିବ୍ରିଟିମାନେ ଏହି ଚଳଚ୍ଚିତ୍ର କର୍ମଚାରୀ ସଂଘ ଦ୍ୱାରା ବାସନ୍ଦର ସମ୍ମୁଖୀନ ହୋଇଛନ୍ତି। ଏହା ପୂର୍ବରୁ ୨୦୨୫ରେ ଅଭିନେତା-ସଂଗୀତଜ୍ଞ ଦିଲଜୀତ ଦୋସାଁଝଙ୍କୁ ବାସନ୍ଦ କରିବାକୁ 'ଫ୍ୱାଇସ୍' ଆହ୍ୱାନ କରିଥିଲା। ଏହା ପଛର କାରଣ ଥିଲା ପାକିସ୍ତାନୀ କଳାକାରଙ୍କ ସହିତ କାମ କରିବା ନେଇ ନିଷେଧାଦେଶକୁ ଦିଲଜୀତ ବେଖାତିର କରିଥିଲେ। 'ସର୍ଦ୍ଦାରଜୀ ୩' ଶୀର୍ଷକ ଚଳଚ୍ଚିତ୍ରର ସହପ୍ରଯୋଜକ ତଥା ନାୟକ ଥିବା ଦୀଲଜିତ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିରଙ୍କୁ ଉକ୍ତ ଚଳଚ୍ଚିତ୍ରରେ ଅଭିନୟର ସୁଯୋଗ ଦେଇଥିଲେ। ଏହି ଚଳଚ୍ଚିତ୍ର ଭାରତରେ ମୁକ୍ତିଲାଭ କରି ନଥିଲେ ହେଁ ବିଦେଶରେ ଭଲ ଆୟ କରିଥିଲା। ବାସନ୍ଦ ସତ୍ତ୍ୱେ ଦିଲଜୀତଙ୍କ ଅଭିନୀତ 'ବର୍ଡର ୨' ମୁକ୍ତିଲାଭ କରିସାରିଛି ଏବଂ ଆଗକୁ 'ମୈ ୱାପସ୍ ଆଉଙ୍ଗା' ବି ମୁକ୍ତିଲାଭ କରିବାର ଅଛି।

ଅଭିନେତ୍ରୀ ଗୌହର ଖାଁ ୨୦୨୧ରେ 'ଫ୍ୱାଇସ୍'ର ବାସନ୍ଦ ଭୋଗିଥିଲେ। କୋଭିଡ୍-୧୯ ମହାମାରୀ ପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅବଜ୍ଞା କରି ସୁଟିଂ କରିଥିବାରୁ ତାଙ୍କୁ ଦୁଇମାସ ପାଇଁ ଉକ୍ତ ସଂଘ ପକ୍ଷରୁ ବାସନ୍ଦ କରାଯାଇଥିଲା। ପଞ୍ଜାବୀ ତାରକା ମିକା ସିଂହ ୨୦୧୯ରେ ପାକିସ୍ତାନର କରାଚି ଯାଇ ସଂଗୀତ ପରିବେଷଣ କରି ବିବାଦୀୟ ହୋଇପଡ଼ିଥିଲେ। ତାଙ୍କୁ 'ଫ୍ୱାଇସ୍' ସହିତ 'ଅଲ୍ ଇଣ୍ଡିଆ ସିନେମା ୱାର୍କର୍ସ ଆସୋସିଏସନ୍' ମଧ୍ୟ ବାସନ୍ଦ କରିଥିଲା। ମିକା ଏଥିପାଇଁ କ୍ଷମାପ୍ରାର୍ଥନା କରିବା ପରେ ଉକ୍ତ ବାସନ୍ଦ ଘୋଷଣା ହଟାଇ ଦିଆଯାଇଥିଲା। ଅଭିନେତା ଚଙ୍କି ପାଣ୍ଡେ ୧୯୮୬ ମସିହାରେ 'ଫ୍ୱାଇସ୍' ବାସନ୍ଦର ସମ୍ମୁଖୀନ ହୋଇଥିଲେ। ଚଳଚ୍ଚିତ୍ର ଶିଳ୍ପର ସମସ୍ତେ ଯେତେବେଳେ ସିନେମା ଟିକେଟ୍ ଉପରେ ଉଚ୍ଚା ଟିକସକୁ ବିରୋଧ କରି ଆନ୍ଦୋଳନ ଚଳାଇଥିଲେ ସେତେବେଳେ 'ଆଗ୍ ହି ଆଗ୍' ଚଳଚ୍ଚିତ୍ରର ସୁଟିଂରେ ଯୋଗ ଦେବାରୁ ଚଙ୍କିଙ୍କୁ ଏକ ସପ୍ତାହ ପାଇଁ ବାସନ୍ଦ କରାଯାଇଥିଲା। ସେହି ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର ଓ ଶତ୍ରୁଘ୍ନ ସିହ୍ନାଙ୍କ ପରି ତାରକା କାମ କରୁଥିଲେ ହେଁ ସେମାନଙ୍କୁ 'ଫ୍ୱାଇସ୍' ବାସନ୍ଦ କରି ନଥିଲା। ୨୦୧୬ ମସିହାରେ ଉରି ଆକ୍ରମଣ ପରେ ପାକିସ୍ତାନର ସମସ୍ତ କଳାକାରଙ୍କୁ 'ଫ୍ୱାଇସ୍' ବାସନ୍ଦ କରିଥିଲା। ସେହି କାରଣରୁ ଫ୍ୱାଦ ଖାଁ, ସବା କମର ଓ ମାହିରା ଖାଁଙ୍କ ପରି ଅଭିନେତାଙ୍କ ବଲିଉଡ୍ କ୍ୟାରିଅର ରାତାରାତି ସମାପ୍ତ ହୋଇଯାଇଥିଲା।

# ରେକର୍ଡ ପରେ ରେକର୍ଡ କରିଚାଲିଛି 'ଦୃଶ୍ୟମ-୩'



ମୋହନଲାଲଙ୍କ ଅଭିନୀତ ସସପେନ୍ସ ଥ୍ରୀଲର 'ଦୃଶ୍ୟମ ୩' ଦର୍ଶକଙ୍କ ହୃଦୟ ଜିତିବାରେ ଲାଗିଛି। ଜିତୁ ଜୋସେଫଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ବକ୍ସ ଅଫିସରେ ଏକ ଦମଦାର ଓପନିଂ କରିଥିଲା, ମାଲାୟଲମ ସିନେମାରେ ଦ୍ୱିତୀୟ ସର୍ବାଧିକ ଓପନିଂ ଫିଲ୍ମ ହୋଇଥିଲା। ଆସନ୍ତୁ ଜାଣିବା। 'ଦୃଶ୍ୟମ ୩' ଏହି ବର୍ଷର ସବୁଠାରୁ ପ୍ରତୀକ୍ଷିତ ଭାରତୀୟ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା। ଏହି ଫିଲ୍ମରେ ମୋହନଲାଲ, ଜର୍ଜକୁଟ୍ଟି ଭାବରେ ଫେରୁଛନ୍ତି। ମୀନା, ଅନସୀବା ହାସନ ଏବଂ ଏସ୍ଥର ଅନିଲ ମଧ୍ୟ ନିଜ ନିଜ ଭୂମିକାକୁ ଫେରିଛନ୍ତି। ଫିଲ୍ମଟି ଦର୍ଶକଙ୍କ ମନୋରଞ୍ଜନ କରୁଛି, ଏବଂ ଏକ ଦୃଢ଼ ଓପନିଂ ସହ ବକ୍ସ ଅଫିସରେ ଦୃଢ଼ ବ୍ୟବସାୟ କରି ଚାଲିଛି।ଫିଲ୍ମର କଲେକ୍ସନ ବିଷୟରେ, କହିବାକୁ ଗଲେ 'ଦୃଶ୍ୟମ ୩' ଏହାର ପ୍ରଥମ ଦିନରେ ୧୫.୮୫ କୋଟି ଟଙ୍କା ରୋଜଗାର କରିଥିଲା। ଦ୍ୱିତୀୟ ଦିନରେ ଫିଲ୍ମଟି ୧୧.୦୫ କୋଟି ଟଙ୍କା, ତୃତୀୟ ଦିନରେ ୧୩.୭୦ କୋଟି ଟଙ୍କା, ଚତୁର୍ଥ ଦିନରେ ୧୩.୮୫ କୋଟି ଟଙ୍କା ଏବଂ ପଞ୍ଚମ ଦିନରେ ୭.୭୦ କୋଟି ଟଙ୍କା ଆୟ କରିଛି। ରିପୋର୍ଟ ଅନୁଯାୟୀ, 'ଦୃଶ୍ୟମ୍ ୩' ରିଲିଜ୍‌ର ଷଷ୍ଠ ଦିନରେ ୬.୪୫ କୋଟି ଟଙ୍କା ଆୟ କରିଛି। ଏହା ସହିତ, 'ଦୃଶ୍ୟମ୍ ୩'ର ଛଅ ଦିନର ମୋଟ ଆୟ ଏବେ ୬୮.୬୦ କୋଟିରେ ପହଞ୍ଚିଛି।

'ଦୃଶ୍ୟମ୍ ୩' ବିଦେଶ ବଜାରରେ ଏକ ଜବରଦସ୍ତ ପ୍ରତିକ୍ରିୟା ପାଉଛି। ରିଲିଜ ହେବାର ଛଅ ଦିନରେ ବିଦେଶୀ ବକ୍ସ ଅଫିସ୍ ସଂଗ୍ରହ ୮୪.୭୦ କୋଟି ଟଙ୍କାରେ ପହଞ୍ଚିଛି। ଏହା ସହିତ, ଚଳଚ୍ଚିତ୍ରର ବିଶ୍ୱବ୍ୟାପୀ ଆୟ ୧୬୪.୩୨ କୋଟିରେ ପହଞ୍ଚିଛି। ଏହା ଉଲ୍ଲେଖ କରିବା ଉଚିତ ଯେ ଏହି ଚଳଚ୍ଚିତ୍ରଟି ସାରା ବିଶ୍ୱରେ ଆଦୁଜୀବିତମ୍: ଦି ଗୋଟ୍ ଲାଇଫ୍‌ର ୧୬୦.୦୮ କୋଟି ସଂଗ୍ରହକୁ ପଛରେ ପକାଇ ଦେଇଛି, ଯାହା ଏହାକୁ ସାରା ବିଶ୍ୱରେ ସପ୍ତମ ସର୍ବାଧିକ ଆୟକାରୀ ମାଲାୟଲମ୍ ଚଳଚ୍ଚିତ୍ର କରିଛି। ଜୀତୁ ଜୋସେଫଙ୍କ ନିର୍ଦ୍ଦେଶିତ, ଦୃଶ୍ୟମ୍ ୩ ମେ ୨୧ ତାରିଖରେ ସିନେମା ହଲ୍‌କୁ ଆସିଥିଲା। ମୁଖ୍ୟ ଭୂମିକାରେ ମୋହନଲାଲ ଅଭିନୟ କରିଥିବାବେଳେ ଚଳଚ୍ଚିତ୍ରରେ ମୀନା, ଅନସୀବା ହାସନ୍, ଏସ୍ଥର ଅନିଲ, ଆଶା ଶରତ, ସିଦ୍ଦିକ୍ ଏବଂ ଅନ୍ୟମାନେ ମଧ୍ୟ ଅଭିନୟ କରିଛନ୍ତି।

# ମିଳିନ୍ଦ ସୋମନଙ୍କ ସହ ପ୍ରେମ ଓ ବ୍ରେକଅପ୍ ନେଇ ଶାହନା ଗୋସ୍ୱାମୀ ଖୋଲିଲେ ଗୁମର



ଅଭିନେତ୍ରୀ ଶାହନା ଗୋସ୍ୱାମୀ ସମ୍ପ୍ରତି ମଡେଲ୍ ଓ ଅଭିନେତା ମିଲିନ୍ଦ ସୋମନଙ୍କ ସହ ତାଙ୍କ ପୁରୁଣା ପ୍ରେମ ସମ୍ପର୍କ ନେଇ ଖୋଲାମନରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, କିଶୋରୀ ବୟସରୁ ମିଲିନ୍ଦଙ୍କୁ ପସନ୍ଦ କରୁଥିଲେ ଏବଂ ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଶାହନା କହିଛନ୍ତି, ସେତେବେଳେ ସେ ଦିଲ୍ଲୀରେ ପଢୁଥିଲେ ଏବଂ ମିଲିନ୍ଦଙ୍କ ଗୋଟିଏ ଫିଲ୍ମ ଦେଖିବା ପରେ ତାଙ୍କ ଅଭିନୟରେ ଖୁବ୍ ପ୍ରଭାବିତ ହୋଇଥିଲେ। ଫିଲ୍ମ ଦେଖିବା ପରେ ସେ ମିଲିନ୍ଦଙ୍କ ବଡ଼ ଫ୍ୟାନ୍ ହୋଇଯାଇଥିଲେ। ଶାହନା କହିଛନ୍ତି ଯେ, ସେ ଇଣ୍ଟରନେଟରେ ମିଲିନ୍ଦଙ୍କ ଠିକଣା ଖୋଜୁଥିବା ବେଳେ ତାଙ୍କ ଲ୍ୟାଣ୍ଡଲାଇନ୍ ନମ୍ବର ମିଳିଥିଲା। ପରେ ସେ ମିଲିନ୍ଦଙ୍କୁ ଜନ୍ମଦିନର ଶୁଭେଚ୍ଛା ସନ୍ଦେଶ ପଠାଇଥିଲେ ଏବଂ ମିଲିନ୍ଦ ତୁରନ୍ତ ଉତ୍ତର ଦେଇଥିଲେ। ଦୁହେଁ ପ୍ରାୟ ଛଅ ବର୍ଷ ଧରି କେବଳ ମେସେଜ୍ ମାଧ୍ୟମରେ ଯୋଗାଯୋଗରେ ଥିଲେ। ପରେ ଯେତେବେଳେ ଦୁହେଁ ସିଙ୍ଗଲ୍ ଥିଲେ, ସେତେବେଳେ ତାଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିଲା। ଶାହନା ସେତେବେଳେ ୨୦ ବର୍ଷର ଥିଲେ, ଯେତେବେଳେ ମିଲିନ୍ଦଙ୍କ ବୟସ ୪୩ ବର୍ଷ ଥିଲା। ବୟସ ତଫାତ୍ ନେଇ ଚର୍ଚ୍ଚା ହେଉଥିବା ବେଳେ ଶାହନା କହିଛନ୍ତି ଯେ, ସେ କେବେ ଏହାକୁ ସମସ୍ୟା ଭାବେ ନେଇନଥିଲେ ଏବଂ ସେ ନିଜ ବୟସ ଠାରୁ ଅଧିକ ପରିପକ୍ୱ ଥିଲେ। ଶାହନା କହିଛନ୍ତି ଯେ, ୨୦୧୩ରେ ଦୁହିଁଙ୍କ ମଧ୍ୟରେ ବ୍ରେକଅପ୍ ହୋଇଥିଲା। ସେ କହିଛନ୍ତି, ସମ୍ପର୍କରେ ସଠିକ୍ ତାଳମେଳ ନଥିଲେ ଏହାକୁ ଛାଡ଼ିଦେବା ଭଲ। ତଥାପି ଶେଷ ପର୍ଯ୍ୟନ୍ତ ଦୁହେଁ ପରସ୍ପରକୁ ଭଲପାଉଥିଲେ। ଶାହନା କହିଛନ୍ତି ଯେ, ସେ ପ୍ରେମରେ ଗଭୀର ବିଶ୍ୱାସ କରନ୍ତି, କିନ୍ତୁ ସ୍ୱାଧୀନତାକୁ ମଧ୍ୟ ସମାନ ଗୁରୁତ୍ୱ ଦିଅନ୍ତି। କାହାକୁ ବନ୍ଧନରେ ରଖିବାକୁ ସେ ପ୍ରେମ ମାନନ୍ତି ନାହିଁ। ଉଲ୍ଲେଖଯୋଗ୍ୟ, ମିଲିନ୍ଦ ସୋମନ ୨୦୧୮ ମସିହାରେ ଅଙ୍କିତା କୁଁୱରଙ୍କୁ ବିବାହ କରିଥିଲେ।

# କାମ ପାଉନାହାନ୍ତି ମୌନୀ



ଅଭିନେତ୍ରୀ ମୌନୀ ରାୟ ନିକଟରେ କାନ୍ ଚଳଚ୍ଚିତ୍ର ମହୋତ୍ସବରେ ଯୋଗ ଦେଇଥିଲେ। ସେଥିରୁ ଯେ କେହି ଅନୁମାନ କରିବେ ଯେ ତାଙ୍କର ଭଲ ସମୟ ଚାଲୁଛି। କିନ୍ତୁ ବାସ୍ତବରେ ମୌନୀଙ୍କ ହାତରେ ବେଶୀ କାମ ନାହିଁ। ସେ କାନ୍ ମହୋତ୍ସବରେ ମନର ଅନେକ ଅକୁହା କଥା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଟିଭି ଧାରାବାହିକର ସଫଳ କ୍ୟାରିଅର ଛାଡ଼ି ଚଳଚ୍ଚିତ୍ର ଦୁନିଆକୁ ଆସିବା ପାଇଁ ସେ ନଅ ବର୍ଷ ଧରି ଖୁବ୍ ପରିଶ୍ରମ କରିଥିଲେ। 'କ୍ୟୁଁ କି ଶାଶ ଭି କଭି ବହୂ ଥୀ', 'ନାଗିନ୍', 'ଦେବୋଁକେ ଦେବ ମହାଦେବ' ଓ 'ଜୁନୁନ୍' ପରି ଧାରାବାହିକରେ ଅଭିନୟ କରି ସେ ଭାରତର ଘରେ ଘରେ ସୁପରିଚିତ ଚେହେରା ପାଲଟିଥିଲେ। ତାହାକୁ ପୁଞ୍ଜି କରି ସେ ୨୦୧୮ ମସିହାରେ ବଲିଉଡ୍‌କୁ ଲମ୍ଫ ପ୍ରଦାନ କଲେ। ଅକ୍ଷୟ କୁମାରଙ୍କ ସହିତ 'ଗୋଲ୍ଡ' ଥିଲା ତାଙ୍କର ପ୍ରଥମ ଚଳଚ୍ଚିତ୍ର। ତେବେ ତା' ପରଠାରୁ ତାଙ୍କ କ୍ୟାରିୟର ଉତ୍‌ଥାନ ପତନ ଦେଇ ଗତି କରୁଛି। ଆଗକୁ ତାଙ୍କ ଅଭିନୀତ 'ହୈ ଯ୍ୱାନୀ ତୋ ଇସ୍କ ହୋନା ହୈ' ଚଳଚ୍ଚିତ୍ର ଆସିବାର ଅଛି। ନିକଟରେ ଏହାର ଟ୍ରେଲର ପ୍ରକାଶ ପାଇଛି, ଯେଉଁଥିରେ ବରୁଣ ଧବନ୍ ନାୟକ ହୋଇଥିବା ବେଳେ ମୃଣାଳ ଠାକୁର ଓ ପୂଜା ହେଗଡ଼େ ଦୁଇ ନାୟିକା ସାଜିଛନ୍ତି। ମୌନୀଙ୍କୁ ଏଥିରେ ବରୁଣଙ୍କ ମାଆ ଭୂମିକାରେ ଦେଖି ଲୋକମାନେ ଖୁବ୍ ପ୍ରତିକ୍ରିୟାଶୀଳ ହୋଇଯାଇଛନ୍ତି। ଏହାର କାରଣ ହେଲା ବରୁଣଙ୍କ ବୟସ ୩୯ ବର୍ଷ ତ ମୌନୀଙ୍କ ବୟସ ୪୦। ଏଥିରୁ ସ୍ପଷ୍ଟ ଯେ ମୌନୀ କାମର ଅଭାବ ଯୋଗୁଁ ଏଭଳି ହାସ୍ୟାସ୍ପଦ ଚରିତ୍ରରେ ଅଭିନୟ କରୁଛନ୍ତି। ସେହି କାରଣରୁ ସେ କାମ ପାଇଁ ବହୁତ ଭୋକିଲା ଅଛନ୍ତି ବୋଲି କହିବାକୁ ସଂକୋଚ କରି ନାହାନ୍ତି। ସେ ପ୍ରତିଟି ଚରିତ୍ରରେ ନିଜର ୧୦୦% ଦିଅନ୍ତି ଏବଂ ଚରିତ୍ର ଯେମିତି ବି ହେଉ, ସବୁଥିରେ ଅଭିନୟ କରିବାକୁ ପ୍ରସ୍ତୁତ ବୋଲି ମଧ୍ୟ ପ୍ରକାଶ କରିଛନ୍ତି।

# ପୁଣି ବଲିଉଡ୍‌କୁ ଫେରିବାକୁ ଇଚ୍ଛା ଜଣାଇଲେ ମୀନାକ୍ଷୀ ଶେଷାଦ୍ରି

ବିଗତ ଦିନର ଲୋକପ୍ରିୟ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରି ପୁଣିଥରେ ବଲିଉଡ୍‌କୁ ଫେରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିକଟରେ ସେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି କାମ ପାଇଁ ଆଗ୍ରହ ଜଣାଇଛନ୍ତି। ସେ କହିଛନ୍ତି ଯେ, ଭଲ ଭୂମିକା ମିଳିଲେ ସେ ଲିଡ୍, ସପୋର୍ଟିଂ କିମ୍ବା ଛୋଟ ଯେକୌଣସି ଭୂମିକା କରିବାକୁ ପ୍ରସ୍ତୁତ। ଏହି ଖବର ପରେ ଫ୍ୟାନମାନଙ୍କ ମଧ୍ୟରେ ତାଙ୍କ ସୁବର୍ଣ୍ଣ ଯୁଗର ସ୍ମୃତି ପୁଣି ତାଜା ହୋଇଯାଇଛି। ଏକ ସମୟରେ ଥିଏଟରରେ ତାଙ୍କ ଫିଲ୍ମ ଚାଲିବା ସମୟରେ ଦର୍ଶକମାନେ ଉତ୍ସାହରେ ହୁଇସିଲ୍ ମାରୁଥିଲେ ଏବଂ ନାଚୁଥିଲେ।

ମୀନାକ୍ଷୀ ଶେଷାଦ୍ରିଙ୍କ ଜନ୍ମ ୧୬ ନଭେମ୍ବର ୧୯୬୩ରେ ବିହାରର ସିନ୍ଦରୀ (ବର୍ତ୍ତମାନ ଝାରଖଣ୍ଡ)ରେ ଏକ ତାମିଲ୍ ବ୍ରାହ୍ମଣ ପରିବାରରେ ହୋଇଥିଲା। ତାଙ୍କ ଅସଲ ନାମ ଥିଲା ଶଶିକଳା ଶେଷାଦ୍ରି। ଛୋଟବେଳୁ ସେ ନୃତ୍ୟରେ ଆଗ୍ରହୀ ଥିଲେ ଏବଂ ଭରତନାଟ୍ୟମ୍, ଓଡ଼ିଶୀ ଓ କୁଚିପୁଡ଼ି ଶିଖିଥିଲେ। ୧୯୮୧ରେ ସେ ମିସ୍ ଇଣ୍ଡିଆ ମଧ୍ୟ ଜିତିଥିଲେ ଏବଂ ସେହି ବର୍ଷ ମିସ୍ ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ପରେ ସେ ଫିଲ୍ମ ଜଗତକୁ ପ୍ରବେଶ କରି ସୁଭାଷ ଘାଇଙ୍କ ନିର୍ଦ୍ଦେଶନାରେ 'ହିରୋ' ଫିଲ୍ମରେ ଡେବ୍ୟୁ କରିଥିଲେ, ଯାହା ତାଙ୍କୁ ରାତିରାତି ସୁପରଷ୍ଟାର୍ କରିଦେଇଥିଲା। ତାଙ୍କ କ୍ୟାରିୟରରେ ସେ 'ମେରୀ ଜଙ୍ଗ୍', 'ଘର୍ ହୋ ତୋ ଐସା', 'ଶେହେନଶାହ', 'ଘାୟଲ୍', 'ସ୍ୱାତୀ' ଭଳି ଅନେକ ସଫଳ ଫିଲ୍ମରେ କାମ କରିଛନ୍ତି। ୧୯୯୦ର 'ଦାମିନୀ' ଫିଲ୍ମରେ ତାଙ୍କ ଶକ୍ତିଶାଳୀ ଅଭିନୟ ଆଜିପର୍ଯ୍ୟନ୍ତ ଲୋକଙ୍କ ମନରେ





ରହିଯାଇଛି। ୧୯୯୫ରେ ସେ ବିବାହ କରି ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହରିଶ ମେସୁରଙ୍କ ସହ ଆମେରିକାକୁ ସ୍ଥାନାନ୍ତରିତ ହୋଇଥିଲେ। ବିବାହ ପରେ ସେ ଫିଲ୍ମ ଜଗତ ଛାଡ଼ି ପରିବାରକୁ ଗୁରୁତ୍ୱ ଦେଇଥିଲେ ଏବଂ ଆମେରିକାରେ ଏକ ଭାରତୀୟ କ୍ଲାସିକାଲ୍ ନୃତ୍ୟ ସ୍କୁଲ୍ ମଧ୍ୟ ଖୋଲିଥିଲେ। ଏବେ ପୁଣିଥରେ ମୀନାକ୍ଷୀ ଶେଷାଦ୍ରି ବଲିଉଡ୍‌କୁ ଫେରିବାର ଇଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଭଲ ଭୂମିକା ମିଳିଲେ ସେ ଅଭିନୟ କରିବାକୁ ପ୍ରସ୍ତୁତ। ଏହି ଘୋଷଣା ପରେ ଫ୍ୟାନମାନେ ତାଙ୍କ ଫେରିବାକୁ ନେଇ ଆଶାବାଦୀ ଅଛନ୍ତି।

# ବଲିଉଡ୍‌ରେ ଭୋଜପୁରୀ ଗର୍ଲ



ଅକ୍ଷୟ କୁମାରଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ୱେଲ୍‌କମ୍ ଟୁ ଦି ଜଙ୍ଗଲ୍'ର ଏକ ନୂଆ ଗୀତ ଏବେ ଚହଳ ପକାଇଛି। 'ଘିସ୍ ଘିସ୍ ଘିସ୍' ଶୀର୍ଷକ ଗୀତରେ ବଲିଉଡ୍‌ର ଖିଲାଡ଼ୀ କୁମାରଙ୍କ ସହିତ ଭୋଜପୁରୀ ଶିଳ୍ପର ପ୍ରସିଦ୍ଧ ତାରକା ଅକ୍ଷରା ସିଂହଙ୍କୁ ଏକାଠି ଦେଖିବାକୁ ମିଳିଛି। ଭୋଜପୁରୀ ସଂଗୀତର ତାଳେ ତାଳେ ଉଭୟ ଚମକପ୍ରଦ ନୃତ୍ୟ କରିଛନ୍ତି। ଏହି ଗୀତର ଭିଡିଓ ମୁକ୍ତିଲାଭ କରିବା ପରେ ଅକ୍ଷରା ବଲିଉଡ୍‌ରେ ବିହାରର ପ୍ରତିନିଧିତ୍ୱ କରିଥିବା ଯୋଗୁଁ ଗର୍ବିତ ବୋଲି ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ମୁଁ ଜଣେ ବିହାରୀ ହୋଇ ଅକ୍ଷୟ କୁମାରଙ୍କ ସହିତ ଏଭଳି ଏକ ବଡ଼ ମଞ୍ଚରେ କାମ କରିବାର ସୁଯୋଗ ପାଇଲି। 'ୱେଲ୍‌କମ୍ ଟୁ ଦି ଜଙ୍ଗଲ୍'ର ଦକ୍ଷ ଅଭିନେତାମାନଙ୍କ ସହିତ ନୃତ୍ୟାଭିନୟ କରିବା ମୋ ପାଇଁ ସୌଭାଗ୍ୟର କଥା। ବିହାରର ଲୋକଙ୍କ ଭଲପାଇବା ଓ ଆଶୀର୍ବାଦ ଯୋଗୁଁ ମୁଁ ଆଜି ଏଠି ପହଞ୍ଚିପାରିଛି।'' ଏହା ନିଶ୍ଚିତ ଭାବେ ଅକ୍ଷରାଙ୍କ କ୍ୟାରିଅରର ଏକ ବଡ଼ ସଫଳତା। ଭୋଜପୁରୀ ଶିଳ୍ପକୁ ନ୍ୟୂନ ଦୃଷ୍ଟିରେ ଦେଖାଯାଉଥିବା ବେଳେ ଅକ୍ଷୟଙ୍କ ପରି ବଡ଼ ତାରକାଙ୍କ ସହିତ ସେ ବଲିଉଡ୍‌ରେ ପଦାର୍ପଣ କରିଛନ୍ତି।

# ସେଲ୍, ଆରଏସପିର ମ୍ୟାଟେରିଆଲ୍ ରିକଭରି ଡିପାର୍ଟମେଣ୍ଟ ପକ୍ଷରୁ ପ୍ରଥମ ଥର ପାଇଁ 'ପ୍ଲେଟ୍ କ୍ରପ୍ ଏଣ୍ଡ୍' ପ୍ରେରଣ କରି ପ୍ଲାଣ୍ଟ ପାଇଁ ବିପୁଳ ରାଜସ୍ୱ ଅର୍ଜନ



ରାଉରକେଲା, ୨୮/୦୫ (ନି.ପ୍ର): ଉଦ୍ଭାବନ, ସମନ୍ୱୟ ଏବଂ ସମ୍ପଦର ସର୍ବୋତ୍ତମ ବ୍ୟବହାର ପ୍ରଦର୍ଶନ ପୂର୍ବକ ଏକ ଉଲ୍ଲେଖନୀୟ ସଫଳତା ସ୍ୱରୂପ, ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ର ମ୍ୟାଟେରିଆଲ୍ ରିକଭରି ଡିପାର୍ଟମେଣ୍ଟ , ମାର୍କେଟିଂ ବିଭାଗର ସହାୟତାରେ ଏମଆରଡି ସ୍ଥଳରୁ ୧୦୦୦ ଟନ୍ "ପ୍ଲେଟ୍ କ୍ରପ୍ ଏଣ୍ଡ" ର ବାହ୍ୟ ପ୍ରେରଣ ପ୍ରକ୍ରିୟା ସଫଳତାର ସହ ଆରମ୍ଭ କରିଛି। ଏହି ପ୍ରଥମ ପ୍ରୟାସ ଦ୍ୱାରା କେବଳ ଯେ ପ୍ରାୟ ୩.୭୩ କୋଟି ଟଙ୍କାର ବିପୁଳ ରାଜସ୍ୱ ସୃଷ୍ଟି ହୋଇଛି ତାହା ନୁହେଁ, ବରଂ ମିଲ୍ ଗୁଡ଼ିକରେ ଥିବା ସ୍ଥାନ ଅଭାବ ସମସ୍ୟା ମଧ୍ୟ ବହୁ ପରିମାଣରେ ହ୍ରାସ ପାଇଛି। ଏହି ବିକାଶ କାର୍ଯ୍ୟକ୍ଷମ ସାମଗ୍ରୀ ପରିଚାଳନା ଏବଂ ପୁନରୁଦ୍ଧାର ଯୋଗ୍ୟ ଉତ୍ସଗୁଡ଼ିକରୁ ମୂଲ୍ୟ ପ୍ରାପ୍ତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ସିଜିଏମ୍ ଇନଚାର୍ଜ (ସେବା) ତଥା କାର୍ଯ୍ୟନିର୍ବାହୀ ଇଡି (ୱର୍କସ)ଙ୍କ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିବା ଶ୍ରୀ ଅତିଶ ଚନ୍ଦ୍ର ସରକାର, ଏମଆରଡିର ବିଭାଗୀୟ ମୁଖ୍ୟ ଶ୍ରୀ ସନ୍ତୋଷ କୁମାର ଭୂୟାଁ ଏବଂ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରେରଣର ଶୁଭାରମ୍ଭ ହୋଇଥିଲା। ବିଶେଷ କରି, ଏହି ପ୍ରୟାସ ଷ୍ଟିଲ୍ ମେଲ୍ଟିଂ ସପ୍ ଗୁଡ଼ିକରେ ସ୍ଥାନର ଅନୁପଲବ୍ଧତା ଏବଂ ସ୍କ୍ରାପ୍ ଗ୍ରହଣ କ୍ଷମତା ହ୍ରାସ ପାଇବା ଭଳି ପରିସ୍ଥିତିରେ କ୍ରପ୍ ଏଣ୍ଡ୍ ବିସର୍ଜନ/ ବିକ୍ରୟ ପାଇଁ ଏକ ନୂତନ ମାର୍ଗ ଉନ୍ମୁକ୍ତ କରିଛି, ଯାହା ଦ୍ୱାରା ପ୍ଲାଣ୍ଟ ମଧ୍ୟରେ ଅଧିକ ସୁଗମ ପରିଚାଳନା ଏବଂ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧିରେ ସହାୟତା ମିଳିପାରିବ। ଏମଆରଡି ନିଜ ସଫଳତାରେ ଆଉ ଏକ ଅଧ୍ୟାୟ ଯୋଡ଼ି, ମଇ ୨୫ ତାରିଖରୁ "ଲାଲ୍ ଗୁମଟି" ଅଞ୍ଚଳରୁ ବି ଓ ଏଫ ସ୍ଲାଗ ର ବାହ୍ୟ ପ୍ରେରଣ ମଧ୍ୟ ଆରମ୍ଭ କରିଛି, ଯାହା ପଦ୍ଧତିଗତ ସାମଗ୍ରୀ ବିକ୍ରୟ ଏବଂ ରାଜସ୍ୱ ବୃଦ୍ଧି ଦିଗରେ ଏହାର ପ୍ରଚେଷ୍ଟାକୁ ଅଧିକ ମଜବୁତ କରୁଛି। ଏହି ପ୍ରୟାସଗୁଡ଼ିକ କେବଳ କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ସମ୍ପଦର ସର୍ବୋତ୍ତମ ବ୍ୟବହାରରେ ସୁଧାର ଆଣିବାରେ ସାହାଯ୍ୟ କରିନାହିଁ, ବରଂ ସଂସ୍ଥା ପାଇଁ ଏକ ପ୍ରକୃତ ମୂଲ୍ୟ ମଧ୍ୟ ସୃଷ୍ଟି କରିଛି।

## ଦୋରାଗୁଡ଼ା ହାଟରୁ ବାଇକ୍ ଚୋରୀ ଅଭିଯୋଗ

ଜୟପୁର, ୨୮/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦୋରାଗୁଡ଼ା ସାପ୍ତାହିକ ହାଟରୁ ବାଇକ୍ ଚୋରୀ ଅଭିଯୋଗ ନେଇ ଥାନା ଦ୍ୱାରସ୍ଥ ହୋଇଛନ୍ତି ଗାଡ଼ି ମାଲିକ ଉଗ୍ର ସାଗରିଆ। ଏତଲା ଅନୁଯାଇ, କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ବଡ଼କେରଙ୍ଗା ପଂଚାୟତର ଗଂଜେଇ ପଦର ଗାଁର ଉଗ୍ର ସଗରିଆ(୩୮) ନିଜ ସବୁଜ ରଙ୍ଗର ଏଚ୍‌ଡି ଡିଲକ୍ସ ବାଇକ୍(ଡ଼ଓ ୧୦ ଖ ୪୩୦୨) ଯୋଗେ ଗତ ତା ୨୫-୦୫-୨୬ରିଖ ଦିନ ଗୋଟାଏ ସମୟରେ ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଚନ୍ଦ୍ରପୋଡ଼ା ପଂଚାୟତର ଦୋରାଗୁଡ଼ା ସାପ୍ତାହିକ ହାଟକୁ ଆସଥିଲେ। ହାଟ ନିକଟରେ ବାଇକ୍ ରଖି ହାଟ କାମ ସାରି ଘରକୁ ଫେରିବା ପାଇଁ ବାହାରିଲେ। ହେଲେ ବାଇକ୍ ଯେଉଁ ସ୍ଥାନରେ ରଖିଥିଲେ ସେଠାରୁ ବାଇକ ନଥିଲା।

# ସୋସିଆଲ ମିଡିଆରେ ନକଲି ଇନଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ଯୁବତୀଙ୍କୁ ଧମକ : ଅଭିଯୁକ୍ତ ଗିରଫ

ଝାରସୁଗୁଡା, ୨୮/୦୫ (ନି.ପ୍ର): ସୋସିଆଲ ମିଡିଆରେ ନକଲି ଇନଷ୍ଟାଗ୍ରାମ ଆକାଉଣ୍ଟ ଖୋଲି ଜଣେ ଯୁବତୀଙ୍କ ଫଟୋକୁ ଏଡିଟ୍ କରି ଅଶ୍ଳୀଳ ପୋଷ୍ଟ ଓ ଧମକମୂଳକ ସନ୍ଦେଶ ପ୍ରଚାର କରିବା ଘଟଣାରେ ଝାରସୁଗୁଡା ସାଇବର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ସମ୍ବଲପୁର ଜିଲ୍ଲା ଶାସନ ଗ୍ରାମର ଚିତ୍ରସେନ ମେହେର (୨୧) ଓରଫ ଚୈତୁ।ପୋଲିସ ସୂଚନାନୁସାରେ, ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଅଞ୍ଚଳର ଜଣେ ଯୁବତୀଙ୍କ ଅଭିଯୋଗ ଆଧାରରେ ସିସି ଓ ଇଓ ପୋଲିସ ଷ୍ଟେସନ୍ ଝାରସୁଗୁଡାରେ କେସ ନଂ-୧୫, ତାରିଖ ୨୪.୦୫.୨୦୨୬ ରେ ଭାରତୀୟ ନ୍ୟାୟ ସଂହିତା ର ଧାରା ୭୮(୧)(୨), ୭୯, ୩୧୯(୨), ୩୫୧(୪) ସହ ଆଇଟି ଆକ୍ଟ-୨୦୦୦ର ଧାରା ୬୭ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଅଭିଯୋଗରେ ଯୁବତୀ କହିଥିଲେ ଯେ, ଗତ ୨୩ ମେ ସକାଳ ପ୍ରାୟ ୧୦ଟା ସମୟରେ କେହି ଅଜଣା ବ୍ୟକ୍ତି ତାଙ୍କର ଏଡିଟ୍ କରାଯାଇଥିବା ଫଟୋ ବ୍ୟବହାର କରି ୫ଟି ନକଲି ଇନଷ୍ଟାଗ୍ରାମ ପ୍ରୋଫାଇଲ ତିଆରି କରିଥିଲେ। ସେଥିରେ ଅଶ୍ଳୀଳ ଭାଷା ବ୍ୟବହାର ସହ ଧମକମୂଳକ ସନ୍ଦେଶ ପୋଷ୍ଟ କରାଯାଇଥିଲା। ଘଟଣାର ତଦନ୍ତ ସମୟରେ ଝାରସୁଗୁଡା ସାଇବର ପୋଲିସ ପକ୍ଷରୁ ପ୍ରଯୁକ୍ତିଗତ ବିଶ୍ଳେଷଣ କରାଯାଇଥିଲା। ଡିଜିଟାଲ ପ୍ରମାଣ ଆଧାରରେ ଇନଷ୍ଟାଗ୍ରାମ ଆକାଉଣ୍ଟର ଉତ୍ସ ଚିହ୍ନଟ କରି ପୋଲିସ ଅଭିଯୁକ୍ତ ଚିତ୍ରସେନଙ୍କୁ ବାଲେଶ୍ୱର ଜିଲ୍ଲାରୁ ଧରିଥିଲା। ପରେ ତାଙ୍କୁ ଗିରଫ କରି ବୁଧବାର ଅଦାଲତରେ ହାଜର କରାଯାଇଥିବା ପୋଲିସ ସୂଚନା ଦେଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି। ଝାରସୁଗୁଡା ପୋଲିସ ସୋସିଆଲ ମିଡିଆର ଦୁରୁପଯୋଗ ଓ ସାଇବର ଅପରାଧ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ପୁନରୁଚ୍ଚାରଣ କରିଥିବା ବେଳେ, ଏପରି ଘଟଣା ଘଟିଲେ ତୁରନ୍ତ ନିକଟସ୍ଥ ଥାନା କିମ୍ବା ସାଇବର ହେଲ୍ପଲାଇନକୁ ଜଣାଇବାକୁ ସାଧାରଣ ଲୋକଙ୍କୁ ପରାମର୍ଶ ଦେଇଛି।

## ଦାରିଙ୍ଗବାଡ଼ି ପର୍ଯ୍ୟଟନ ପାଇଁ ଆଧିକାରୀକ ୱେବସାଇଟ୍ ଆରମ୍ଭ

କନ୍ଧମାଳ, ୨୮/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଦାରିଙ୍ଗବାଡ଼ି, ଯାହାକୁ "ଓଡ଼ିଶାର କାଶ୍ମୀର" ଭାବେ ଜଣାଯାଏ, ଆଧିକାରୀକ ପର୍ଯ୍ୟଟନ ୱେବସାଇଟ୍ ଆରମ୍ଭ କରାଯାଇଛି। ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ, https://exploredaringbadi. com/ ନାମକ ଏହି ୱେବସାଇଟ୍‌ରେ ଦାରିଙ୍ଗବାଡ଼ି ସମ୍ପର୍କିତ ସମସ୍ତ ପର୍ଯ୍ୟଟନ ସୂଚନା ଉପଲବ୍ଧ କରାଯାଇଛି। ଏହି ପୋର୍ଟାଲ୍ ମାଧ୍ୟମରେ ପାଇନ୍ ଫରେଷ୍ଟ, ଜଳପ୍ରପାତ, କଫି ଗାର୍ଡେନ୍, ଭ୍ୟୁ ପଏଂଟ ଓ ଅନ୍ୟାନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିବ। ଏହାସହିତ ହୋଟେଲ୍, ରିସର୍ଟ୍, ହୋମ୍‌ଷ୍ଟେ ଓ ଯାତାୟାତ ସୁବିଧା ବିଷୟରେ ମଧ୍ୟ ପର୍ଯ୍ୟଟକମାନେ ତଥ୍ୟ ପାଇପାରିବେ। ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପ ଦାରିଙ୍ଗବାଡ଼ି ପର୍ଯ୍ୟଟନକୁ ଡିଜିଟାଲ୍ ମାଧ୍ୟମରେ ଆହୁରି ସହଜ ଓ ସୁଗମ କରିବା ସହିତ ଇକୋ-ଟୁରିଜିମ୍ ଓ ସ୍ଥାନୀୟ ଅର୍ଥନୀତିକୁ ନୂତନ ଗତି ଦେବ ବୋଲି ଆଶା ବ୍ୟକ୍ତ କରାଯାଇଛି।

# ରାଉରକେଲା ଇସ୍ପାତ କାରଖାନା ଏହାର ସିଏସଆର ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ଭିତ୍ତିଭୂମିକୁ ସୁଦୃଢ଼ କରୁଛି



ରାଉରକେଲା , ୨୮/୦୫ (ନି.ପ୍ର): ସମାବେଶୀ ଅଭିବୃଦ୍ଧି ଏବଂ ସାମୁଦାୟିକ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରି, ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ପ୍ରଭାବଶାଳୀ ଭିତ୍ତିଭୂମି ବିକାଶ ପଦକ୍ଷେପର ଏକ ଶୃଙ୍ଖଳା ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ସାମାଜିକ-ଅର୍ଥନୈତିକ ଦୃଶ୍ୟପଟକୁ ସ୍ଥିର ଭାବରେ ପରିବର୍ତ୍ତନ କରୁଛି। ସଂଯୋଗୀକରଣ, ପାନୀୟ ଜଳ ସୁବିଧା, ନବୀକରଣୀୟ ଶକ୍ତି ଉପଲବ୍ଧତା ଏବଂ ସାମୁଦାୟିକ ଭିତ୍ତିଭୂମିକୁ ଉନ୍ନତ କରିବା ଉପରେ କେନ୍ଦ୍ରିତ, ଚାଲୁଥିବା ପଦକ୍ଷେପ ଗୁଡ଼ିକ ବିସ୍ରା, ନୂଆଗାଁ, ଲାଠିକଟା, କୁଆରମୁଣ୍ଡା ଏବଂ ରାଜଗାଙ୍ଗପୁର ବ୍ଲକର ଶହ ଶହ ପରିବାରକୁ ଲାଭ ପହଞ୍ଚାଉଛି।

ଗ୍ରାମାଞ୍ଚଳରେ ସାମୁଦାୟିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏବଂ ସାଧାରଣ ସାମାଜିକ ସ୍ଥାନ ସୃଷ୍ଟି କରିବା ପାଇଁ, ବିସ୍ରା ବ୍ଲକର ସନ୍ତୋଷପୁର ଏବଂ କଦମଟୋଲାରେ ସାମୁଦାୟିକ କେନ୍ଦ୍ର ନିର୍ମାଣ କରାଯାଇଛି ଯେତେବେଳେ ଲାଠିକଟା ବ୍ଲକର ବିରଖାଲରେ ଆଉ ଏକ ସାମୁଦାୟିକ କେନ୍ଦ୍ର ନିର୍ମାଣାଧୀନ ଅଛି। ଏହି କେନ୍ଦ୍ରଗୁଡ଼ିକ ସାମାଜିକ ପାରସ୍ପରିକ କ୍ରିୟା, ସଚେତନତା କାର୍ଯ୍ୟକ୍ରମ ଏବଂ ସାମୁଦାୟିକ କାର୍ଯ୍ୟକଳାପ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।

ସ୍ଥାୟୀ ବିକାଶ ଏବଂ ସବୁଜ ଶକ୍ତି ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ, ଜଝଚ ବିସ୍ରା, ନୂଆଗାଁ, ଲାଠିକଟା ଏବଂ କୁଆରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଜସ୍ୱ ଗ୍ରାମଗୁଡ଼ିକରେ ୧୫୧ ଟି ସୌର ଲାଇଟ୍ ସ୍ଥାପନ କରିଛି। ରାତି ସମୟରେ ଗ୍ରାମାଞ୍ଚଳରେ ସୁରକ୍ଷା ବୃଦ୍ଧି କରିବା ଏବଂ ସୁରକ୍ଷା ପାଇଁ ହାତୀ ପ୍ରବଣ ଅଞ୍ଚଳଗୁଡ଼ିକୁ ବିଶେଷ ପ୍ରାଥମିକତା ଦିଆଯାଇଛି। ସୌର ଆଲୋକ ପଦକ୍ଷେପ ଗ୍ରାମାଞ୍ଚଳରେ ଦୃଶ୍ୟମାନତା, ଗତିଶୀଳତା ଏବଂ ସୁରକ୍ଷାକୁ ଯଥେଷ୍ଟ ଉନ୍ନତ କରିଛି, ସହିତ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଜୀବନର ଉନ୍ନତ ଗୁଣବତ୍ତା ଏବଂ ପରିବେଶଗତ ଭାବରେ ସ୍ଥାୟୀ ଭିତ୍ତିଭୂମିରେ ମଧ୍ୟ ଅବଦାନ ରଖିଛି।

ନିରାପଦ ପାନୀୟ ଜଳର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରି, ଜଳଦା ପୁନର୍ବାସ କଲୋନିର ଇ, ଈ ଏବଂ ଉ ବ୍ଲକରେ ଛଅଟି ସୌରଶକ୍ତି ଆଧାରିତ ଫିଲ୍ଟରଯୁକ୍ତ ପାନୀୟ ଜଳ ପ୍ରଣାଳୀ ସଫଳତାର ସହିତ ସ୍ଥାପନ କରାଯାଇଛି, ଯାହା ନବୀକରଣୀୟ ଶକ୍ତି-ଆଧାରିତ ସମାଧାନ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିଛି।

ଗ୍ରାମୀଣ ସଂଯୋଗୀକରଣ ଏବଂ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି, ଜଝଚ ଲିଣ୍ଡ୍ରା, ତାଲପୋଷ ଏବଂ ଝିରପାଣି ଆରଏସ କଲୋନିରେ ପ୍ରାୟ ୧,୫୭୦ ମିଟର ବିସ୍ତାରିତ ବିଟୁମିନସ୍ ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ କରିଛି। ଏହି ଉନ୍ନତ ରାସ୍ତା ନେଟୱାର୍କ ସହଜ ପରିବହନ, ଅତ୍ୟାବଶ୍ୟକୀୟ ସେବାଗୁଡ଼ିକର ଉନ୍ନତ ପ୍ରବେଶ ଏବଂ ବାସିନ୍ଦାଙ୍କ ପାଇଁ ଉନ୍ନତ ସଂଯୋଗୀକରଣକୁ ସୁଗମ କରିବ ବୋଲି ଆଶା କରାଯାଉଛି।

ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ସେଲ୍, ରାଉରକେଲା ଇସ୍ପାତ କାରଖାନା ଆଖପାଖ ଗ୍ରାମଗୁଡ଼ିକରେ ଜୀବନର ଗୁଣବତ୍ତା ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

# ଅଚଳ ହୋଇ ପଡ଼ିଛି ନଳକୂପ: ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି

ଜୟପୁର, ୨୮/୦୫ (ନି.ପ୍ର): ଅଚଳ ହୋଇ ପଡ଼ିଛି ନଳକୂପ, ପାଣି ପାଇଁ ହା ହା କାର ହେଉଛନ୍ତି ଗ୍ରାମବାସୀ । ବ୍ଲକ ପ୍ରଶାସନ ଗୁରୁତ୍ୱ ଦେବାକୁ ଦାବି ହୋଇଛି କ୍ଷ ପାଣି ପାଇଁ ପ୍ରାୟ ଏକ କି.ମି. ଦୂରକୁ ଯାଉଛନ୍ତି ଗ୍ରାମର ମହିଳା । ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅଧିନସ୍ଥ ଦଶମନ୍ତପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗାଡ଼ିଆଜଡ଼ି ଗ୍ରାମରେ । । ଗାଡ଼ିଆଜଡ଼ି ଗ୍ରାମରେ ପ୍ରାୟ ୨୦ ପରିବାର ବସବାସ କରି ରହିଛନ୍ତି। ଗ୍ରାମରେ ରହୁଛି ଗୋଟିଏ ମାତ୍ର ନଳକୂପ । ସେହି ନଳକୂପ ଉପରେ ଭରଷା କରିଛନ୍ତି ପ୍ରାୟ ୧୨୦ରୁ ଉର୍ଦ୍ଧ ଲୋକ । ହେଲେ ଗତ କିଛି ଦିନ ହେଲା ଗାଁରେ ଥିବା ନଳକୂପ ଖରାପ ହୋଇ ଯାଇଛି। ନଳକୂପ ଖରାପ ହେବାପରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କୁ ନିବେଦନ କରିବା ସହ ନଳକୂପ ମରାମତି କରିବାକୁ ବ୍ଲକ ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଗୁହାରୀ କରିଛନ୍ତି । କିନ୍ତୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ନଥିବା ନେଇ ଗ୍ରାମବାସୀ ପ୍ରକାଶ କରିଛନ୍ତି। ନଳକୂପ ଖରାପ ହେବାପରେ ଗ୍ରାମବାସୀ ହନ୍ତସନ୍ତ ହେଉଥିବାର ଜଣା ପଡ଼ିଛି। ବୁନ୍ଦାଏ ପାଣି ପାଇଁ ଗାଁର ମହିଳା ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଦେବଗୁଡ଼ା ଯାଇ ପାଣି ଆଣୁଥିବାର ଦେଖିବାକୁ ମିଳିଛି ।ତେବେ ଗ୍ରାମର ସବଳ ମହିଳା ମାନେ ଦେବଗୁଡ଼ା ଗ୍ରାମକୁ ଯାଇ ପାଣି ଆଣୁଛନ୍ତି । ଦୁର୍ବଳ ମହିଳା କିମ୍ବା ବୃଦ୍ଧା ମହିଳା ମାନେ ଚୂଆଁ ପାଣି ପିଇବାକୁ ବାଧ ହେଉଛନ୍ତି। ଚୂଆଁପାଣି ପିଇବା ଦ୍ୱାରା ରୋଗର ଆକ୍ରାନ୍ତ ହେବାର ଆଶଙ୍କା ରହିଛି ତଥାପି ବାଧ ହୋଇ ଚୂଆଁ ବ୍ୟବହାର କରୁଛୁ ବୋଲି ଗ୍ରାମବାସୀ କହିଛନ୍ତି । ତେଣୁ ବ୍ଲକ ପ୍ରଶାସନ ସମାଧାନ କରିବାକୁ ଦାବି କରିଛନ୍ତି ।

## ଝାରସୁଗୁଡ଼ାରେ ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ଏସ୍‌ଆଇଆର୍ ପ୍ରଶିକ୍ଷଣ

ଝାରସୁଗୁଡ଼ା, ୨୮/୦୫ (ନି.ପ୍ର):ଝାରସୁଗୁଡ଼ା ଜିଲ୍ଲାରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର) କାର୍ଯ୍ୟକ୍ରମକୁ ସଫଳ ରୂପେ ରୂପାୟନ କରିବା ପାଇଁ ବିଏଲ୍‌ଓ ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କ ପାଇଁ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ ୦୬-ବ୍ରଜରାଜନଗର ଏବଂ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀକୁ ସାମିଲ କରି ଆୟୋଜିତ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ-ତଥା-ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାୟ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଉପ-ଜିଲ୍ଲାପାଳ-ତଥା-ଇଆରଓ ଏବଂ ସମସ୍ତ ଏଇଆରଓ ମାନଙ୍କ ଦ୍ୱାରା ସମ୍ପୃକ୍ତ ବ୍ଲକ, ତହସିଲ ଓ ପୌରପାଳିକା ସ୍ତରରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

# ଶିବ ରଥଙ୍କ ବିୟୋଗରେ ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ଶୋକସଭା

ବଲାଙ୍ଗୀର, ୨୮/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚ ଜଣେ ସକ୍ରିୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ରଥଙ୍କ ବିୟୋଗରେ ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚ ତରଫରୁ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ପ୍ରଥମେ ମଂଚର ସଭାପତି ପ୍ରଭାକର ମିଶ୍ରଙ୍କ ଆହ୍ୱାନ କ୍ରମେ ସ୍ୱର୍ଗତ ଶିବ ରଥଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ସ୍ୱର୍ଗତ ରଥଙ୍କ ଫଟୋଚିତ୍ର ଉପରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ସଭ୍ୟମାନଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ ଅବସରରେ ମଂଚର ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀ, ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା, ସଭାପତି ପ୍ରଭାକର ମିଶ୍ର, ଉପସଭାପତି ଅଶୋକ କୁମାର ଚାନ୍ଦ, ଉପସଭାପତି ହରେକୃଷ୍ଣ ମେହେର, ସମ୍ପାଦକ କପିଳେଶ୍ୱର ଖମାରୀ, ସଭ୍ୟ ଅଭିରାମ ପ୍ରଧାନ, ନବୀନ କୁମାର ନନ୍ଦ, ଆର୍ତତ୍ରାଣ ମିଶ୍ର, ବ୍ରଜ କିଶୋର ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏତତ୍‌ବ୍ୟତୀତ ଉକ୍ତ ଶୋକସଭାର ଆୟୋଜନ ନିମନ୍ତେ ମଂଚର ସଂଗଠନ ସମ୍ପାଦକ ବିନୟ କୁମାର ମିଶ୍ର, ସହ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ, ସଭ୍ୟ ବିପିନ ବିହାରୀ ପୁରୋହିତ, ରଞ୍ଜନ ରାଉତ, ଚୈତନ୍ୟ ପଟେଲ, କୃଷ୍ଣଚନ୍ଦ୍ର ନାଥ, ଚିତରଂଜନ ପଟେଲ, ଗୋବିନ୍ଦ ମିଶ୍ର, ସତ୍ୟ ନାରାୟଣ ନାଏକ, ଶ୍ୟାମ ସୁନ୍ଦର ମିଶ୍ର ଏବଂ ଦାମୋଦର ଓତା ପ୍ରମୁଖ ଅକ୍ଳାନ୍ତ ସହଯୋଗ ଏବଂ ପରିଶ୍ରମ କରି ସଭା କାର୍ଯ୍ୟକୁ ସଫଳ କରିଥିଲେ। ସ୍ୱର୍ଗତ ଶିବ ରଥ ଜଣେ ମେଳାପି, ସ୍ପଷ୍ଟବାଦୀ, ଉଚ୍ଚ ଅଭିଳାଷି ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ସେ ବଲାଙ୍ଗୀର ଜିଲ୍ଲାର ରେଳ ଉପଭୋକ୍ତ ସଂଘ, ନାଗରିକ କମିଟି, ବ୍ରାହ୍ମଣ ମହାସଭା ତଥା ପର୍ଶୁରାମ ବାହିନୀର ଜଣେ ସକ୍ରିୟ ସଦସ୍ୟ ଥିଲେ ଏବଂ ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମମାନଙ୍କରେ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ। ଏହି ବ୍ୟକ୍ତିଙ୍କ ବିୟୋଗରେ ଅନେକ ଅନୁଷ୍ଠାନର ଶୂନ୍ୟସ୍ଥାନ ଅପୂରଣୀୟ ରହିଯିବ ବୋଲି ସ୍ମୃତିଚାରଣ ସମୟରେ ସଭ୍ୟମାନେ ମତ ପ୍ରଦାନ କରିଥିଲେ। ପରେ ସଭାପତିଙ୍କ ପରାମର୍ଶରେ ସଭା ସାଙ୍ଗ ହୋଇଥିଲା।

# ନୂଆପଡ଼ାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ

ନୂଆପଡ଼ା, ୨୮/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ସତପଥୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଚାଲିଥିବା ବିଭିନ୍ନ ସିଭିଲ କାର୍ଯ୍ୟର ସମୀକ୍ଷା କରି ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକର ପ୍ରାଚୀର ଏବଂ ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ରେ ନୂଆପଡ଼ା ବ୍ଲକରେ ୨୦ଟି ଏବଂ ଖଡ଼ିଆଳ ବ୍ଲକରେ ୧୮ଟି ସବ୍ ସେଣ୍ଟର ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ବେଳେ ନୂଆପଡ଼ାରେ ୧୦ଟି ଏବଂ ଖଡ଼ିଆଳରେ ୧୧ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ନୂଆପଡ଼ାରେ ୨ଟି ଏବଂ ଖଡ଼ିଆଳରେ ୫ଟି ନୂତନ ସବ୍ ସେଣ୍ଟର ମଞ୍ଜୁର ହୋଇଛି। ଜିଲ୍ଲାରେ ବର୍ତ୍ତମାନ ୧୧୭୦ ଜଣ ଆଶା କର୍ମୀ କାର୍ଯ୍ୟରତ ରହି ଗର୍ଭବତୀ ମହିଳାଙ୍କୁ ସହାୟତା ପ୍ରଦାନ ସହ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ସହଯୋଗ କରୁଥିବା ସୂଚନା ଦିଆଯାଇଥିଲା। ଜାତୀୟ ସିକଲ ସେଲ ଆନିମିଆ ନିରାକରଣ ମିଶନ ଅଧୀନରେ ନୂଆପଡ଼ା ଜିଲ୍ଲା ସିକଲ ସେଲ ସ୍କ୍ରିନିଂ କ୍ଷେତ୍ରରେ ୧୦୪ ପ୍ରତିଶତ ସଫଳତା ହାସଲ କରିଛି। ଏହି କାର୍ଯ୍ୟକ୍ରମରେ ୧,୪୧,୧୯୩ ଜଣଙ୍କ ସ୍କ୍ରିନିଂ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ୧,୪୬,୬୨୫ ଜଣଙ୍କ ସ୍କ୍ରିନିଂ କରାଯାଇଛି। ସେହିପରି ସିକଲ ସେଲ କାର୍ଡ ବଣ୍ଟନ କ୍ଷେତ୍ରରେ ୧,୧୪,୨୪୨ ଲକ୍ଷ୍ୟ ବିପରୀତ ୧,୦୯,୦୦୩ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇ ୯୫ ପ୍ରତିଶତ ସଫଳତା ହାସଲ କରାଯାଇଛି। ଏହାସହ ଜିଲ୍ଲାର ପାଞ୍ଚଟି ବ୍ଲକରେ ଅବସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରଗୁଡ଼ିକରେ ୧ ଏପ୍ରିଲ ୨୦୨୫ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମୋଟ ୫,୫୮,୫୯୪ ଜଣ ରୋଗୀ ସ୍ୱାସ୍ଥ୍ୟ ସେବା ଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ୨,୫୩,୫୧୦ ଜଣ ପୁରୁଷ ଏବଂ ୩,୦୪,୭୪୪ ଜଣ ମହିଳା ରହିଛନ୍ତି। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବାର ସମସ୍ତ ମାନଦଣ୍ଡରେ ଉତ୍ତମ ସଫଳତା ହାସଲ ପାଇଁ ଅଧିକ ପରିଶ୍ରମ ଏବଂ ସମନ୍ୱୟ ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେ ଜିଲ୍ଲାରେ ୮୦ ବର୍ଷରୁ ଅଧିକ ବୟସ୍କ ପ୍ରବୀଣ ନାଗରିକଙ୍କ ପାଇଁ ଚାଲିଥିବା ଘରକୁ ଘର ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମର ମଧ୍ୟ ସମୀକ୍ଷା କରିଥିଲେ। ବୈଠକରେ ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ଡିଏମଓ (ଏମଏସ୍) ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଅଜୟ ପଣ୍ଡା, ଏଡିପିଏଚଓ (ପରିବାର କଲ୍ୟାଣ) ଡା. ଜ୍ୟୋତିର୍ମୟ ସୁଭେନ୍ଦୁ ମହାନ୍ତିଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କୋରାପୁଟ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ତାଲିମ ଅନୁଷ୍ଠିତ

ଜୟପୁର, ୨୮/୦୫ (ନି.ପ୍ର): କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷକଙ୍କ ପାଇଁ "ସ୍ୱତନ୍ତ୍ର ସଘନ ସଂଶୋଧନ" ବିଷୟରେ ବିସ୍ତୃତ ତାଲିମ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଯାଇଅଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା କୋରାପୁଟ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୪ଟି ବ୍ଲକ- କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରା, ଲକ୍ଷ୍ମୀପୁର, ଲମତାପୁଟ, ନାରାୟଣ ପାଟଣା, ବନ୍ଧୁଗାଁ, ଦଶମନ୍ତପୁର, ନନ୍ଦପୁର, ପଟାଙ୍ଗି, ସେମିଳିଗୁଡ଼ା ଓ ବୈପାରୀଗୁଡ଼ାରେ ଏହି ତାଲିମ ସମ୍ପନ୍ନ ହୋଇଛି। ସେ ବୈପାରୀଗୁଡ଼ା ବ୍ଲକ ଠାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ସ୍ୱୟଂ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତାଲିମରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଲକ୍ଷ୍ୟ, ଘରକୁ ଘର ଯାଇ ସଂଶୋଧନ, ନାମାଙ୍କନ ପତ୍ର-୬/୭/୮ ପୂରଣ, ଅଯୋଗ୍ୟ ମତଦାତାଙ୍କ ନାମ ବାଦ ଦେବା, ନୂତନ ମତଦାତାଙ୍କ ନାମ ଯୋଡ଼ିବା ବିଷୟରେ ବ୍ୟାଖ୍ୟା କରାଯାଇଥିଲା। ବୁଥ୍ ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ମଧ୍ୟ ପ୍ରଶିକ୍ଷଣ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ତାଲିମର ସ୍ପଷ୍ଟତା ପ୍ରାପ୍ତ କରିଥିଲେ। ବୈପାରୀଗୁଡ଼ା ତାଲିମରେ ଅତିରିକ୍ତ ଜିଲ୍ଲାପାଳ ଶବର ଦର୍ଶାଇଥିଲେ ଯେ, "ସ୍ୱତନ୍ତ୍ର ସଘନ ସଂଶୋଧନ" ଯୋଜନା ଅନ୍ତର୍ଗତ ମତଦାତା ତାଲିକା ଉପରେ ଆଧାରିତ ଭାବରେ ଘରକୁ ଘର ଯାଇ ସଂଶୋଧନ ସମୟରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ନିଷ୍ଠାପୂର୍ବକ କାର୍ଯ୍ୟ କରି ମତଦାତାଙ୍କ ମଧ୍ୟରେ ଆସ୍ଥା ଓ ସ୍ୱଚ୍ଛତା ସୃଷ୍ଟି କରିବା ଆବଶ୍ୟକ। ଏହା ମାଧ୍ୟମରେ ମତଦାନ ପ୍ରକ୍ରିୟାକୁ ଆହୁରି ନିର୍ଭୁଲ ଏବଂ ସଫଳ କରିବାରେ ସହାୟକ ହେବ। ପ୍ରଖର ଖରାକୁ ଦୃଷ୍ଟିରେ ରଖି ଉପଯୁକ୍ତ ପରିମାଣର ପିଇବା ପାଣି ଏବଂ ସାଙ୍ଗରେ ଛତା ରଖିବା ସହ, ସକାଳ ୬ଟା ରୁ ଦିନ ୧୧ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ସ୍ୱତନ୍ତ୍ରେ ସଘନ ସଂଶୋଧନ ଉଦ୍ଦିଷ୍ଟ କାର୍ଯ୍ୟଗୁଡ଼ିକୁ ସମ୍ପାଦନ କରିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଛି।

# ଖଣ୍ଡସାର କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପକୁ ତୀବ୍ର ବିରୋଧ

ଝାରସୁଗୁଡ଼ା, ୨୮/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କୁସୁରାଲୋଇ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡସାର ଅଞ୍ଚଳରେ ପ୍ରସ୍ତାବିତ ଆମୋନିଆ ନାଇଟ୍ରେଟ୍ କୋଲ୍ ଗ୍ୟାସିଫିକେସନ୍ ପ୍ଲାଣ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ଦିନକୁ ଦିନ ତୀବ୍ର ହେଉଛି। ଲଖନପୁର ବ୍ଲକ ନାଗରିକ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ପ୍ରକଳ୍ପକୁ ତୁରନ୍ତ ବନ୍ଦ କରିବାକୁ ଦାବି ଜଣାଯାଇଛି। ପରିଷଦର ସଭାପତି ପୀତାମ୍ବର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହ ଭେଟି ପ୍ରକଳ୍ପ ସ୍ଥାପନ ହେଲେ ସ୍ଥାନୀୟ ପରିବେଶ, ଲୋକସ୍ୱାସ୍ଥ୍ୟ ଓ ଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିବା ନେଇ ଚିନ୍ତା ବ୍ୟକ୍ତ କରିଥିଲେ। ବିଶେଷକରି ପ୍ରଦୂଷଣ ବୃଦ୍ଧି, କୃଷିଜମି ନଷ୍ଟ ଓ ପାଣି ସମସ୍ୟା ଭଳି ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ଏହାପରେ ଜିଲ୍ଲାପାଳ ଏହି ବିଷୟରେ ବ୍ୟାପକ ଆଲୋଚନା ଓ ସମସ୍ତ ପକ୍ଷର ମତାମତକୁ ଗୁରୁତ୍ୱ ଦେଇ ଜନଶୁଣାଣୀ କରାଯିବାକୁ ସୁନିଶ୍ଚିତ କରିଥିବା ସୂଚନା ନାଗରିକ ପରିଷଦ ପକ୍ଷରୁ ଦିଆଯାଇଛି। ଏହି ଅବସରରେ ଦୟାନିଧି ମେହେର, ସଞ୍ଜିବ ସାହୁ, ଭାସ୍କର ଗର୍ଡିଆ, ସନ୍ତୋଷ ବିଶ୍ୱାଳ, ତରଣୀସେନ ପଧାନ, ରୋହିତ ସା, ଲଳିତ ଦାନୀ, କ୍ଷେତ୍ରମୋହନ ପଧାନ, ବେଦବ୍ୟାସ ପଧାନ, ମହାଦେବ ରଣା, କୃଷ୍ଣଚନ୍ଦ୍ର ପଧାନ, ସୁରେଶ ସାହୁ, ପବିତ୍ର ପଣ୍ଡା, ପ୍ରେମାନନ୍ଦ ରଣା ଓ ବିଭୂତି ସା ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରିରେ ଏସଆଇଆରର ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର



ନୀଳଗିରି , ୨୮/୫ (ନି.ପ୍ର): ଆଜି ସକାଳ ୯ ଘ ୧୫ମି,ରେ ନୀଳଗିରି ମହାବିଦ୍ୟାଳୟ ସଭାଗୃହରେ ଏସଆଇଆରକୁ ନେଇ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ଗୋଷ୍ଠୀଉନ୍ନୟନ୍ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମକିଶୋର ପରିଡା ଏସଆଇଆର୍ କୁ ନେଇ ବିଶଦ ଆଲୋଚନା କରିବାସହିତ ନିଜ ବକ୍ତବ୍ୟରେ ବି.ଏଲ.ଏ, ବି.ଏଲ.ଓ, ଏବଂ ବି.ଏଲ.ଓ ସୁପରଭାଇଜରଙ୍କୁ ଆଗାମୀ ୩୦ରୁ ଜୁନ୨୮ପର୍ଯ୍ୟନ୍ତ ଏସଆଇଆର ଗଣନାରେ ଯେପରି କେହି ଯୋଗ୍ୟ ଭୋଟର ବାଦନପଡିବେ କିମ୍ବା ଅଯୋଗ୍ୟଭୋଟର ତାଲିକାରେ ସାମିଲ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଏତଭିନ୍ନ ଏ, ଆଇ, ମାଧମରେ ଚିହ୍ନିତ ୧୩ପ୍ରକାର ଭୁଲକୁ ପଞ୍ଚନାମା ମାଧମରେ ସଠିକ କରାଯାଇପାରିବ ବୋଲି କହିଥିଲେ। ସର୍ବୋପରି ଯେଉଁ ଭୋଟର ତାଲିକାରୁ ବାଦପଡିଲେ ସେମାନଙ୍କୁ ସାହାୟକ ପଞ୍ଜିକରଣ ଅଧିକାରୀ ନୋଟିସକରି ଜଣାଇବେ । ଏପରିକି ବୟସସୀମା ଯଦି ଭୁଲରେ କମ ହୋଇଯାଇଥାଏ ତେବେ ପଞ୍ଚନାମା କରି ସଂଶୋଧନ କରାଯାଇ ପାରିବ। ଏହାବାଦ ଫୋଟୋରେ ଚେହେରା ସହିତ ବର୍ତମାନ ଚେହେରା ନମିଶିଲେ ନୂଆ ଫୋଟୋ ଦେବାକୁ ପଡିବବୋଲି ବିଡ଼ିଓ ସୂଚନା ଦେଇଥିଲେ। ବିଦେଶୀ ନାଗରିକ ଙ୍କ କ୍ଷେତ୍ରରେ ସେ କଉଁଠି ଓ କେଉଁଦେଶରେ ଥିଲେ ତାହା ସଠିକ ଭାବେ ଜଣାଇବାକୁ କୁହାଯାଇଛି। ୨ନଂ ଫର୍ମ ସଠିକପୂରଣ କିମ୍ବା ଅପଲୋଡ଼ ହୋଇନଥିଲେ ସଫ୍ଟୱେର ଗ୍ରହଣ କରିବେନାହିଁ। ମେ ୩୦ରୁ ଜୁନ ୨୮ପର୍ଯ୍ୟନ୍ତ(ଏସ ଆଇ ଆର)ସ୍ୱତନ୍ତ୍ର ସଘନ ସଂଶୋଧନ ହେବ ତେଣୁ ବୁଥ ଲେବୁଲ ଅଫିସର ଓ ବୁଥ ସୁପର ଭାଇଜରଙ୍କୁ ସହଯୋଗ କରିବାପାଇଁ ଗୋଷ୍ଠୀଉନ୍ନୟନ୍ ଅଧିକାରୀ ଅନୁରୋଧ କରିଥିଲେ । ଏହିଟ୍ରେନିଙ୍ଗ କ୍ୟାମ୍ପରେ ନୀଳଗିରି ବ୍ଲକ ର ୯୯ ଓ ଭବିଷ୍ୟତରେ ବଢିବାକୁଥିବା ୩୫ବୁଥର ବିଭିନ୍ନ ରାଜନୈତିକ ଦଳର ବୁଥଲେବୁଲ ଏଜେଣ୍ଟ (ପ୍ରତିନିଧି ), ୧୩ଜଣ ବୁଥ ଲେବୁଲ ସୁପରଭାଇଜର, ଏ.ବି.ଡି.ଓ ସୁନନ୍ଦା ସାହୁ ଓ ଗ୍ରାମପଞ୍ଚାୟତ ସହାୟକ ଅଧିକାରୀ ଭାବେ ହୃଷିକେଶ ଜେନା ମଧ ଯୋଗଦେଇଥିଲେ।

## ବୀର ସାବରକରଙ୍କ ଜୟନ୍ତୀ ପାଳିତ

ପୁରୀ, ୨୮/୫ (ନି.ପ୍ର): ପୁରୀଜିଲ୍ଲା ବ୍ରହ୍ମଗିରି ବଜାର ଠାରେ ଅବସ୍ଥିତ ଗୁରୁକୃପା କୋଚିଂ ସେଂଟର ପରିସରରେ ବୀର ସ୍ୱାରକରଙ୍କ ଜନ୍ମଜୟନ୍ତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱ୍ୱାର୍ ଏବଂ ଭାରତ ସରକାରଙ୍କର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ କେନ୍ଦ୍ର, ପୁରୀ ଙ୍କ ସହାଯତାରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରାତଃ କାଳରେ ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର,ଗୋଖରା ଠାରେ ସ୍ୱେଚ୍ଛାସେବୀମାନେ ଚାରା ବୃକ୍ଷ ରୋପଣ କରିଥିଲେ।ଏହି ଅବସରରେ ଉତ୍ସବରେ ବୀର ସ୍ୱାରକରଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା ଏବଂ ସମସ୍ତ ବିଜୟୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ବୀର ସ୍ୱାରକରଙ୍କ ଜୟନ୍ତୀ ଅବସରରେ ଗୁରୁକୃପା ଶିକ୍ଷାନୁଷ୍ଠାନ ପରିସର ରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭକ୍ତ ମନେଇ ସାହୁ ମହାବିଦ୍ୟାଳୟ ଅଧକ୍ଷ କୃଷ୍ଣଚନ୍ଦ୍ର ମାଝୀ ଏଥିରେ ଅଧକ୍ଷତା କରିଥିଲେ।

# ଭଦ୍ରକ ଜିଲ୍ଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ




ଭଦ୍ରକ , ୨୮/୫ (ନି.ପ୍ର): ଜିଲ୍ଲା, ବ୍ଲକ, ନଗର, ପଂଚାୟତ ଓ ସର୍ବୋପରି ନୂଆ କଂଗ୍ରେସ କମିଟିମକୁ ସଂଗଠିତ କରି ଅଧିକ କ୍ରିୟାଶୀଳ ଓ ମଜବୁତ କରିବାକୁ ଭଦ୍ରକ ଜିଲ୍ଲା ପାରିବର୍ଦ୍ଧିତ କମିଟିର କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଂପାଦକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସର ସହ ପ୍ରଭାରୀ ମୟୂର ଏସ ଜୟକୁମାର ଆହ୍ୱାନ ଦେଇଛନ୍ତି । ଜିଲ୍ଲା କଂଗ୍ରେସ ସଭାପତି ସଭାପତି ନଳୀନୀକାନ୍ତ ମହାରିଙ୍କ ସଭାପତିତ୍ୱରେ ଓ ରାଜ୍ୟ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ଭଦ୍ରକ ପ୍ରଭାରୀ ଦେବାଶିଶ ପଟ୍ଟନାୟକ, ଉପସଭାପତି ସମ୍ମିତା ବେହେରାଙ୍କ ଉପସ୍ଥିତିରେ ଭଦ୍ରକ ଜିଲ୍ଲକଂଗ୍ରେସ କାର୍ଯ୍ୟାଳୟ ଠାରେଆଜି ଅପରାହ୍ନରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ ବୈଶକରେ ଶ୍ରୀ ଜୟକୁମାର ଆଗାମୀ ପଂଚୟତ, ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ହେବା ସହ ଦଳକୁ ଅଧିକ ସୁଦୃଢ଼ ଓ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ । ବିଶେଷକରି ଜିଲ୍ଲା ଉପ ସଭାପତିମାନଙ୍କୁ ବିଭିନ୍ନ ବ୍ଲକର ପ୍ରଭାରୀ ଭାବେ ନିଯୁକ୍ତ କରିବା ସହ ଯେଉଁ ବ୍ଲକ, ନଗର, ପଂଚାୟତରେ କମିଟି ଗଠନ ହୋଇନାହିଁ ସେଠାରେ ଆଗାମୀ ୭ଦିନ ମଧ୍ୟରେ ଗଠନ କରି ଜିଲ୍ଲା ସଭାପତିଙ୍କ ନିକଟରେ ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଦଳୀୟ ପଦାଧିକାରୀଙ୍କୁ ସମ୍ବୋଧନ କରି ନିଜ ବକ୍ତବ୍ୟରେ ଶ୍ରୀ ଜୟକୁମାର କହିଥିଲେଯେ; ଗାନ୍ଧୀ ପରିବାରର ଦେଶ ପ୍ରତି ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ ।ଦେଶର ସାଧାରଣ ଜନତାଙ୍କ ପ୍ରତି ତ୍ୟାଗ ଓ ସମର୍ପଣ ଓ ସେବା ଭାବ ଇତିହାସରେ ଲିପିବଦ୍ଧ ହୋଇ ରହିବ । ଏକ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ମୋତିଲାଲ ନେହେରୁ ଜଣେ ବାରିଷ୍ଟର ଥିବା ସତ୍ତ୍ୱେ ବିନା ସ୍ୱାର୍ଥରେ ସ୍ୱାଧିନତା ସଂଗ୍ରାମରେ ନେତୃତ୍ୱ ନେଇ କାରାବରଣ କରିଥିଲେ । ତାଙ୍କ ପୁତ୍ର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ମଧ ଏହି ସଂଗ୍ରାମରେ ଯୋଗଦେଇ ସର୍ବାଧିକ ୧୧ ବର୍ଷରୁ ଉର୍ଦ୍ଧ କାରାବରଣ କରିଥିଲେ । ଆଇରନ ଲେଡି ବୋଲି ସମଗ୍ର ଦେଶରେ ପରିଚିତ ଇନ୍ଦିରା ଗାନ୍ଧୀ ନିଜର ଦୃଢ଼ ନେତୃତ୍ୱ, ସାହସ ବଳରେ ବାଂଲାଶବେଶକୁ ପାକିସ୍ଥାନ ଠାରୁ ଅଲଗା କରି ପାକିସ୍ଥାନର ଲକ୍ଷାଧିକ ସୈନ୍ୟଙ୍କୁ ବନ୍ଦୀ କରିଥିଲେ । ରାଜୀବ ଗାନ୍ଧୀ ଦେଶରେ ବୈଷୟିକ ଜ୍ଞାନ କୌଶଳ ଓ ପଂଚାୟତ ରାଜ ବିଭାଗକୁ ପ୍ରତିଷ୍ଠା ଓ କ୍ରିୟାଶୀଳୀୟ କରିବା ଦିଗରେ ଗରୁତ୍ୱପୂର୍ଣ ଭୂମିକା ନିଭାଇଥିଲେ । ତ୍ୟାଗର ପ୍ରତୀକ ସୋନିଆ କଂଗ୍ରେସ ଗଠବନ୍ଧନର ମୁଖ୍ୟ ଥାଇ ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ ଥିଲେ ମଧ ଦେଶର ଉନ୍ନତି ପାଇଁ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଡ. ମନେମୋହନ ସିଂଙ୍କୁ ପ୍ରଧାନମନ୍ତ୍ରୀ ପଦ ସମର୍ପି ଦେଇଥିଲେ । ଆଉ ଆଜିର ଜନନାୟକ ସମଗ୍ର ଭାରତର ଯୁବ ଭାରତର ସ୍ପନ୍ଦନ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ ଯାତ୍ରାରେ କନ୍ୟାକୁମାରୀ ଠାରୁ କାଶ୍ମିର ପର୍ଯ୍ୟନ୍ତ ୪ ହଜାର କିଲୋମିଟର ପାଦରେ ଚାଲି ବିଭିନ୍ନ ବର୍ଗର ଲୋକ, ଭାଷାଭାଷୀ ଓ ଧର୍ମ ଜାତିର ଲୋକଙ୍କ ସହ ମିଶି ସେମାନଙ୍କ ସୁଖଦୁଃଖର ସାଥୀ ହୋଇ ଇତିହାସ ସୃଷ୍ଟି କରିଥିଲେ । କଂଗ୍ରେସ ଓ ଗାନ୍ଧୀ ପରିବାରର ବିଚାରଧାରା ସଦାସର୍ବଦା ଦେଶର ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଥିବାବେଳେ ଆଜିର ବିଜେପି ସରକାର କେବଳ କ୍ଷମତାକୁ ଉପଭୋଗ କରିବାରେ ବ୍ୟସ୍ତ । ବିଜେପି କିମ୍ବା ଆରଏସଏସର ସଦସ୍ୟମାନେ କୌଣସି ସ୍ୱାଧିନତା ସଂଗ୍ରାମ ଓ ସ୍ୱତନ୍ତ୍ର ସେନାନୀରେ ଯୋଗଦେଇନଥିଲେ । ଏପରିକି ଆରଏସଏସ କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଉନଥିଲେ । କଂଗ୍ରେସର ତ୍ୟାଗ ବଳିଦାନ ଓ ବାବା ସାହେବ ଆମ୍ବେଦକରଙ୍କ ସମ୍ବିଧାନକୁ ବିଜେପି ନଷ୍ଟଭ୍ରଷ୍ଟ କରି ଚାଲିଛି । ଏହାର ପ୍ରତିବାଦରେ କଂଗ୍ରେସ ସର୍ବଦା ସାଧାରଣ ଲୋକଙ୍କୁ ସଚେତନ କରିବ ଓ ଦେଶ ପାଇଁ ସମର୍ପଣ ଭାବ ନେଇ କାର୍ଯ୍ୟ କରିବ ବୋଲି କହିଥିଲେ । ବୈଠକରେ ସଭାପତିତ୍ୱ କରୁଥିବା ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟରେ ରାହୁଲଙ୍କ ନୀତି ଆଦର୍ଶରେ ଆମେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟକରିବା ସହ ବଳକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ । ଆଗାମୀ ପଂଚାୟତ ଓ ନଗର ନିର୍ବାଚନରେ ସମସ୍ତ କର୍ମୀ ଦୁଥସ୍ତରରୁ ଦଳକୁ ବିଜୟର ଟୀକା ପିନ୍ଧାଇବାକୁ କହିଥିଲେ । ଏହା ବ୍ୟତୀତ ସମସ୍ତ ଜିଲ୍ଲା କଂଗ୍ରେସ କମିଟି ନେତୃମଣ୍ଡଳୀଙ୍କୁ ଶୁଭେଚ୍ଛା ଜଣାଇ ଦଳକୁ ତୃଣମୂଳସ୍ତରରେ ସଂଗଠିତ କରିବାକୁ କହିଥିଲେ ।

# ଝିଅ ଜନ୍ମ ପାଇଁ ଶାଶୁଙ୍କ ଗଞ୍ଜଣା: ଅତିଷ୍ଠ ହୋଇ ନବଜାତକୁ ଅନ୍ୟ ହାତରେ ଟେକିଦେଲେ ମା’, ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

ଜଳେଶ୍ୱର, ୨୮/୫ (ନି.ପ୍ର): ସାମାଜିକ ଗଣମାଧମରେ ଭାଇରାଲ ହୋଇଥିବା ଏକ ଭିଡିଓକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ପଞ୍ଚୁଘଣ୍ଟା ଗ୍ରାମରେ ଜଣେ ମା’ ନିଜର ନବଜାତ ଶିଶୁ କନ୍ୟାକୁ ବିକ୍ରି କରିଦେଇଥିବା ଅଭିଯୋଗ ହେବା ପରେ ଗତ କାଲି ସଂଧାରେ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ସତ୍ୟାସତ୍ୟର ତଦନ୍ତ କରିଛି। ତଦନ୍ତ ସମୟରେ ସମ୍ପୃକ୍ତ ମା’ ସରସ୍ୱତୀ ସିଂ ଯେଉଁ ବୟାନ ଦେଇଛନ୍ତି,ତାହା ସମାଜର ଏକ ଅନ୍ଧକାର ଦିଗକୁ ପଦାରେ ପକାଇଛି ।ମା’ଙ୍କ କହିବା ଅନୁଯାୟୀ,ଦ୍ୱିତୀୟ ସନ୍ତାନଟି ଝିଅ ହେବା ପରେ ଶାଶୂ ସୋମବାରୀ ସିଂ ତାଙ୍କୁ କ୍ରମାଗତ ଭାବେ ମାନସିକ ଓ ଶାରୀରିକ ଗଞ୍ଜଣା ଦେଇ ଆସୁଥିଲେ ।ଏପରିକି ନବଜାତ ଶିଶୁକୁ ଖାଇବାକୁ ଦେଲେ ମଧ ଶାଶୂ ଉଗ୍ର ରୂପ ଧାରଣ କରି ଗାଳିଗୁଲଜ କରୁଥିଲେ ।ଶାଶୂଙ୍କ ଏଭଳି ଅତ୍ୟାଚାର ସମୟରେ ସ୍ୱାମୀ ଶଙ୍କର ସିଂ ନିରବ ରହିବା ସହ ସରସ୍ୱତୀଙ୍କୁ ମଧ ଚୁପ୍ ରହିବାକୁ ଚାପ ପକାଉଥିଲେ ।ଶାଶୂଙ୍କ ଅସହ୍ୟ ଗଞ୍ଜଣାରେ ଅତିଷ ହୋଇ ଏବଂ ମୋ ଝିଅ ଅନ୍ତତଃ ଅନ୍ୟ ସ୍ଥାନରେ ଭଲରେ ରହିବ ବୋଲି ଭାବି ମୁଁ ତାକୁ ଭଦ୍ରକ ଅଞ୍ଚଳର ଜଣେ ନିଃସନ୍ତାନ ବ୍ୟକ୍ତିଙ୍କୁ ଦେଇଦେଲି। ପ୍ରତିବଦଳରେ ସେ ମୋତେ କିଛି ଅର୍ଥ ଦେଇଛନ୍ତି,ବୋଲି କୋହଭରା କଣ୍ଠରେ ପ୍ରଶାସନ ଆଗରେ ପ୍ରକାଶ କରିଛନ୍ତି ମା’। ଅନୁସନ୍ଧାନରୁ ଜଣାପଡ଼ିଛି ଯେ,ଶଙ୍କର ଓ ସରସ୍ୱତୀଙ୍କର ୫ ବର୍ଷ ପୂର୍ବେ ବିବାହ ହୋଇଥିଲା। ସେମାନଙ୍କର ଏକ ୪ ବର୍ଷର ବଡ଼ ଝିଅ ସୁମୀ ଥିବା ବେଳେ ପ୍ରାୟ ୯ ମାସ ତଳେ ସାନ ଝିଅ ସସ୍ମିତା ଜନ୍ମ ଗ୍ରହଣ କରିଥିଲା। ଭଙ୍ଗା ଦଦରା ଘରେ ରହୁଥିବା ଏହି ୫ ଜଣିଆ ପରିବାରର ନିଜସ୍ୱ ସମ୍ପତ୍ତି ବୋଲି କିଛି ନାହିଁ। ଦୁଇ ଶିଶୁ କନ୍ୟାଙ୍କ ପାଇଁ ମା’ ମୁଲ ଲାଗିବାକୁ ଯାଇପାରୁ ନଥିବା ବେଳେ ସ୍ୱାମୀଙ୍କ ରୋଜଗାରରେ ସଂସାର ଚଳିବା କଷ୍ଟକର ହେଉଥିଲା। ଘରକୁ ବିଦ୍ୟୁତ୍ ସଂଯୋଗ ନଥିବା ବେଳେ ପରିବାରର ମାତ୍ର ଦୁଇ ଜଣଙ୍କ ନାମରେ ରେସନ ଚାଉଳ ମିଳୁଥିଲା। ଏହା ସହିତ ପରିବାରର ସଦସ୍ୟମାନେ ଅଧିକାଂଶ ସମୟ ନିଶାଗ୍ରସ୍ତ ରହୁଥିବାରୁ ଅନେକ ସମୟରେ ଭୋକ ଉପାସରେ ଦିନ କାଟୁଥିଲେ। ପ୍ରାୟ ମାସେ ପୂର୍ବେ ଭଦ୍ରକ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ସରସ୍ୱତୀଙ୍କର ସାକ୍ଷାତ ହୋଇଥିଲା ।ଶାଶୂଙ୍କ ନିର୍ଯାତନା ବିଷୟରେ ଜାଣିବା ପରେ, ସେହି ନିଃସନ୍ତାନ ବ୍ୟକ୍ତି ଜଣକ ଶିଶୁ କନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିଲେ। ସରସ୍ୱତୀ ନିଜେ ଭଦ୍ରକ ଯାଇ ଶିଶୁକୁ ସେହି ବ୍ୟକ୍ତିଙ୍କ ହାତରେ ଟେକି ଦେଇଥିଲେ ।ସେହି ସମୟରେ ସ୍ୱାମୀ ଶଙ୍କର ମଜୁରୀ ଲାଗିବା ପାଇଁ ଭୁବନେଶ୍ୱର ଯାଇଥିଲେ। ତେବେ ଛୁଆ ଦେବା ବଦଳରେ କେତେ ଟଙ୍କାର କାରବାର ହୋଇଛି,ସେ ନେଇ ସ୍ୱାମୀ ଓ ସ୍ତ୍ରୀ ଉଭୟ ପ୍ରଶାସନ ଆଗରେ ଭିନ୍ନ ଭିନ୍ନ ବୟାନ ଦେଇଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ ଓ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ପୃଥକ ପୃଥକ ଭାବେ ପଞ୍ଚୁଘଣ୍ଟା ଗ୍ରାମର ୮ ନମ୍ବର ୱାର୍ଡରେ ପହଞ୍ଚି ତଦନ୍ତ କରିଛନ୍ତି। ବିପନ୍ନ ପରିବାରକୁ ଆଶ୍ୱାସନା ଦେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ସିଂ କହିଛନ୍ତି ଯେ,ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନା ମାଧମରେ ପରିବାରକୁ ସମସ୍ତ ଉପଯୁକ୍ତ ସହାୟତା ଯୋଗାଇ ଦିଆଯିବ,କିନ୍ତୁ ପ୍ରଥମେ ଶିଶୁ କନ୍ୟାକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ହେବ। ?ଆଜିର ଏହି ପ୍ରଶାସନିକ ତଦନ୍ତ ସମୟରେ ସ୍ଥାନୀୟ କାଉନସିଲର ଚିତ୍ତରଞ୍ଜନ ମହାନ୍ତି,ଆଶା କର୍ମୀ ସଙ୍ଘମିତ୍ରା ମୁର୍ମୁ,ଅଙ୍ଗନବାଡି କର୍ମୀ କବିତା ଘୋଷ,ଯୁବ ନେତା ଅଞ୍ଜନ ଦାସ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ମନୋରଞ୍ଜନ ଦାହ, ସିଦ୍ଧେଶ୍ୱର ବେହେରା ଓ ରାଜୀବ ଲୋଚନ ଘୋଷ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନକୁ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଦୁର୍ନୀତିଗ୍ରସ୍ତ ବିଚାରପତି ...

କୋର୍ଟ ଓ ବିଚାରପତି ସର୍ବସାଧାରଣଙ୍କ ସମାଲୋଚନାରୁ ଊର୍ଦ୍ଧ୍ୱରେ ନୁହଁ। ଏହି ଅବସରରେ ହାଇକୋର୍ଟ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏସ୍‌ପି ଭରୁଚାଙ୍କ ସେହି ବୟାନର ଉଲ୍ଲେଖ କରିଛନ୍ତି ଯେ, ଦେଶର ପାଖାପାଖି ୨୦ ପ୍ରତିଶତ ବିଚାରପତି ଦୁର୍ନୀତିଗ୍ରସ୍ତ। ଏହାସହିତ ହାଇକୋର୍ଟର ବରିଷ୍ଠ ଓକିଲ ଶାନ୍ତି ଭୂଷଣ ଓ ପ୍ରଶାନ୍ତ ଭୂଷଣଙ୍କ ବୟାନ ଉଲ୍ଲେଖ ମଧ କରିଛନ୍ତି। ହାଇକୋର୍ଟଙ୍କ ଖଣ୍ଡପୀଠ କହିଥିଲେ ଯେ, ଆମେ ଫିଲ୍ମରେ ଚିତ୍ରିତ ହୋଇଥିବା ଅତିରଞ୍ଜିତ କଥାକୁ ସମର୍ଥନ କରୁନାହିଁ, କିନ୍ତୁ ସତ୍ୟ ଆଗରେ ମଧ ଆମେ ଆଖି ବନ୍ଦ କରି ବସି ପାରିବୁନାହିଁ।

## ପ୍ରଭାବହୀନ ହେଉଛି ...

ହେଲେ ଏ ପର୍ଯ୍ୟନ୍ତ ପାଟକୁରା, ଚୌଦ୍ୱାର, ବାଙ୍କୀ, ତିର୍ତ୍ତୋଲ, ବାଲିଗୁଡ଼ା, ଜୟଦେବ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର କିଏ ମଙ୍ଗ ଧରିବ, ସେ ସଂକେତ କର୍ମୀଙ୍କୁ ମିଳିନି । ଆଗକୁ ପୌର ଓ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କର୍ମୀ ଏବେ ଦ୍ୱନ୍ଦ୍ୱରେ । ପଶ୍ଚିମବଙ୍ଗ ସ୍ଥିତି ଆହୁରି ଖରାପ। ମମତା ବାନାର୍ଜୀ ନିର୍ବାଚନ ହାରିବାର ୨୫ ଦିନ ବିତିନାହିଁ । ଏବେଠାରୁ ଗଡ଼ ଭାଂଗିବା ଆରମ୍ଭ ହେଲାଣି । ଜଣେ ସାଂସଦ ଦଳ ଛାଡିଛନ୍ତି ଓ ତୃଣମୂଳ ସ୍ତରର ଅନେକ ନେତା ଏବେ ବିଜେପି ମୁହାଁ ହେଲେଣି ।

## ଅଟୋ, ବସ୍ ଭଡ଼ାକୁ ନେଇ ...

ମାଗିବାକୁ ବାଧ ହେଉଛନ୍ତି ଚାଳକ । ଅନ୍ୟପଟେ ସାଧାରଣ ଅଟୋ ଚାଳକଙ୍କ କହିବା କଥା, ତୈଳ ଦର ବଢ଼ିଥିଲେ ବି ଆମେ ଭଡ଼ା ବଢ଼ାଇ ପାରୁନୁ । ଅଧିକ ଭଡ଼ା କହିଲେ ଯାତ୍ରୀମାନେ “ଆମ ବସ୍”ରେ ଯାଉଛନ୍ତି । ଫଳରେ ଗ୍ରାହକ କମିବା ସହ ବେପାର ମାନ୍ଦା ପଡ଼ିଛି । ସେପଟେ ସାଧାରଣ ଲୋକଙ୍କ ଅଭିଯୋଗ, ପୂର୍ବରୁ ଯେଉଁଠାରେ ୧୦ ଟଙ୍କା ଲାଗୁଥିଲା, ଏବେ ସେଠାରେ ୨୦ ଟଙ୍କା ନିଆଯାଉଛି । କିଛି ଦିନ ତଳେ ବସ୍ ଭଡ଼ା ବଢ଼ିବା ପରେ ଏହାର ବୋଝ ସାଧାରଣ ଯାତ୍ରୀଙ୍କ ଉପରେ ପଡ଼ିଛି । ହେଲେ ସେପଟେ ମାତ୍ର ୨ ପଇସା ବୃଦ୍ଧିକୁ ନେଇ ଖୁସି ନାହାନ୍ତି ବସ୍ ମାଲିକ । ବସ୍ ମାଲିକ ସଂଘର କହିବା ଅନୁସାରେ, ନିକଟରେ ୪ଟି ପର୍ଯ୍ୟାୟରେ ଡିଜେଲ ଦର ୮ ଟଙ୍କା ବଢ଼ିଛି । ନିୟମ ଅନୁସାରେ ଡିଜେଲ୍ ଲିଟର୍ ୨ ଟଙ୍କା ବଢ଼ିଲେ ବସ୍ ଭଡ଼ା ୧ ପଇସା ବଢ଼େ । ସେହି ହିସାବରେ ବସ୍ ଭଡ଼ା ୪ ପଇସା ବୃଦ୍ଧି ହେବା କଥା । ଅଥଚ ସ୍ୱୟଂଚାଳିତ ବୈଷୟିକ କମିଟି ବସ୍ ଭଡ଼ା ୨ ପଇସା ବଢ଼ାଇଛନ୍ତି । ପ୍ରତ୍ୟେକ ବର୍ଷ ଏପ୍ରିଲ ମାସରେ ବସ୍ ବାବଦରେ ଆନୁଷଙ୍ଗିକ ଖର୍ଚ୍ଚ ଯଥା- ଟାୟାର, ମୋବିଲ, ବ୍ୟାଙ୍କ୍ ସୁଧ ଆଦି ସମୀକ୍ଷା ହେବା ଜରୁରୀ । ହେଲ ୨୦୧୬ରୁ ୨୦୨୬ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ । ତେଣୁ ସରକାର ଏହାକୁ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ କିମ୍ବା ଜିଏସ୍‌ଟି ଛାଡ଼ କରି ବସ୍ ଭଡ଼ା କମାନ୍ତୁ ବୋଲି ପ୍ରସ୍ତାବ ଦେଇଛି ବସ୍ ମାଲିକ ସଂଘ । । ଏନେଇ ଆସନ୍ତା ୩୦ ତାରିଖରେ କାର୍ଯ୍ୟକାରୀ କମିଟି ବୈଠକ ଡକାଯାଇଛି ।

## ସିବିଏସ୍ଇ ବିବାଦ...

ନିର୍ବାଚନ ପରାଜୟକୁ ନେଇ ହତାଶ ହୋଇ ଦେଶର ବୈଜ୍ଞାନିକ ପ୍ରଗତିକୁ ବିରୋଧ କରୁଛନ୍ତି । ବ୍ୟବସ୍ଥାରେ ହେଉଥିବା କୌଣସି ଅସୁବିଧା ପାଇଁ ସେମାନେ ନିଜେ ଦାୟୀ ରହିବେ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ଆଶ୍ୱାସନା ଦେଇଥିଲେ । ଭାରତ ସରକାରଙ୍କ କ୍ରୟ ନୀତି ଅନୁରୂପ ଏହି ପ୍ରସଙ୍ଗରେ ସିବିଏସ୍ଇ ନିଜର ପ୍ରତିକ୍ରିୟା ଦେଇଛି । ସେ ଆଶ୍ୱାସନା ଦେଇଛନ୍ତି ଯେ ଯଦି କୌଣସି ଅନିୟମିତତା ଦେଖିବାକୁ ମିଳେ ତେବେ କାହାକୁ ଛଡ଼ାଯିବ ନାହିଁ ।

## ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା...

ଅନ୍ୟଟି ହେଉଛି ସିଦ୍ଦରମୈୟା ଓ ଶିବକୁମାରଙ୍କ ମଧ୍ୟରେ ମୁହାଁମୁହିଁକୁ ଏଡାଇବା। ଏହା ପୂର୍ବରୁ ସିଦ୍ଦରମୈୟା ତାଙ୍କ ଇସ୍ତଫା ଖବର ତାଙ୍କ କ୍ୟାବିନେଟକୁ ଦେଇଥିଲେ। ଉପସ୍ଥିତ ଥିବା ଶିବକୁମାର ସିଦ୍ଦରମୈୟାଙ୍କୁ ଆଲିଙ୍ଗନ କରିବା ସହ ତାଙ୍କ ଆଶୀର୍ବାଦ ନେବା ପାଇଁ ତାଙ୍କ ପାଦ ଛୁଇଁଥିବା ଦେଖିବାକୁ ମିଳିଥିଲା। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ସିଦ୍ଦରମୈୟା ରାଜ୍ୟ ବାହାରେ ଥିବା ରାଜ୍ୟପାଳ ଥାୱରଚାନ୍ଦ ଗେହଲଟଙ୍କ ସଚିବଙ୍କ ନିକଟରେ ଇସ୍ତଫା ପତ୍ର ଦାଖଲ କରିଥିଲେ। ଜଣେ ଫାୟାରବ୍ରାଣ୍ଡ ନେତା ସିଦ୍ଦରମୈୟା ଚଳିତ ବର୍ଷ ଜାନୁଆରି ମାସରେ କର୍ଣ୍ଣାଟକର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ କଲ୍ୟାଣକାରୀ ରାଜନୀତି ଏବଂ ଓବିସି ସଂଗଠନ ଉପରେ ଜୋର ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ମୁଁ ଟଙ୍କା ପଛରେ ଗୋଡ଼ାଇ ନ ଥିଲି କିମ୍ବା ସମ୍ପତ୍ତି ଠୁଳ ପାଇଁ ଇଚ୍ଛା କରିନଥିଲି; ମୋର ରାଜନୈତିକ ଜୀବନ ଏକ ଖୋଲା ପୁସ୍ତକ। ବର୍ଷ ବର୍ଷ ଧରି, ସେ ‘ଅହିନ୍ଦା’ ସମର୍ଥନ ଆଧାର (ସଂଖ୍ୟାଲଘୁ, ପଛୁଆ ବର୍ଗ ଓ ଦଳିତଙ୍କ ପାଇଁ ବ୍ୟବହୃତ କନ୍ନଡ ସଂକ୍ଷିପ୍ତ ଶବ୍ଦ) ସୃଷ୍ଟି କରିଥିଲେ। ୨୦୨୩ରେ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଫେରିବା ପଛରେ ଏହାର ହାତ ଥିବା ଜଣାପଡିଛି। କୁରୁବା ଜାତିର ସିଦ୍ଦରମୈୟା ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୮୩ରେ ଚାମୁଣ୍ଡେଶ୍ୱରୀରୁ କର୍ଣ୍ଣାଟକ ବିଧାନସଭାରେ ପ୍ରବେଶ କରିବା ପରେ ସେ ନିର୍ବାଚନୀ ରାଜନୀତିରେ ଯୋଗ ଦେଇଥିଲେ। ୨୦୦୬ରେ କଂଗ୍ରେସରେ ଯୋଗଦେବା ପୂର୍ବରୁ ସିଦ୍ଧରମୈୟା ବିଭିନ୍ନ ଜନତା ପରିବାର ଗୋଷ୍ଠୀରେ କାର୍ଯ୍ୟ କରିଥିଲେ। ଜେଡିଏସ୍‌ର ଏଚ୍‌ଡି ଦେବଗୌଡ଼ାଙ୍କ ସହ ତାଙ୍କର ରାଜନୈତିକ ମତଭେଦ ପରେ ଏହା ଘଟିଛି। ଏହା ତାଙ୍କ କ୍ୟାରିୟର ତଥା ରାଜ୍ୟରେ କଂଗ୍ରେସର ଗତିପଥକୁ ବଦଳାଇ ଦେଇଥିଲା। ସିଦ୍ଦରମୈୟାଙ୍କ ଭବିଷ୍ୟତ କ’ଣ ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଲା। ସେ ତଥାପି ଜଣେ ବିଧାୟକ ଅଛନ୍ତି ଏବଂ ରାଜ୍ୟସଭା ପ୍ରସ୍ତାବକୁ ସର୍ବସାଧାରଣରେ ପ୍ରତ୍ୟାଖ୍ୟାନ କରିଛନ୍ତି। ସୂତ୍ରରୁ ପ୍ରକାଶ ଯେ ବିଦାୟୀ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ପାଇଁ ଦିନକ ପରେ ଦିଲ୍ଲୀ ଯାତ୍ରା କରିବେ। ଭବିଷ୍ୟତର କାର୍ଯ୍ୟପନ୍ଥା ଉପରେ ସେ ରାହୁଲ ଗାନ୍ଧୀଙ୍କ ସହ ସାକ୍ଷାତ୍ କରିବାର ସମ୍ଭାବନା ରହିଛି। କଂଗ୍ରେସ ନେତୃତ୍ୱ ଚାହୁଁଛନ୍ତି ଯେ ସିଦ୍ଦରମୈୟା ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଭୂମିକା ଗ୍ରହଣ କରନ୍ତୁ। କିନ୍ତୁ ସିଦ୍ଦରମୈୟା ତାହା ମାନିବେ କି ? ତାହା ହିଁ ହେଉଛି ପ୍ରଶ୍ନ।

## ଚଳିତ ବର୍ଷରୁ ଓଡ଼ିଆରେ...

ବିଶେଷକରି ଗ୍ରାମାଞ୍ଚଳର ମେଧାବୀ ଗରିବ ଛାତ୍ରଛାତ୍ରୀ ଏହାଦ୍ୱାରା ଉପକୃତ ହେବା ସହିତ ସେମାନଙ୍କର ଡାକ୍ତର, ଇଂଜିନିୟର ହେବାର ସ୍ୱପ୍ନ ପୂରଣ ହୋଇପାରିବ ବୋଲି ସେମାନେ ଅନୁଭବ କରିପାରୁଛନ୍ତି । ଓଡ଼ିଆରେ +୨ ବିଜ୍ଞାନ ଶିକ୍ଷାକୁ ଅଧିକ କାର୍ଯ୍ୟକାରୀ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଭାଗୀୟ ସଚିବ, ଅଧିକାରୀ ସମେତ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ଓ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ୨୬ ତାରିଖଠାରୁ ସାମସ୍ ପୋର୍ଟାଲ୍‌ରେ ଆରମ୍ଭ ହୋଇଥିବା ନାମ ଲେଖା ଫର୍ମ ପୂରଣ ବେଳେ ଛାତ୍ରଛାତ୍ରୀଗଣ ବିଜ୍ଞାନ ବିଷୟକୁ ପ୍ରଥମ ପସନ୍ଦ ଭାବରେ ଗ୍ରହଣ କରିବାକୁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡକ୍ଟର ସୁବ୍ରତ ପୃଷ୍ଟି ଆହ୍ୱାନ ଦେଇଛନ୍ତି। ଶିକ୍ଷାବିତ୍ ତଥା ସଂସ୍ଥା ଗବେଷଣା ବିଭାଗ ସଂଯୋଜକ ନୀରଦ ବରଣ ଖୁଂଟିଆ ଓଡ଼ିଆରେ ବିଜ୍ଞାନ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ସଂସ୍ଥା ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ପ୍ରଧାନ +୨ ବିଜ୍ଞାନ ଶିକ୍ଷା ବିଷୟରେ ସୂଚନା ଦେଇ କହିଥିଲେ ପ୍ରତିବର୍ଷ ସାଢେ ପାଞ୍ଚ ଲକ୍ଷ ପିଲା ଓଡ଼ିଆ ମାଧ୍ୟମରେ ଦଶମ ପଢୁଥିଲେ ବି ଇଂଲିଶ୍ ଭାଷାକୁ ଭୟ କରି +୨ ଶ୍ରେଣୀରେ ବିଜ୍ଞାନ ବିଷୟକୁ ପ୍ରଥମ ପସନ୍ଦ କରୁ ନଥିବାରୁ ପ୍ରାୟ ଅଶି ହଜାର ସିଟ୍ ଖାଲି ପଡୁଛି । ଏହି ଭୟକୁ ଦୂର କରିବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷରା ସଂସ୍ଥା ଓଡ଼ିଆରେ ଇଂଜିନିୟରିଂ ବହି ପ୍ରସ୍ତୁତ କରିବା ପରେ ଏବେ +୨ ବିଜ୍ଞାନ ବହି ପ୍ରସ୍ତୁତ କରିଛି। ଏବେ ଓଡ଼ିଆରେ ବିଜ୍ଞାନ ବୁଝିବା ଓ ପଢ଼ିବା ସହଜ ହେବା ସହିତ ସଫଳତା ହାର ବୃଦ୍ଧି ହେବ।

# ଭିଭିଆଇପିଙ୍କ ଗସ୍ତ ସୂଚୀ ଲିକ୍ ନେଇ କଡ଼ା ସତର୍କତା

ଭୁବନେଶ୍ୱର, ୨୮/୫ (ନି.ପ୍ର): ଭିଭିଆଇପିଙ୍କ ଗସ୍ତ ସୂଚୀ ଲିକ୍ ନେଇ କଡ଼ା ସତର୍କତା । ସୁରକ୍ଷା ସମ୍ବନ୍ଧୀୟ ତଥ୍ୟ ସେୟାର୍ କଲେ କାର୍ଯ୍ୟାନୁଷ୍ଠାନ ହେବ । ସମସ୍ତ ଜିଲ୍ଲାପାଳ, ଏସ୍‌ପି ଓ ପୋଲିସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି ରାଜ୍ୟ ଗୃହ ବିଭାଗ । କୌଣସି ସୂଚନା ଲିକ୍ ହେଲେ ତୁରନ୍ତ ତଦନ୍ତ ସହ ଆକ୍ସନ । ଏନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ଗୃହ ବିଭାଗ ।

# ବାଇକ ସହିତ ବାଇକ ଦୁର୍ଘଟଣାରେ ଜଣେ ଗୁରୁତର

ନୀଳଗିରି, ୨୮/୫ (ନି.ପ୍ର): ବାଇକ ବାଇକ ମଧ୍ୟରେ ସାମ୍ନାସାମ୍ନୀ ଧକ୍କା ହେବାରୁ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଆଜି ଅପରାହ୍ନ ପ୍ରାୟ ୪ ଘଟିକା ସମୟରେ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ତାଳବଣି ଗ୍ରାମର ସ୍ୱର୍ଗତ ଦିବାକର ବାଗଙ୍କ ପୁତ୍ର ଜୟନ୍ତ କୁମାର ବାଗ (୫୨)ଏକ ପେସନପ୍ରୋ ବାଇକଯୋଗେ ନୀଳଗିରି ଅଭିମୁଖେ ଆସୁଥିବାବେଳେ ନୀଳଗିରି-ଝରଣା ଘାଟି ୧୯ ନମ୍ବର ରାଜ୍ୟରାଜପଥ କଳାକାଦ ଶନିମନ୍ଦିର ରାସ୍ତା ନିକଟରେ ଏକ ଅଟୋକୁ ଓଭରଟେକ କରୁଥିବା ବେଳେ ନୀଳଗିରିରୁ ବରହମପୁର ଅଭିମୁଖେ ଯାଉଥିବା ଅନ୍ୟଜଣେ ବାଇକଚାଳକ ସାମ୍ନାରୁ ଜୟନ୍ତଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାରହୋଇ ଯାଇଥିଲା। ଏଥିରେ ଜୟନ୍ତଙ୍କ ଡାହାଣ ଆଣ୍ଠୁଚକି ବାହାରକୁ ବାହାରି ପଡିଥିଲା। ଅତ୍ୟଧିକ ରକ୍ତସ୍ରାବ ହେବାରୁ ସେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ୧୦୮ ଯୋଗେ ନୀଳଗିରି ମେଡିକାଲରେ ଆଶୁଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କୁରୁଡ଼ା ସ୍ଥିତ ଜ୍ୟୋତିହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଖବରଲେଖା ହେବାବେଳକୁ ବରହମପୁର ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବଟବୃକ୍ଷର ସୁରକ୍ଷା ଦାବି



ବାଲେଶ୍ୱର, ୨୮/୫ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି ଏତିହ୍ୟ ସମ୍ପନ୍ନ ପୁରାତନ ବଟବୃକ୍ଷ। ଏବେ ଏହି ବଟବୃକ୍ଷର ଚାରିପଟେ ଥିବା ପିଣ୍ଡିଟି ଭାଙ୍ଗିରୁଜି ଯାଇଛି। ଏଣୁ ଏହାକୁ ମରାମତି କରିବା ପାଇଁ ଆଜି ବଟବୃକ୍ଷ ସୁରକ୍ଷା ମଞ୍ଚ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାପାଳଙ୍କ ପୁରାତନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ଏହି ଏତିହ୍ୟ ସମ୍ପନ୍ନ ବଟବୃକ୍ଷ ରହିଛି। ଏହି ବଟବୃକ୍ଷର ସୁରକ୍ଷା ସହ ଏହାର ଚାରିପାଖରେ ଥିବା ପିଣ୍ଡିଗୁଡ଼ିକ ଭାଙ୍ଗିରୁଜି ଯାଇଛି। ସେଠାରେ ଲାଗିଥିବା ଟାଇଲ୍ ମଧ ଭାଙ୍ଗିଯାଇଛି । ଏହି ବଟବୃକ୍ଷ ତଳେ ପ୍ରତିଦିନ ହଜାର ହଜାର ଲୋକେ ଆଶ୍ରୟ ନେଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଲୋକେ ଏଠାରେ କିଛି ସମୟ ବିଶ୍ରାମ କରୁଛନ୍ତି। ଏଣୁ ଏହି ପିଣ୍ଡିକୁ ପୁନରୁଦ୍ଧାର କରିବା ସହ ନୂତନ ଟାଇଲ୍ ଲଗାଇବାକୁ ଦାବି କରାଯାଇଛି। ସାଧାରଣ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଏହି ବିଶ୍ରାମ ପିଣ୍ଡିର ସୁବିଧା ବ୍ୟବସ୍ଥା ଓ ନିର୍ମାଣ ପାଇଁ ଅନୁରୋଧ କରାଯାଇଛି । ସେହିପରି ପୌରପରିଷଦ ଅଧକ୍ଷା ସବିତା ସାହୁଙ୍କୁ ମଧ ସାକ୍ଷାତ କରି ବଟବୃକ୍ଷ ନିକଟରେ ପ୍ରତିଦିନ ସଫା-ସୁଥା କରାଯିବା ସହ ୩-୪ଟି ଚେୟାର ଦେବାକୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଧୀରଜ ଦାସ, ତପନ ଦାସ, କଞ୍ଚମଣୀ ସ୍ୱାଇଁ, ଭଗବାନ ଚନ୍ଦ୍ର ଦାସ, ଚିତ୍ତରଞ୍ଜନ ନାୟକ, ବିନାୟକ ମହାପାତ୍ର, ହିତ୍ରିକ ନାୟକ, ମନୋଜ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ସେଲ୍‌ର ସିଏସଆର ସେବା ଅଧୀନରେ ସ୍ମାର୍ଟ ଡିଜିଟାଲ୍ କ୍ଲାସରୁମ୍ ପ୍ରତିଷ୍ଠା ପାଇଁ ଇ.ଡି.ସି.ଆଇ.ଏଲ. ସହିତ ବୁଝାମଣା ପତ୍ର ସ୍ୱାକ୍ଷରିତ

ରାଉରକେଲା, ୨୮/୫ (ନି.ପ୍ର): ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ଦେଶର ସର୍ବବୃହତ ସାର୍ବଜନୀନ କ୍ଷେତ୍ରର ଇସ୍ପାତ ଉତ୍ପାଦନକାରୀ ତଥା ମହାରତ୍ନ କମ୍ପାନୀ 'ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍' (ସେଲ) ଏବଂ ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସାର୍ବଜନୀନ କ୍ଷେତ୍ରର ପ୍ରତିଷ୍ଠାନ ' ଇ.ଡି.ସି.ଆଇ. ଏଲ. (ଇଣ୍ଡିଆ) ଲିମିଟେଡ୍' ମଧ୍ୟରେ ୨୬ ମଇ, ୨୦୨୬ ରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ସେଲ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସି ଏସ ଆର) ଅଧୀନରେ ସମାବେଶୀ ଶିକ୍ଷାର ପ୍ରସାର ପାଇଁ ଏହି ଚୁକ୍ତି କରାଯାଇଛି। ଏହି ବୁଝାମଣା ପତ୍ର ଅନୁଯାୟୀ, ସେଲ୍‌ର କାର୍ଯ୍ୟକ୍ଷମ ଅଞ୍ଚଳ ଆଖପାଖରେ ଥିବା ବିଦ୍ୟାଳୟ ଗୁଡ଼ିକରେ 'ସ୍ମାର୍ଟ ଡିଜିଟାଲ୍ କ୍ଲାସରୁମ୍' ସ୍ଥାପନ କରାଯିବ। ଏହି ସହଯୋଗିତାର ମୂଳ ଉଦ୍ଦେଶ୍ୟ ହେଉଛି ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷଣର ଫଳାଫଳକୁ ଅଧିକ ଉନ୍ନତ କରିବା। ଏହି ପ୍ରକଳ୍ପ ବିଧାସଳଖ ଭାବେ ଜାତୀୟ ଶିକ୍ଷା ନୀତି (ଏନ.ଇ.ପି.) ୨୦୨୦ ଏବଂ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ-୪ (ଏସ.ଡି.ଜି.-୪ ) ର ଉଦ୍ଦେଶ୍ୟ ସହିତ ସମାନ, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଅନ୍ୟାନ୍ୟ ବିଷୟ ସହିତ ସମସ୍ତଙ୍କ ପାଇଁ ସମାବେଶୀ, ସମାନ, ଗୁଣାତ୍ମକ ଶିକ୍ଷା ଏବଂ ଶିଖିବାର ସୁଯୋଗ ସୁନିଶ୍ଚିତ କରିବା। ସେଲ୍ ର ନିର୍ଦ୍ଦେଶକ (କାର୍ମିକ) ଶ୍ରୀ କେ. କେ. ସିଂଙ୍କ ଉପସ୍ଥିତିରେ ସେଲ୍ ଏବଂ ଇ.ଡି.ସି.ଆଇ.ଏଲ. ମଧ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ସେଲ୍ ଏବଂ ଇ.ଡି.ସି.ଆଇ.ଏଲ. ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।

# ଉଦଳା ରାଜନୀତିରେ ବହିଲା ଉଷ୍ମତାର ପବନ

## ବିଧାୟକଙ୍କ ମନ୍ତବ୍ୟକୁ ନେଇ କ୍ଷୋଭ ପ୍ରକାଶ କଲା ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା

ଉଦଳା, ୨୮/୫ (ନି.ପ୍ର): ଦିର୍ଘଦିନ ଧରି ଉଦଳା ସହର ମଧ୍ୟଦେଇ ଯାଇଥିବା ପୂର୍ତ୍ତ ବିଭାଗର ଏକ ରାସ୍ତା ଉପରେ ପୋଲ କାମ ଚାଲିଛି । ଫଳରେ ଯାତାୟତ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରଥମେ ଏଠାରେ କାର୍ଯ୍ୟରତ ଥିବା ଯନ୍ତ୍ରୀ ପୋଲଟିକୁ ଆବଶ୍ୟକତା ଠାରୁ ଅଧିକ ଉଚ୍ଚ କରିଛନ୍ତି ବୋଲି ଅଭିଯୋଗ ଆଣି କିଛି ଲୋକ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏ ବାବଦରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ପହଂଚିବା ପରେ ପୋଲଟିକୁ ଭାଙ୍ଗି ସାନ କରାଯିବା ସକାଶେ ବର୍ତ୍ତମାନ କାମ ଚାଲିଛି । ଏତିକି ବେଳେ ଗତ କାଲି ମଇ ୨୭ ତାରିଖ ବୁଧବାର ଦିନ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ କିଛି



ଦଳୀୟ କର୍ମି ଓ ସ୍ଥାନିୟ ବାସିନ୍ଦାଙ୍କୁ ନେଇ ଉକ୍ତ ପୋଲ ନିକଟରେ ଏକ ବୈଠକରେ ଏକତ୍ରୀତ ହେବା ସହ ବହୁ କଟୁ ମନ୍ତବ୍ୟ ପ୍ରଦାନ କରିଥିବାର କଥା ଚର୍ଚ୍ଚା ହେଉଛି । କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କର ନାମ ନେଇ ବିଧାୟକ, ଚାଲିଥିବା ଉନ୍ନତିମୂଳକ କାମରେ ବାଧା ସୃଷ୍ଟି କରୁଛନ୍ତି ବୋଲି କହି ବଟି (ଚାନ୍ଦା) ମାଗୁଥିବାର କଥା କହିଛନ୍ତି ବୋଲି ଅଭିଯୋଗ ହୋଇଛି । ଏହାକୁ କେନ୍ଦ୍ରକରି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ କ୍ଷୋଭ ପ୍ରକାଶ ପାଇବା ସହ ଆଜି ମଇ ୨୮ ତାରିଖ ଗୁରୁବାର ଦିନ ଏକ ସାମ୍ବାଦିକ ସମ୍ମିଳନି ଡ଼କାଯାଇଥିଲା । ଏହି ସମ୍ମିଳନିରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ବିଧାୟକ ଭାସ୍କର ମଢ଼େଇଙ୍କର ଏପରି ଏକ ଦାୟିତ୍ୱ ହୀନ ମନ୍ତବ୍ୟକୁ ବିରୋଧ କରିବା ସହ କ୍ଷୋଭ ପ୍ରକାଶ କରିଥିଲେ । ଆମେ ଗଠନ ମୂଳକ କାମକୁ ଆଦୌ ବିରୋଧ କରୁନାହୁଁ ବୋଲି ସ୍ପଷ୍ଟିକରଣ ଦେବା ସହ ବଟି (ଚାନ୍ଦା) ଆଦାୟ କରୁନାହୁଁ ବୋଲି ରୋକ ଠୋକ ମନା କରିଦେଇଥିଲେ । ଏଥିପାଇଁ ସର୍ବ ସମ୍ମୁଖରେ ବିଧାୟକ କ୍ଷମା ମାଗନ୍ତୁ, ନଚେତ ତାଙ୍କ ବିରୋଧରେ ମାନହାନି ମକଦ୍ଦମା କରିବୁ ବୋଲି ଚେତାବନି ଦେଇଥିଲେ । ଏହାକୁ କେନ୍ଦ୍ର କରି ସହରରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳି ଯାଇଛି, କେତେକ ଏହାକୁ ଉଦଳା ରାଜନୀତିରେ ବହିଲା ଉଷ୍ମତାର ପବନ ବୋଲି ଚିତ୍ରଣ କରିଛନ୍ତି । ଏହା ଆସନ୍ତା ପଂଚାୟତ ନିର୍ବାଚନରେ ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଛି ।

# ବିଜେପିରେ ନେତା ହିଁ କାର୍ଯ୍ୟକର୍ତ୍ତା: ଅରୁଣ ସିଂ

ଭୁବନେଶ୍ୱର, ୨୮/୫ (ନି.ପ୍ର): ଭୁବନେଶ୍ୱରରେ ପହଂଚିଛନ୍ତି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ । ଏହି ଅବସରରେ ସେ କହିଛନ୍ତି ଯେ, ବିଜେପିରେ ନେତା ହିଁ କାର୍ଯ୍ୟକର୍ତ୍ତା । ଅନ୍ୟ ଦଳରେ ଲୋକେ ବଡ଼ ନେତାଙ୍କୁ ଭେଟି ପାରନ୍ତିନି, ବିଜେପିରେ ମିଶୁଛନ୍ତି । ପରିବାର ଭାବନା ନେଇ ବିଜେପିରେ କାମ ହୋଇଥାଏ ।ସମସ୍ତଙ୍କ ସହ ଆଲୋଚନା ପରେ ନିଷ୍ପତି ନିଆଯାଏ । ଯାହା ଅନ୍ୟ ଦଳରେ ନାହିଁ । ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର, ମୋହନ ମାଝୀଙ୍କ ନେତୃତ୍ୱରେ ବିକାଶ ଚାଲିଛି ବୋଲି ସେ କହିଛନ୍ତି ।

# ବିଦେଶୀ ମଦ ଦୋକାନ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ

ବୈଶିଙ୍ଗା , ୨୮/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡଦେଉଳିଆ ଠାରେ ଦୀର୍ଘ ଦିନ ଧରି ଚାଲିଥିବା ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ କୁ ସ୍ଥାୟୀ ଭାବେ ବନ୍ଦ କରିବା ନେଇ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବବିତା ସିଂ , ୩୬ ନଂ ଜିଲ୍ଲା ପରିଷଦ ଜୋନର ସଦସ୍ୟା ଶ୍ରୀମତୀ ସବିତା ଦାସ ଓ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ମାଧବୀ ସେନାପତି ଏବଂ ଶତାଧିକ ଗ୍ରାମବାସୀ ଓ ମହିଳା ସ୍ୱୟଂସହାୟୀକା ଗୋଷ୍ଠୀର ସଦସ୍ୟା ମାନଙ୍କ ର ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ପୋଲିସ ସୁପରିଟେଣ୍ଡେଣ୍ଟ ଏବଂ ଅବକାରୀ ଅଧୀକ୍ଷକଙ୍କୁ ଗତ ମେ ୨୬ ତାରିଖ ଦିନ




ପ୍ରଦାନ କରା ଯାଇଅଛି। ମଦ ଦୋକାନ ଯୋଗୁଁ ଏ ଅଞ୍ଚଳରେ କ୍ରମାଗତ ଭାବରେ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଥିବାରୁ ଏଥି ପୂର୍ବରୁ ଗତ ମାର୍ଚ୍ଚ ୧୧ ଏବଂ ୨୬ ସେପଟ୍ମେର ରେ ଏ ବାବଦରେ ମାନ୍ୟବର ମୂଖ୍ୟମନ୍ତ୍ରୀ ଏବଂ ଉପରୋକ୍ତ ଜିଲ୍ଲା ପ୍ରଶାସନ ଅଧିକାରୀ ଙ୍କୁ ଅବଗତ କରା ଯାଇଥିଲେ ମଧ୍ୟ ଅଦ୍ୟାବଧି ମଦ କାଉଣ୍ଟର ବନ୍ଦ କରାଯିବା ପାଇଁ କୌଣସି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏ ଅଞ୍ଚଳରେ ପ୍ରବଳ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆସନ୍ତା ମେ ୩୧ ତାରିଖ ସୁଦ୍ଧା ଗଡଦେଉଳିଆ ଠାରେ ବିଦେଶୀ ମଦ ଦୋକାନ କୁ ସଂପୂର୍ଣ୍ଣ ଭାବେ ବନ୍ଦ ନ କରାଗଲେ, ଜିଲ୍ଲାପାଳ ଙ୍କ ଅଫିସ ଆଗରେ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଆମରଣ ଅନଶନ ରେ ବସିବା ପାଇଁ ଆଞ୍ଚଳିକ ଜନ ପ୍ରତିନିଧି ଓ ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି।

# ୧୬ ବର୍ଷରୁ କମ୍ ଜଟଣୀ କ୍ରିକେଟ କପ

ଖୋର୍ଦ୍ଧା , ୨୮/୫ (ନି.ପ୍ର): ଜଟଣୀ କ୍ରିକେଟ ଏକାଡେମୀ ଦ୍ୱାରା ଆନୁକୂଲ୍ୟରେ ୧୬ ବର୍ଷ ରୁ କମ ବୟସ ର କ୍ରିକେଟ ଖେଳାଳୀ ମାନଙ୍କୁ ନେଇ ଜଟଣୀ କ୍ରିକେଟ କପ ୨୦୨୬ ସ୍ଥାନୀୟ ଜଟଣୀ ମହାବିଦ୍ୟାଳୟ ଖେଳ ପଡିଆ ଠାରେ ଆସନ୍ତା ମେ ୩୧ ତାରିଖରୁ ଜୁନ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ ଟି ଦଳ ଭାଗ ନେବେ। ଦଳ ଗୁଡିକ ୨ ଟି ଗ୍ରୁପ ରେ ବାଣ୍ଟି ହୋଇ ଜଣକେ ୩ ଟି ଲେଖାଏଁ ଲିଗ ମ୍ୟାଚ ଖେଳିବେ। 'ଏ' ଗ୍ରୁପରେ ଜଟଣୀ କ୍ରିକେଟ ଏକାଡେମୀ, ଓସ୍କାର ଭୁବନେଶ୍ୱର, ସୋଲାର କଟକ, ସନ ସାଇନ ପିପିଲି ଦଳ ଥିବାବେଳେ 'ବି' ଗ୍ରୁପ ରେ ରାଇଜିଙ୍ଗ ଷ୍ଟାର କଟକ, ଖୋର୍ଦ୍ଧା, ଆର ଆର କେ, ଜେ ସି ଏ ଦଳ ଅଛନ୍ତି ବୋଲି ଆୟୋଜନ କମିଟି ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ,ଦୁଇ କୋଷାଧକ୍ଷ ସନ୍ତୋଷ ପଟ୍ଟନାୟକ ଓ ସନ୍ଦୀପ ପାଇକରାୟ ଏକ ସାମ୍ବାଦିକ ସମ୍ମିଳନୀ ରେ ଜଣାଇଛନ୍ତି। ଏ ବର୍ଷ ଏହି କପ ର ଦ୍ୱିତୀୟ ସଂସ୍କରଣ ର ଫାଇନାଲ ଆସନ୍ତା ଜୁନ ୭ ତାରିଖରେ ହେବ।

# ଭଦ୍ରକରେ ଏନସି କ୍ୟାମ୍ପ ଚାଲିଛି: ଓଡିଶାର ଛଅଶହ କ୍ୟାଡେଟ୍ ଅଂଶଗ୍ରହଣ

ଭଦ୍ରକ, ୨୮/୫ (ନି.ପ୍ର): ଓଡିଶା ବାଟାଲିୟନ୍ ଏନସିସି, ଭଦ୍ରକ ଦ୍ୱାରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ / ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତିହିଡି, ଭଦ୍ରକଠାରେ ୨୪ ମେ ରୁ ୨ ଜୁନ୍ ୨୦୨୬ ପର୍ଯ୍ୟନ୍ତ ୧୦ ଦିନିଆ ମିଳିତ ବାର୍ଷିକ ତାଲିମ୍ ଶିବିର ଆୟୋଜନ କରାଯାଉଛି ।ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୬୦୦ ଜଣ କ୍ୟାଡେଟ୍ ଏହି ଶିବିରରେ ଅଂଶଗ୍ରହଣ କରୁଛନ୍ତି। ଶିବିର କମାଣ୍ଡାଣ୍ଟ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସଏସ ରଘୁବଂଶୀଙ୍କ ତତ୍ତ୍ୱାବଧାନରେ ଯୁବକମାନଙ୍କ ମଧ୍ୟରେ ନେତୃତ୍ୱ ଗୁଣ ଓ ଚରିତ୍ର ଗଠନ ପାଇଁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ତାଲିମ, ମ୍ୟାପ୍ ରିଡିଂ, ଫିଲ୍ଡ କ୍ରାଫ୍ଟ ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଦିଆଯାଉଛି ।ଶିବିରରେ ବୃକ୍ଷରୋପଣ ଏବଂ ସ୍ୱଚ୍ଛ ଭାରତ ଅଭିଯାନ ଭଳି ସାମାଜିକ ସେବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। କ୍ୟାଡେଟମାନଙ୍କ ମଧ୍ୟରେ ଏକତା ଓ ଭାବନା ବୃଦ୍ଧି ପାଇଁ ଡ୍ରିଲ୍, ଫାୟାରିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ତଃ-କମ୍ପାନୀ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଲେଫ୍ଟନାଣ୍ଟ କର୍ଣ୍ଣେଲ ଏସଏସ ରଘୁବଂଶୀ କହିଛନ୍ତି ଯେ ଏନସିସିର 'ଏକତା ଓ ଅନୁଶାସନ' ମୂଳମନ୍ତ୍ର ଅନୁଯାୟୀ ଯୁବ ଶକ୍ତିକୁ ରାଷ୍ଟ୍ର ନିର୍ମାଣ ଦିଗରେ ପରିଚାଳିତ କରିବା ଏହି ଶିବିରର ଲକ୍ଷ୍ୟ। ଶିବିର ୨ ଜୁନ୍ ୨୦୨୬ରେ ସମାପ୍ତ ହେବ।

# ମକରଧ୍ୱଜପୁର ପୋଲ ନିର୍ମାଣରେ ଆରମ୍ଭରୁ ବିଭ୍ରାଟ

- ■ବିନା ଚ୍ୟାନେଲରେ ସରିଲାଣି ୧୧ ପାଇଲିଂ
- ■ଫଳକ ନଥିବାରୁ ସବିଶେଷ ସୂଚନା ସମ୍ପର୍କରେ ଅଜ୍ଞ ଗ୍ରାମବାସୀ
- ■ନିମ୍ନମାନର କାମର ଭିଜିଲାନ୍ସ ତଦନ୍ତ ଦାବିକଲେ ଗ୍ରାମବାସୀ
- ■ଠିକାଦାର ମନମାନି ଜାରି ରହିଲେ ଧାରଣାରେ ବସିବେ ଗ୍ରାମବାସୀ

ଖଇରା, ୨୮/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମକରଧ୍ୱଜ ଗ୍ରାମ ନିକଟରେ କାନ୍ହେଇ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଚାଲିଥିବା ପୋଲ କାମରେ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି । ୨ମାସ ତଳେ ଆରମ୍ଭ ହୋଇଥିବା କାମର ପ୍ରଥମ ପର୍ଯ୍ୟାୟରେ ବିନା ଚ୍ୟାନେଲରେ ବୋରିଂ କରାଯାଉଥିବାରୁ ପୋଲର ସ୍ଥାୟିତ୍ୱ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିଭଳି ବିନା ସୂଚନା ଫଳକରେ କାମ ଚାଲିଥିବାରୁ ଗ୍ରାମବାସୀ ଏବେ ଅନ୍ଧାରରେ ରହିଛନ୍ତି । ଏଭଳି କାମକୁ ବିରୋଧ କରୁଥିବା ଜଣେ



ଯନ୍ତ୍ରୀଙ୍କ ବଦଳୀ ହେବା ପରେ ଠିକାଦାର ଙ୍କର ତୃତୀୟ ମହଲା ସହ ସମ୍ପର୍କକୁ ନେଇ କୋକୁଆ ଭୟ ସୃଷ୍ଟିକରାଯାଉଥିବାରୁ କୌଣସୀ ଯନ୍ତ୍ରୀ ତଦାରଖ କରିବାକୁ ଆସୁନଥିବା ବା ଠିକାଦାରଙ୍କ କାମକୁ ନେଇ ମୁହଁ ଖୋଲୁନଥିବା ଚର୍ଚ୍ଚା ହେଉଛି । କୋଟି କୋଟି ଟଙ୍କା ବ୍ୟୟରେ ଚାଲୁଥିବା ଏଭଳି ବେପରୁଆ କାମର ଭିଜିଲାନ୍ସ ତଦନ୍ତ କରିବାକୁ ମକରଧ୍ୱଜପୁର ଗ୍ରାମର ଦିନବନ୍ଧୁ ବେହେରା, ସୁରେନ୍ଦ୍ର ବେହେରା, ପଙ୍କଜିନୀ ବେହେରା, ଶାନ୍ତିଲତା ସ୍ୱାଇଁ ,ଚିନ୍ତାମଣି ବେହେରା, ରାମଚନ୍ଦ୍ର ସ୍ୱାଇଁ, ବିନୋଦ ସ୍ୱାଇଁ, ରାମଚନ୍ଦ୍ର ହାତୀ,ଦାମୋଦର ହାତୀ, ସନାତନ ବେହେରା ପ୍ରମୁଖ ଦାବୀ କରିଛନ୍ତି । ଯଦି ଏଭଳି ମନମାନୀ ଢଙ୍ଗରେ କାର୍ଯ୍ୟ ଚାଲୁରହେ ତେବେ ସମୂହ ଗ୍ରାମବାସୀ କାମ ବନ୍ଦ କରି ଧାରଣାରେ ବସିବାକୁ ବାଧ୍ୟ ହେବେ ବୋଲି ଉପରୋକ୍ତ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି । ୧୯୯୯ ମସିହା ବାତ୍ୟା ବନ୍ୟାରେ ଉକ୍ତ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ପରେ ଗ୍ରାମବାସୀଙ୍କ ବାରମ୍ବାର ଅନୁରୋଧ ପରେ ୨୦୨୩ ମସିହାରେ ତତକାଳିନ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ ସେତୁ ବାନ୍ଧଣା ଯୋଜନାରେ ପୋଲ ପାଇଁ ୪କୋଟି ୩୦ଲକ୍ଷ ଟଙ୍କା ଅନୁମୋଦନ ମିଳିଥିଲା । ୨୦୨୪ରେ କାମ ପାଇଁ ବିଭାଗ କେନ୍ଦ୍ରାପଡା ଅଞ୍ଚଳରୁ ଜଣେ ଠିକାଦାରଙ୍କ ସହ ଚୁକ୍ତି କରିଥିବା ବେଳେ ଦିର୍ଘ ୨ବର୍ଷ ପରେ ଏବେ କାମ ଆରମ୍ଭ ହୋଇଛି । ଆରମ୍ଭରୁ ବିଭ୍ରାଟ ଦେଖାଦେଇଥିବାରୁ ପୋଲ ସମ୍ପୂର୍ଣ୍ଣ ହେବ କି ନାହିଁ ତାକୁ ନେଇ ସାଧାରଣରେ ସଂଶୟ ଦେଖାଦେଇଛି । ମୋଟ ୨୦ଟି ପାଇଲିଂ ମଧ୍ୟରୁ ୧୧ଟି କାମ ସରିଥିବା ବେଳେ ୬ଟି ବିନା ଚ୍ୟାନେଲରେ ହୋଇଥିବା ନେଇ ଗ୍ରାମବାସୀ କହିବା ସହ ଏ ଗୁଡିକୁ ସଂଶୋଧନ କରି ପୁନର୍ବାର ପାଇଲିଂ କରିବାକୁ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଦାବୀ କରାଯାଇଛି । ଏ ସମ୍ପର୍କରେ ଅଧିକ୍ଷଣ ଯନ୍ତ୍ରୀ ଅମିର କୁମାର ସେଠୀଙ୍କ ପ୍ରତିକ୍ରିୟା ନେବାରେ ସୂଚନା ଫଳକ ଲଗାଇବା ପାଇଁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପାଇଲିଂରେ ଚାନେଲ ବ୍ୟବହୃତ ହୋଇନଥିବା ନେଇ ଅଭିଯୋଗ ପରେ ଠିକାଦାରଙ୍କୁ ଚ୍ୟାନେଲ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ସରକାରଙ୍କୁ ଚିଠି ଲେଖିଲେ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ

## ଆଇନ ମହାବିଦ୍ୟାଳୟ ଗୁଡିକୁ ତିନି ବର୍ଷୀୟା ଆଫିଲିଶନ ଦେବାପାଇଁ ପ୍ରସ୍ତାବ

ବାରିପଦା, ୨୮/୫ (ନି.ପ୍ର): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, କଟକ ଅଧୀନସ୍ଥ ଆଇନ ମହାବିଦ୍ୟାଳୟ ଗୁଡ଼ିକୁ ଉକ୍ତ ବିଶ୍ୱବିଦ୍ୟାଳୟ ବର୍ଷକିଆ ଅଫିଲିସନ ପ୍ରଦାନ କରୁଥିବା ସ୍ଥଳେ ବାର କାଉନସିଲ ଇଣ୍ଡିଆ ତିନିବର୍ଷିଆ ଅଫିଲିସନ ପ୍ରଦାନ କରିଥାଏ। ବାର କାଉନସିଲ ଅଫ ଇଣ୍ଡିଆ ପ୍ରତିବର୍ଷ ଡ଼ିସେମ୍ବର ୩୦ ତାରିଖ ସୁଦ୍ଧା ଅନ ଲାଇନ ପୋର୍ଟାଲରେ ଦରଖାସ୍ତ ଆହ୍ୱାନ କରିଥାଏ। ମାତ୍ର ମଧସୂଦନ ବିଶ୍ୱବିଦ୍ୟାଳୟ ସେହି ସମୟ ଭିତରେ ଆଫିଲସନ ଦେଇ ପାରୁ ନଥିବାରୁ ସେହି ମହାବିଦ୍ୟାଳୟ ଗୁଡିକ ଡ଼ିସେମ୍ବର ୩୦ ସୁଦ୍ଧା ଦରଖାସ୍ତ କରି ନପାରି ଡିଫଲଡର ହେଉଛନ୍ତି। ଏପରିକି ବିଳମ୍ବରେ ଆବେଦନ ପାଇଁ ଅନେକ ଆଇନ ମହାବିଦ୍ୟାଳୟ ଗୁଡିକ ଉପରେ ଦୁଇ ଲକ୍ଷ ପର୍ଯ୍ୟନ୍ତ ଫାଇନ ବାର କାଉନସିଲ ଇଣ୍ଡିଆ ଲାଗୁ କରୁଅଛି। ଏବଂ ଛାତ୍ର ଛାତ୍ରୀ ମାନେ ମାନସିକ ଚାପରେ ରହୁଛନ୍ତି। ଏହି ପ୍ରସଙ୍ଗରେ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ଗଭୀର ଚିନ୍ତା ପ୍ରକାଶ କରି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର କମିଶନର-କମ-ସଚିବଙ୍କୁ ଏକ ପତ୍ର ଲେଖି ଏହି ଅସ୍ଥାୟୀ ଅଫିଲିସାନ ଯୋଗୁଁ ରାଜ୍ୟର ଆଇନ ଛାତ୍ରଛାତ୍ରୀ, ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅନିଶ୍ଚିତତା ସୃଷ୍ଟି ହେଉଥିବା ଯୋଗୁ ବିଶେଷକରି ଛାତ୍ରଛାତ୍ରୀମାନେ ମାନସିକ ଚାପରେ ରହୁଥିବା ବେଳେ ତାଙ୍କର ଭବିଷ୍ୟତ ନେଇ ଚିନ୍ତା ବଢୁଥିବା ଉଲ୍ଲେଖ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱ ଦେଇ ଯଥା ଶୀଘ୍ର ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ସହିତ ବର୍ଷକିଆ ଆଫିଲିସନ ପରିବର୍ତ୍ତେ ତିନି ବର୍ଷିଆ ଆଫିଲିସନ ଦେବା ପାଇଁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦେବାପାଇଁ ଶ୍ରୀମତୀ ମହାନ୍ତ ତାଙ୍କ ପତ୍ର ରେ ଅନୁରୋଧ କରିଛନ୍ତି।

# ଟ୍ରେନ ଉପରେ ଖସିପଡିଲା କ୍ରେନ: ରେଲୱେ ସ୍ଲିପର ଲୋଡିଂ କାମରେ ନିୟୋଜିତ ଜଣେ କର୍ମଚାରୀ ଖସିପଡି ଅଳ୍ପକେ ବର୍ତ୍ତିଲେ

ନୀଳଗିରି, ୨୮/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଗୋପୀନାଥପୁର ରେଲୱେ ଷ୍ଟେସନରେ ବଡ଼ ଅଘଟଣ ଦେଖିବାକୁ ମିଳିଛି। ସୂଚନା ମୁତାବକ ଗୋପୀନାଥପୁର ରେଲୱେ ଷ୍ଟେସନରେ ଗୁରୁବାର ମଧ୍ୟାହ୍ନରେ ଷ୍ଟେସନସଂଲଗ୍ନ ସ୍ଲିପର ଫ୍ୟାକ୍ଟ୍ରିର ରେଲୱେ ବ୍ୟବହାରକରୁଥିବା ସ୍ଲିପରଗୁଡିକ ମାଲବାହୀ ଟ୍ରେନ୍‌ରେ ଲୋଡିଂ ହେଉଥିବା ସମୟରେ ୨ଟି ମାଲବାହୀ ଟ୍ରେନ୍‌ର ବଗିଉପରେ ଖସିପଡ଼ିଲା କ୍ରେନ୍ ।ଏହାସହ କ୍ରେନ୍ ପଡ଼ିବାରୁ ଷ୍ଟେସନର ବିଦ୍ୟୁତତାର ଛିଣ୍ଡି ଯାଇଥିଲା ।ଫଳରେ କିଛି ଘଣ୍ଟାପାଇଁ ପ୍ୟାସେଞ୍ଜର ଟ୍ରେନ୍ ବାତିଲ୍



ହୋଇଥିଲା। ଏହି ଘଟଣା ସମୟରେ ରେଲୱେସ୍ଲିପର ଲୋଡିଂ କାମରେ ନିୟୋଜିତ ଜଣେ କର୍ମଚାରୀ ଖସିପଡି ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବର ଲେଖିବା ବେଳକୁ ରେଳବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଜାରିରହିଛି।

# ଖବରକାଗଜ ବିତରକଙ୍କୁ ଅଂଶୁଘାତ

ନୀଳଗିରି, ୨୮/୫ (ନି.ପ୍ର): ନୀଳଗିରି ଘାଟଘରସାହି ଗ୍ରାମର ଖବର କାଗଜ ବିତରକ ଝୁନା ଓରଫ ଲୋକନାଥ ପାତ୍ର(୫୩)ଙ୍କୁ ଅଂଶୁଘାତ ହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ଯୋଗ୍ୟ ଶ୍ରୀ ପାତ୍ର ଦୈନନ୍ଦିନ ନୀଳଗିରି ରୁ ଶେରଗଡ଼, ବରୁଣସିଂ, ଖାନନଗର, ବିରୁଆଁ, ଭୂଇଁପଡା ପ୍ରମୁଖ ଗ୍ରାମରେ ଖବରକାଗଜ ବିତରଣ କରିଥାନ୍ତି। ସବୁଦିନ ଭଳି ଗତ ୨୭ତାରିଖ ବୁଧବାର ଖବରକାଗଜ ବିତରଣ କରୁଥିବା ବେଳେ ପୂର୍ବାହ୍ନ ୧୦ ଘଟିକା ସମୟରେ ଖାନନଗର ଛକଠାରେ ଟଳି ପଡିଥିଲେ। ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଅଂଶୁଘାତ କକ୍ଷରେ ଭର୍ତ୍ତି କରାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ସୁଧୁରୁଥିବା ଚିକିତ୍ସାକରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ଅନୁପସ୍ଥିତ ପାଇଁ ଖବରକାଗଜ ବିତରଣରେ ବାଧାପ୍ରାପ୍ତ ହୋଇଛି।

# ପୁରୀ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଆୟୋଜିତ

ଭୁବନେଶ୍ୱର, ୨୮/୫ (ନି.ପ୍ର): ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନ-୨୦୨୬ ଅଧୀନରେ ପୁରୀ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଆୟୋଜିତ ହୋଇଯାଇଛି। ଏହି ବର୍ଗରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ବର୍ଗରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ, ପୁରୀର ସାଂସଦ ଡକ୍ଟର ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ନାଥ ତରାଇ, ପୁରୀ ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ପୁରୀ ଜିଲ୍ଲାର ଅନ୍ୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଗଣ ଉପସ୍ଥିତ ଥିଲେ।

# ଭାରତ-ରୁଷିଆ ଶିକ୍ଷା ଶିଖର ସମ୍ମିଳନୀ ଆରମ୍ଭ: ବୈଷୟିକ, ଡାକ୍ତରୀ ଶିକ୍ଷା ଉପରେ ଆଲୋଚନା

ନୂଆଦିଲ୍ଲୀ, ୨୮/୫ : ଦ୍ୱିତୀୟ ଭାରତ-ରୁଷିଆ ଶିକ୍ଷା ସମ୍ମିଳନୀ-୨୦୨୬ (ଆଇ. ଆର. ଇ. ଏସ୍.-୨୦୨୬) ଗୁରୁବାର ଦିନ ଲେ ମେରିଡିଆନ୍ ହୋଟେଲରେ ଆରମ୍ଭ ହୋଇଛି । ଦୁଇ ଦିନିଆ ସମ୍ମିଳନୀର ପ୍ରଥମ ଦିନରେ ଉଭୟ ଦେଶର ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ବିଶ୍ୱବିଦ୍ୟାଳୟ ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଡାକ୍ତରୀ ଶିକ୍ଷା, ବୈଷୟିକ ଶିକ୍ଷା, ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏ. ଆଇ.), ଛାତ୍ର ବିନିମୟ ଏବଂ ମିଳିତ ଗବେଷଣା ଭଳି ବିଷୟ ଉପରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଏକାଡେମିକ୍ ସହଯୋଗ, ସଂସ୍ଥାଗତ ଭାଗିଦାରୀ ଏବଂ ଭବିଷ୍ୟତ ଭିତିକ ଶିକ୍ଷା ମଡେଲକୁ ମଜବୁତ କରିବା ଉପରେ ଧ୍ୟାନ ଦିଆଯାଇଥିଲା । ରୁଷୀୟ ଶିକ୍ଷା ପ୍ରତିଷ୍ଠାନ, ଭାରତର ରୁଷୀୟ ଦୂତାବାସ ରୋସୋଟ୍ରୁଡନିଚେଷ୍ଟୋ ଏବଂ ନୂଆଦିଲ୍ଲୀର ରୁଷୀୟ ହାଉସ୍ ସହଯୋଗରେ ଏହି ସମ୍ମିଳନୀର ଆୟୋଜନ କରାଯାଉଛି । ଭାରତରେ ଅବସ୍ଥାପିତ ରୁଷ ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍, ରୋସୋଟ୍ରୁଡ୍ନିଚେଷ୍ଟୋଙ୍କ ପ୍ରତିନିଧି କାର୍ଯ୍ୟାଳୟର ମୁଖ୍ୟ ଡ. ଏଲେନା ରେମିଜୋଭା, ରୁଷର ସ୍ୱାସ୍ଥ୍ୟ ଉପମନ୍ତ୍ରୀ ଡ. ତାତିୟାନା ସେମି ୟୋନୋଭା, ରୋସୋଟ୍ରୁଡ୍ନିଚେଷ୍ଟୋଙ୍କ ଉପମୁଖ୍ୟ ଡ. ପାଭେଲ ଶେଭସଭ୍ ମିଳିତ ଭାବେ ଏହାକୁ ଉଦଘାଟନ କରିଥିଲେ । ୟୁଲିଆ କୋଣ୍ଡିକୋଭା, ନିର୍ଦ୍ଦେଶକ, ଶିକ୍ଷା ବିଭାଗ, କୃଷି ମନ୍ତ୍ରଣାଳୟ, ରୁଷିଆ ଏବଂ ଭାରତୀୟ ପ୍ରତିନିଧିମାନଙ୍କ ମଧ୍ୟରେ ଡ. ଅଭିଜାତ ଚନ୍ଦ୍ରକାନ୍ତ ଶେଠ, ଅଧ୍ୟକ୍ଷ, ଜାତୀୟ ଚିକିତ୍ସା ଆୟୋଗ, ପ୍ରଫେସର ବିନୟ କୁମାର ପାଠକ, ସଭାପତି, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ପ୍ରଫେସର କେ. ସି. ଶର୍ମା, ସଭାପତି, ହରିୟାଣା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ, ଡ. ପଙ୍କଜ ମିତଲ, ସାଧାରଣ ସମ୍ପାଦକ, ଆସୋସିଏସନ ଅଫ୍ ଇଣ୍ଡିଆନ୍ ୟୁନିଭରସିଟିଜ୍, ପ୍ରଫେସର ଗୁରିନ୍ଦର ସିଂ, କୁଳପତି, ଏମିଟି ଏଜୁକେସନ୍ ଗ୍ରୁପ୍, ପି. କେ. ଗୁପ୍ତା, ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ, ଶାରଦା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ସାମିଲ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida